ଆଜି - ଶୁକ୍ରବାର
ତାରିଖ - ୨୩ ଅକ୍ଟୋବର ୨୦୨୬
ମାସ - ତୁଳା, ଦିନ - ୦୭
ତିଥି - ଦ୍ୱାଦଶୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ପୂର୍ବଭାଦ୍ର, କୁମ୍ଭ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୪୭: ୦୦
ସୂର୍ଯ୍ୟାସ୍ତ - ୫ : ୧୪ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


ଯେଉଁ ଦିନ ତୁମେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନଥାଅ, ସେଦିନ ନିଶ୍ଚିତ ହୋଇଯିବା ଉଚିତ୍ ଯେ ତୁମେ କୌଣସି ଭୁଲ୍ ବାଟରେ ଯାଉଛ ।
- ସ୍ୱାମୀ ବିବେକାନନ୍ଦ


E-News : www.Ajikali epaper.com

Vol.- 42 ISSUE- 189 R.N.I. REGD. No. 44026/86 ବାଲେଶ୍ୱର ୨୩ ଅକ୍ଟୋବର ୨୦୨୬ ଶୁକ୍ରବାର BALASORE 23 OCTOBER 2026 FRIDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ବିଦାୟ ନେଲେ ମା'



ଭୁବନେଶ୍ୱର: ସମଗ୍ର ଓଡ଼ିଶାରେ ଶାରଦୀୟ ଦୁର୍ଗାପୂଜା ଧୁମଧାମରେ ପାଳିତ ହୋଇଥିବା ବେଳେ ଏକାଦଶୀରେ ମା'ଙ୍କ ମେଲାଣି ଭକ୍ତମାନଙ୍କ ମଧ୍ୟରେ ଉତ୍ସାହ ଖେଳିଯାଇଛି । ଶୁକ୍ରବାର ଭୋର ସୁଦ୍ଧା ପ୍ରାୟ ସବୁସ୍ଥାନରେ ମେଢ଼ ବିଭିନ୍ନ ନଦୀରେ ବିସର୍ଜନ ହୋଇଥିଲା । ଭସାଣି ଶୋଭାଯାତ୍ରାରେ ସହରର ରାସ୍ତାଘାଟ ଦୁଲୁକିଥିଲା । ଘଂଟ, ଘଂଟା, ଢୋଲ, ମାଦଳ ବାଜା ଆଦି ପାରମ୍ପରିକ ବାଦ୍ୟଠାରୁ ବ୍ରାସ୍ ବ୍ରାଣ୍ଡ ଓ ଇଲୋକ୍ଟ୍ରୋନିକ୍ସ ବାଦ୍ୟଯନ୍ତ୍ରରେ ଶୋଭାଯାତ୍ରାକାରୀମାନେ ମେଢ଼କୁ ସାହି ପରିକ୍ରମା କରାଇ ସାରିବା ପରେ ମୁଖ୍ୟ ରାସ୍ତାରେ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ । ମହାନଗର ପୂଜା କମିଟି ଅଧୀନରେ ପାଖାପାଖି ୧୩୦ରୁ ଅଧିକ ମେଢ଼ ପାରମ୍ପରିକ ବ୍ୟବସ୍ଥାରେ ଭସାଣି ଶୋଭାଯାତ୍ରାରେ ସାମିଲ୍ ହୋଇ କାଠଯୋଡ଼ିର ଦେବୀଗଡ଼ ଅଭିମୁଖେ ଯାଇଥିଲେ । ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ଓ ଧନଜୀବନର ସୁରକ୍ଷା ଦୃଷ୍ଟିରୁ ଭସାଣି ଶୋଭାଯାତ୍ରା ପାଇଁ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ପୋଲିସ ପ୍ଲାଟୁନ୍ ମୁତୟନ କରାଯାଇଥିଲା । କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀର ସିଆର୍ପିଏଫ୍ ଓ ରାପିଡ୍ ଆକ୍ସନର ଫୋର୍ସ ମଧ୍ୟ ପୃଥକ୍ ଭାବେ ମୁତୟନ ହୋଇଥିଲେ । ପୁଲିସ ଫୋର୍ସ ସକାଳ ୮ଟା ସୁଦ୍ଧା ପ୍ରତି ମେଢ଼ ନିକଟରେ ପହଂଚିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ବିଭିନ୍ନ ସମ୍ବେଦନଶୀଳ ଅଂଚଳରେ ବନ୍ଧୁକଧାରୀ ଫୋର୍ସ କଡ଼ା ପହରା ଦେଉଥିବାର ଦେଖିବାକୁ ମିଳିଥିଲା ।

## ଚିନ୍ମୟ ଅମୃତ ମହୋତ୍ସବ ବିଶ୍ୱ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୩ ଅକ୍ଟୋବର ୨୦୨୬ ସକାଳ ୧୧ଟାରେ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଚିନ୍ମୟ ଅମୃତ ମହୋତ୍ସବ ବିଶ୍ୱ ସମ୍ମିଳନୀର ଉଦଘାଟନ କରିବେ । ଏହି ଅବସରରେ ସେ ସମାବେଶକୁ ମଧ୍ୟ ସମ୍ବୋଧିତ କରିବେ ।୨୩ ରୁ ୨୫ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ତିନିଦିନିଆ ସମ୍ମିଳନୀ ଭାରତ ଏବଂ ବିଦେଶର ୯,୦୦୦ ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ଏକତ୍ରିତ କରିବ । ଏହା ଚିନ୍ମୟ ମିଶନର ୭୫ ବର୍ଷ ପାଳନ ଅବସରରେ ବର୍ଷବ୍ୟାପୀ ଉତ୍ସବର ସମାପ୍ତିକୁ ଚିହ୍ନିତ କରେ, ଯାହା ୧୯୫୧ ମସିହାରେ ସ୍ୱାମୀ ଚିନ୍ମୟାନନ୍ଦଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ବିଶ୍ୱ ଆଧ୍ୟାତ୍ମିକ ଆନ୍ଦୋଳନ ଯାହା ବେଦାନ୍ତ ଏବଂ ଭଗବଦ୍ ଗୀତାର ଜ୍ଞାନକୁ ସମସ୍ତଙ୍କ ପାଇଁ ସୁଗମ କରିବା ପାଇଁ କରାଯାଇଥିଲା । ଦଶନ୍ଧି ଧରି, ମିଶନ୍ ଆଧ୍ୟାତ୍ମିକ ଶିକ୍ଷା, ସାଂସ୍କୃତିକ ସଂରକ୍ଷଣ, ଯୁବ ସଶକ୍ତିକରଣ ଏବଂ ସମାଜ ସେବା କ୍ଷେତ୍ରରେ ଏହାର କାର୍ଯ୍ୟକୁ ବିସ୍ତାର କରିଛି । ଗତ ବର୍ଷ ପ୍ରଧାନମନ୍ତ୍ରୀ ତାମିଲନାଡୁର ଗଙ୍ଗେଇକୋଣ୍ଡା ଚୋଳପୁରମରେ ଚିନ୍ମୟ ମିଶନ ଦ୍ୱାରା ପ୍ରସ୍ତୁତ ଇଲାଇୟାରାଜାଙ୍କ ସଙ୍ଗୀତ ସହିତ ଭଗବଦ୍ ଗୀତାର ଏକ ତାମିଲ ପୂଜ୍ୟକରଣ ଉନ୍ମୋଚନ କରିବା ସହିତ ବର୍ଷବ୍ୟାପୀ ଉତ୍ସବ ଆରମ୍ଭ ହୋଇଥିଲା । ବର୍ଷସାରା ଅନେକ



ପଦକ୍ଷେପ ଏବଂ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯେଉଁଥିରେ ବିଭିନ୍ନ ସ୍ଥାନରେ ସାମୂହିକ ହବନ, ତ୍ରିପୁରାର ମା ସୌନ୍ଦର୍ଯ୍ୟ ଚିନ୍ମୟୀ ମନ୍ଦିରର ପବିତ୍ରୀକରଣ ଏବଂ ଚିନ୍ମୟ ଗୀତା ସମର୍ପଣ ଅନ୍ତର୍ଭୁକ୍ତ ଥିଲା, ଯାହା ଅଧୀନରେ ବିଶ୍ୱର ୧ ଲକ୍ଷରୁ ଅଧିକ ଲୋକ ଅନଲାଇନରେ ଏକତ୍ର ଭଗବଦ୍ ଗୀତାର ୧୫ତମ ଅଧ୍ୟାୟ ଜପ କରିଥିଲେ । ଏହି ଉତ୍ସବର ଏକ ପ୍ରମୁଖ ପଦକ୍ଷେପ ଥିଲା ଗୀତା ପଂଚାମୃତ, ଯାହା ଭଗବଦ୍ ଗୀତାର ପାଂଚଟି ଚୟନିତ ଶ୍ଲୋକ ଉପରେ କେନ୍ଦ୍ରିତ । ସାରା ଦେଶରେ ଗୀତାର ବାର୍ତ୍ତା ପହଂଚାଇବା ପାଇଁ, ଚିନ୍ମୟ ଯୁବ କେନ୍ଦ୍ରର ୧୫ ଜଣ ଯୁବ ସଦସ୍ୟ ଦେଶସାରା ୪୦,୦୦୦ କିଲୋମିଟରରୁ ଅଧିକ ଯାତ୍ରା କରି ଚିନ୍ମୟ ଅମୃତ ଯାତ୍ରା କରିଥିଲେ ।

## 'ଇଣ୍ଡିଆ କେମ୍ ୨୦୨୬'ରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

### ଦ୍ରୁତ ଗତିରେ ଆଗଉଛି ଓଡ଼ିଶାର ଶିଳ୍ପାୟନ ପ୍ରକ୍ରିୟା




ମୁମ୍ବାଇ/ଭୁବନେଶ୍ୱର: ମୁମ୍ବାଇର ବମ୍ବେ ଏକ୍ସିବିସନ୍ ସେଂଟରଠାରେ 'ଇଣ୍ଡିଆ କେମ୍ ୨୦୨୬'ର ୧୪ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି । କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟ ଏବଂ ଫିକିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ତିନିଦିନିଆ ଶିଳ୍ପ ମହାକୁମ୍ଭରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟକୁ ଖଣିଭିତିକ ଅର୍ଥନୀତିରୁ କେମିକାଲ୍ ଓ ପେଟ୍ରୋକେମିକାଲ୍-ଭିତିକ ଶିଳ୍ପ ଅର୍ଥନୀତି ଆଡ଼କୁ ଅଗ୍ରସର କରାଇବାର ସଂକଳ୍ପ ପ୍ରକାଶ କରିଛନ୍ତି । ୨୦୪୦ ସୁଦ୍ଧା ଭାରତର ୧ ଟ୍ରିଲିୟନ୍ ଡଲାରର କେମିକାଲ୍ ଅର୍ଥନୀତି ଲକ୍ଷ୍ୟକୁ ସାକାର କରିବାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ନିବେଶ କରିବାକୁ ଏବଂ ସମୃଦ୍ଧ ଓଡ଼ିଶାର ଅଂଶୀଦାର ହେବାକୁ ଆହ୍ୱାନ ଦେଇଛନ୍ତି ।କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ରାଜ୍ୟର ଖଣିଭିତିକ ଅର୍ଥନୀତିରୁ ଏକ କେମିକାଲ୍-ଭିତିକ ଶିଳ୍ପ ଅର୍ଥନୀତି ଆଡ଼କୁ ଅଗ୍ରସର ହେବାର ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି । ରାଜ୍ୟର ଖଣିଜ ସମ୍ପଦ, ବନ୍ଦର, ଶିଳ୍ପ ଭିତିଭୂମି ଏବଂ ନୂତନ ନିବେଶ ସୁଯୋଗଗୁଡ଼ିକୁ କାମରେ ଲଗାଇ ଏହି ରୂପାନ୍ତରଣ କରାଯିବ ବୋଲି ସେ ମତ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ପାରାଦୀପ, ଗୋପାଳପୁର ଏବଂ ଧାମରା ବନ୍ଦର ମାଧ୍ୟମରେ ଓଡ଼ିଶାର ରଣନୈତିକ ସୁବିଧାଗୁଡ଼ିକୁ ଆଲୋକପାତ କରିଥିଲେ, ଯାହାକି ଆଭ୍ୟନ୍ତରୀଣ ଏବଂ ଆନ୍ତର୍ଜାତିକ ବଜାର ସହିତ ସଂଯୋଗ ସ୍ଥାପନ କରିବାରେ ସହାୟକ ହେଉଛି । ସେ ପାରାଦୀପ ପେଟ୍ରୋଲିୟମ, କେମିକାଲ୍ସ ଏବଂ ପେଟ୍ରୋକେମିକାଲ୍ସ ଇନଭେଷ୍ଟମେଂଟ ରିଜନ, ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ଼ର ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ ଏବଂ ପାରାଦୀପର ପ୍ଲାଷ୍ଟିକ୍ ପାର୍କର ଗୁରୁତ୍ୱକୁ କହି ପଲିମର, ପ୍ୟାକେଜିଂ ଏବଂ ଟେକ୍ନିକାଲ୍ ଟେକ୍ସଟାଇଲ୍ସ କ୍ଷେତ୍ରରେ ଡାଉନ୍ ?ଷ୍ଟ୍ରିମ୍ ସୁଯୋଗ ସୃଷ୍ଟି କରୁଛି ବୋଲି କହିଥିଲେ । ଗୋପାଳପୁରରେ ରେଫ୍ରିଜରେଂଟ୍ସ, ଫ୍ଲୋରୋକେମିକାଲ୍ସ, ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଗ୍ରୀନ୍ ଆମୋନିଆ ତଥା ତାଳଚେର ଏବଂ ଲଖନପୁରରେ କୋଇଲା ଗ୍ୟାସୀକରଣ ଭିତିକ ପ୍ରକଳ୍ପଗୁଡ଼ିକରେ ଉତ୍ପନ୍ନ ହେଉଥିବା ନୂତନ ସୁଯୋଗଗୁଡ଼ିକୁ ମଧ୍ୟ ସେ ଉଲ୍ଲେଖ କରିଥିଲେ । ଏହି ବିକାଶଗୁଡ଼ିକ ଆଭ୍ୟନ୍ତରୀଣ ଉତ୍ପାଦନକୁ ଦୃଢ଼ କରିବା ଏବଂ ଭାରତର କେମିକାଲ୍ ଓ ପେଟ୍ରୋକେମିକାଲ୍ ମୂଲ୍ୟ ଶୃଙ୍ଖଳାରେ ଓଡ଼ିଶାର ଭୂମିକାକୁ ସମ୍ପ୍ରସାରିତ କରିବାରେ ସାହାଯ୍ୟ କରିବ ବୋଲି ସେ ମତପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ଯେ ଓଡ଼ିଶାରେ ଅଢ଼େଇ ବର୍ଷରୁ କମ୍ ସମୟ ମଧ୍ୟରେ ପ୍ରାୟ ୨୦୦ଟି ଶିଳ୍ପ ପ୍ରତିଷ୍ଠାନ ସ୍ଥାପିତ ହୋଇଛି, ଯାହାକି ପ୍ରାୟ ୩.୫୨ ଲକ୍ଷ କୋଟି ଟଙ୍କାର ନିବେଶକୁ ପ୍ରତିନିଧିତ୍ୱ କରୁଛି । ରାଜ୍ୟରେ ୨୨.୫୦ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ପ୍ରସ୍ତାବ ପ୍ରାପ୍ତ ହୋଇଛି, ଯେଉଁଥିରୁ ୧୨.୫୦ ଲକ୍ଷ କୋଟି ଟଙ୍କାରୁ ଅଧିକକୁ ହାଇ-ଲେଭେଲ୍ କ୍ଲିୟରାନ୍ସ ଅଥରିଟି ଅନୁମୋଦନ ପ୍ରଦାନ କରିଛନ୍ତି ।

## ଯମୁନା ପୁନରୁଦ୍ଧାର ପାଇଁ ୮,୯୪୧ କୋଟିଟଙ୍କା ପ୍ରକଳ୍ପର ଶୁଭାରମ୍ଭ କଲେ ଅମିତ ଶାହ




ନୂଆଦିଲ୍ଲୀ: କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ଦିଲ୍ଲୀରେ ଯମୁନା ନଦୀର ପୁନରୁଦ୍ଧାର ସମ୍ବନ୍ଧୀୟ ୮,୯୪୧ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍ଘାଟନ ଏବଂ ଶିଳାନ୍ୟାସ ସମାରୋହରେ ଯୋଗ ଦେଇଥିଲେ । ଏହି ଅବସରରେ ଦିଲ୍ଲୀର ଉପରାଜ୍ୟପାଳ ଶ୍ରୀ ତରଣଜିତ ସିଂହ ସାନ୍ଧୁ, ମୁଖ୍ୟମନ୍ତ୍ରୀ ଶ୍ରୀମତୀ ରେଖା ଗୁପ୍ତାଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ ।ଶ୍ରୀ ଅମିତ ଶାହ ନିଜ ଅଭିଭାଷଣରେ କହିଥିଲେ ଯେ ଆଜି ଏଠାରେ ଯମୁନା ନଦୀର ଶୁଦ୍ଧିକରଣ ପାଇଁ ପ୍ରାୟ ୯,୦୦୦ କୋଟି ଟଙ୍କାର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦଘାଟନ ଏବଂ ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ଦିଲ୍ଲୀରେ ଆମ ଦଳର ସରକାର ଗଠନ ହେବା ମାତ୍ରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକି ଯମୁନାକୁ ଶୁଦ୍ଧ କରିବାର ନିଜର ଲକ୍ଷ୍ୟକୁ ଦିଲ୍ଲୀ ସରକାର ଏବଂ ଗୃହ ମନ୍ତ୍ରଣାଳୟ ସମ୍ମୁଖରେ ଉପସ୍ଥାପନ କରିଥିଲେ । ଏତେ କମ୍ ସମୟ ମଧ୍ୟରେ ଆମେ ୪୦ ପ୍ରତିଶତରୁ ଅଧିକ ସଫଳତା ହାସଲ କରିଛୁ ।ଶ୍ରୀ ଅମିତ ଶାହ କହିଥିଲେ ଯେ ବିଗତ ୩୦ ବର୍ଷ ଧରି ପୂର୍ବ ସରକାରମାନେ ଦିଲ୍ଲୀର ବର୍ଜ୍ୟଜଳକୁ ଯମୁନା ନଦୀରେ ନିଷ୍କାସିତ କରିବା ପାଇଁ ଅନୁମତି ଦେଇଥିଲେ ଏବଂ ପ୍ରତିଦିନ ଡାଏରୀରୁ ୨,୦୦୦ ଟନ୍ ଗୋବର ଯମୁନା ନଦୀରେ ଫିଙ୍ଗି ଦେଉଥିଲେ । ଏକ ସମୟରେ, ଉତର ପ୍ରଦେଶ ଏବଂ ହରିୟାଣାରେ ମୁଖ୍ୟ ବିରୋଧୀ ଦଳର ସହଯୋଗୀମାନଙ୍କ ସରକାର କ୍ଷମତାରେ ଥିଲା, ଏବଂ ହରିୟାଣାରୁ ଶିଳ୍ପ ବର୍ଜ୍ୟ ଜଳ ତଥା ଉତର ପ୍ରଦେଶରୁ ମଇଳା ଜଳ ମଧ୍ୟ ଯମୁନାକୁ ପ୍ରବାହିତ ହେଉଥିଲା । ସେ କହିଥିଲେ ଯେ ଆଜି ଆମ ଦଳର ସରକାର କେନ୍ଦ୍ରରେ ଏବଂ ଦିଲ୍ଲୀ, ହରିୟାଣା ଏବଂ ଉତର ପ୍ରଦେଶରେ କ୍ଷମତାରେ ରହିଛି । ଏହି ଚାରୋଟି ରାଜ୍ୟରେ ଆମ ସରକାର ମିଳିତ ଭାବେ ଉତର ପ୍ରଦେଶ, ହରିୟାଣା ଏବଂ ଦିଲ୍ଲୀ ପାଇଁ ସମୟବଦ୍ଧ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି, ଯାହା ମାଧ୍ୟମରେ ଆମେ ୨୦୨୯ ସୁଦ୍ଧା ଯମୁନାକୁ ସ୍ୱଚ୍ଛ କରିବୁ । ଶ୍ରୀ ଶାହ କହିଥିଲେ ଯେ ଆମେ ଏପରି ଏକ ଦିଲ୍ଲୀ ନିର୍ମାଣ କରିବାକୁ ଚାହୁଁଛୁ ଯେଉଁଠାରେ ଘର ସୁନ୍ଦର ହେବ, ପାଣି ଶୁଦ୍ଧ ହେବ, ରାସ୍ତାଗୁଡ଼ିକ ସ୍ୱଚ୍ଛ ହେବ, ଆବର୍ଜନା ପାହାଡ଼ ନଥିବ, ଏବଂ ଯମୁନା ଥରେ ସଫା ହୋଇଗଲେ, ଏଠାରୁ ସଙ୍ଗମ ପର୍ଯ୍ୟନ୍ତ ଲୋକମାନଙ୍କୁ ଆଶୀର୍ବାଦ ଦେଇପାରିବ । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ଏହି କାର୍ଯ୍ୟକୁ ଏକ ଅତୁଟ ସଂକଳ୍ପ ଭାବେ ଗ୍ରହଣ କରିଛନ୍ତି ଏବଂ ଆଜି ସେହି ସଂକଳ୍ପର ଏକ ବହୁତ ବଡ଼ ଅଂଶ ପୂରଣ ହେଉଛି ।କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ଆଜି ଏଠାରେ ୧୦ଟି ପ୍ରକଳ୍ପର ଉଦଘାଟନ ସହ ୩୩ଟି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ସେ କହିଥିଲେ ଯେ ମୋଟ ୮,୯୪୧ କୋଟି ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିବା ଏହି ଯୋଜନା ମାଧ୍ୟମରେ ଅନେକ ଲକ୍ଷ ଲିଟର ଜଳ ଶୁଦ୍ଧ ହେବ ଏବଂ ଯମୁନାକୁ ପ୍ରବାହିତ ହେବ । ଆଜି ଏଠାରେ ଦିଲ୍ଲୀର ଅନେକ ଅଂଚଳ ସହ ଜଡ଼ିତ ପ୍ରକଳ୍ପଗୁଡ଼ିକର ଉଦଘାଟନ କରାଯାଇଥିଲ ।

## ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଉନବିଂଶତମ 'ଅର୍ବାନ୍ ମୋବିଲିଟି ଇଣ୍ଡିଆ' ସମ୍ମିଳନୀ ଉଦ୍‌ଘାଟନ ହେବ




ଭୁବନେଶ୍ୱର: ଭାରତ ସରକାରଙ୍କ ଆବାସ ଓ ସହରାଂଚଳ ବ୍ୟାପାର ମନ୍ତ୍ରଣାଳୟ ଓଡ଼ିଶା ସରକାରଙ୍କ ସହଯୋଗରେ ଚଳିତ ସପ୍ତାହରେ ଭୁବନେଶ୍ୱରରେ ଦୁଇଟି ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯାଉଛି ।ଆସନ୍ତାକାଲି ଅର୍ଥାତ୍ ଅକ୍ଟୋବର ୨୩ ଏବଂ ୨୪ ତାରିଖରେ ଉନବିଂଶତମ 'ଅର୍ବାନ୍ ମୋବିଲିଟି ଇଣ୍ଡିଆ' (ୟୁଏମଆଇ) ସମ୍ମିଳନୀ ଓ ପ୍ରଦର୍ଶନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେବ । ଏହା ପରେ ଆସନ୍ତା ୨୪ ଓ ୨୫ ତାରିଖରେ ଜାତୀୟ ସହରାଂଚଳ ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ମଧ୍ୟ ଭୁବନେଶ୍ୱରରେ ଆୟୋଜିତ ହେବ ।ଆଜି ଭୁବନେଶ୍ୱରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ, କେନ୍ଦ୍ର ଆବାସ ଓ ସହରାଂଚଳ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ସତୀନ୍ଦର ପାଲ ସିଂହ ଜାତୀୟ ସହରାଂଚଳ ସମ୍ମିଳନୀ ୨୦୨୬ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ସେହିପରି, ମନ୍ତ୍ରଣାଳୟର ଯୁଗ୍ମ ସଚିବ ପ୍ରବୀର କୁମାର 'ଅର୍ବାନ୍ ମୋବିଲିଟି ଇଣ୍ଡିଆ' ସମ୍ମିଳନୀ ଓ ପ୍ରଦର୍ଶନୀ ସମ୍ବନ୍ଧୀୟ ବିବରଣୀ ପ୍ରଦାନ କରିଥିଲେ । ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ରାଜ୍ୟ ସରକାରଙ୍କ ସହଯୋଗ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଏହି ଅବସରରେ କେନ୍ଦ୍ର ଆବାସ ଓ ସହରାଂଚଳ ବ୍ୟାପାର ମନ୍ତ୍ରଣାଳୟର ନିର୍ଦ୍ଦେଶକ ଯୋଗେଶ ଅଖିଲ, କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର ମଧ୍ୟ ଉପସ୍ଥିତ ଥିଲେ । ଜାତୀୟ ସହରାଂଚଳ ସମ୍ମିଳନୀ ୨୦୨୬:ଜାତୀୟ ସହରାଂଚଳ ସମ୍ମିଳନୀ ୨୦୨୬ ବିଷୟରେ ସୂଚନା ଦେଇ ସତୀନ୍ଦର ପାଲ ସିଂହ କହିଥିଲେ, ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ୨୪-୨୫ ଅକ୍ଟୋବରରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମ କେନ୍ଦ୍ର ଆବାସ ଓ ସହରାଂଚଳ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଓଡ଼ିଶା ସରକାରଙ୍କ ସହାୟତାରେ, ହୁଡ଼କୋ ଏବଂ ଏନବିସିସିର ସହାୟତାରେ ଆୟୋଜିତ ହେଉଛି । ଜାତୀୟ ସହରାଂଚଳ ବ୍ୟାପାର ପ୍ରତିଷ୍ଠାନ (ଏନଆଇୟୁଏ) ବୌଦ୍ଧିକ ଅଂଶୀଦାର ଭାବରେ କାର୍ଯ୍ୟ କରୁଛି ଏବଂ ହୁଡ଼କୋ ଓ ଏନବିସିସିର ପ୍ରମୁଖ ପ୍ରାୟୋଜକ ଦାୟିତ୍ୱ ନିର୍ବାହ କରୁଛି ।ସେ କହିଛନ୍ତି, ଚଳିତ ବର୍ଷର ସମ୍ମିଳନୀ 'ସହରାଂଚଳ ବିକାଶ - ସହରାଂଚଳ ବ୍ୟବସ୍ଥା, ସମାଧାନ ଏବଂ ସେବା ପ୍ରଦାନ ପ୍ରକ୍ରିୟାର ପୁନର୍ବିଚାର' ବିଷୟବସ୍ତୁ ଉପରେ ଧ୍ୟାନ ଦେବ । ଭାରତୀୟ ସହରଗୁଡ଼ିକର ପରିଚାଳନାରେ ଉନ୍ନତି ଆଣିବା ପାଇଁ ସହରାଂଚଳ ବ୍ୟବସ୍ଥା, ଅନୁଷ୍ଠାନ ଏବଂ କାର୍ଯ୍ୟକାରିତା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଆଲୋଚନା ହେବ ।

## ଆଜି ଆଜରବାଇଜାନ ଯିବେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର



ନୂଆଦିଲ୍ଲୀ, : ବିଦେଶ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଅକ୍ଟୋବର ୨୩ ତାରିଖରେ ଆଜରବାଇଜାନକୁ ଏକ ସରକାରୀ ଗସ୍ତରେ ଯିବେ । ଏହି ଗସ୍ତ ସମୟରେ ସେ ଦ୍ୱିପାକ୍ଷିକ ବୈଠକ କରିବା ସହ ଦୁଇ ଦେଶ ମଧ୍ୟରେ ଥିବା ସମ୍ପର୍କର ସମୀକ୍ଷା କରିବେ । ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ଜାରି କରି ଏହି ସୂଚନା ଦିଆଯାଇଛି ।୨୦୧୮ ମସିହାରେ ସୁଷମା ସ୍ୱରାଜ ଆଜରବାଇଜାନ ଗସ୍ତ କରିବା ପରେ ଦୀର୍ଘ ଆଠ ବର୍ଷ ମଧ୍ୟରେ ଏହା ଜଣେ ଭାରତୀୟ ବିଦେଶ ମନ୍ତ୍ରୀଙ୍କ ପ୍ରଥମ ଗସ୍ତ ହେବ । ବିଶକ୍କେକ୍ରେ ଅନୁଷ୍ଠିତ ଏସ୍ସିଓ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆଜରବାଇଜାନର ରାଷ୍ଟ୍ରପତି ଇଲହାମ୍ ଅଲିୟେଭଙ୍କ ମଧ୍ୟରେ ହୋଇଥିବା ସଦ୍ୟ ବୈଠକ ପରେ ଜୟଶଙ୍କରଙ୍କ ଏହି ଗସ୍ତ ହେଉଛି । ଭାରତ ଏବଂ ଆଜରବାଇଜାନ ମଧ୍ୟରେ ଐତିହାସିକ ଓ ସାଂସ୍କୃତିକ ସମ୍ପର୍କ ରହିଛି । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ମୁଖ୍ୟତଃ ଶକ୍ତି, ବୟନଶିଳ୍ପ ଏବଂ ଯନ୍ତ୍ରପାତି କ୍ଷେତ୍ର ଉପରେ କେନ୍ଦ୍ରିତ ରହିଛି ।

## ବାଲେଶ୍ୱରରେ ୨୭ତମ ବିରାଟ ରାବଣପୋଡ଼ି ସମାରୋହ ଅନୁଷ୍ଠିତ

### ଆକର୍ଷଣୀୟ ହେଲା ଆତସବାଜି ଏବଂ ଇଲେକ୍ଟ୍ରୋନିକସ୍ ଫାୟାର ସିଷ୍ଟମ୍





ବାଲେଶ୍ୱର: ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ 'ବାଲେଶ୍ୱର ରାବଣ ପୋଡ଼ି କମିଟି' ପକ୍ଷରୁ ମହାନବମୀ ସନ୍ଧ୍ୟାରେ ସହରର ଆଇଟିଆଇ ପଡ଼ିଆରେ ୨୭ତମ ବିରାଟ ରାବଣପୋଡ଼ି ସମାରୋହ ପାଳନ କରାଯାଇଛି । ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ.କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଚଳିତ ବର୍ଷର ରାବଣ ପୋଡ଼ି ସମାରୋହକୁ ଉଦ୍ଘାଟନ କରିଥିଲେ । ବାଲେଶ୍ୱର ର ସଂସ୍କୃତି ଓ ପରମ୍ପରାକୁ ବଂଚାଇ ରଖିବା ପାଇଁ ୨୭ ବର୍ଷ ଧରି 'ରାବଣ ପୋଡ଼ି କମିଟି'ର ନିରନ୍ତର ପ୍ରୟାସକୁ ସ୍ୱାଗତ କରିଥିଲେ । ସମାଜକୁ ନିଶାମୁକ୍ତ କରିବା ଓ ସାଇବର ଠକେଇରୁ ଦୂରେଇ ରହିବା ସମ୍ପର୍କରେ ମନ୍ତ୍ରୀ ଡ. ମହାପାତ୍ର ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ଆଗାମୀ ଦିନରେ ରେମୁଣା ଓ ସଦର ନିର୍ବାଚନ ମଣ୍ଡଳୀକୁ ନେଇ ହେବାକୁ ଥିବା ମହାନଗର ନିଗମ ସମ୍ପର୍କରେ ସେ ସୂଚନା ଦେଇଥିଲେ । ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ୍ କୁମାର ଦତ, ପୂର୍ବାଂଚଳ ଡିଆଇଜି ପିନାକ୍ ମିଶ୍ର, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସପି ପ୍ରତ୍ୟୁଷ ଦିବାକର, ବାଲେଶ୍ୱର ଉପଜିଲ୍ଲାପାଳ ଶିବ ମାଲବୀୟ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଂଟିଆ, ଜିଲ୍ଲାପରିଷଦ ସଭାପତି ନାରାୟଣ ପ୍ରଧାନ, ପୌରଧକ୍ଷା ସବିତା ସାହୁ, ପୂର୍ବତନ ବିଧାୟକ କାନ୍ଦରା ସୋରେନ, ବାଲେଶ୍ୱର ରାବଣ ପୋଡ଼ି କମିଟି'ର ଉପଦେଷ୍ଟା ହରେକୃଷ୍ଣ ଦାଶ୍, କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ପଟ୍ଟନାୟକ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାବାସୀଙ୍କୁ ଶାରଦୀୟ ଦୂର୍ଗା ପୂଜାର ଶୁଭେଚ୍ଛା ଜଣାଇଥିଲେ ।କମିଟିର ସଭାପତି ଡ. ଲକ୍ଷ୍ମୀନାରାୟଣ ମହାନ୍ତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ରାବଣପୋଡ଼ି ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଚଳିତ ବର୍ଷ ରାବଣ ପୋଡ଼ି କାର୍ଯ୍ୟକ୍ରମ ସଫଳ ହୋଇଥିବା ବେଳେ ଆଗାମୀ ବର୍ଷରେ ଏହା ଅଧିକ ଆକର୍ଷଣୀୟ ହେବ ବୋଲି ବୋଲି ଡ. ମହାନ୍ତି କହିଥିଲେ । କମିଟିର ସାଧାରଣ ସମ୍ପାଦକ କିଶୋର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶିକ୍ଷାବିତ୍, ସମାଜସେବୀ ତଥା ଜଗନ୍ନାଥ ଗୃପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ ର ପ୍ରତିଷ୍ଠାତା ଗଙ୍ଗାଧର ଜେନା, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ୍ ର ସଭାପତି ଗଣେଶ ପ୍ରସାଦ ମହାପାତ୍ର, ସୁଲଗ୍ନା ଗୃପ୍ ଅଫ୍ ଇନଷ୍ଟିଚ୍ୟୁସନ ର ଚେୟାରମ୍ୟାନ୍ ଡ. ଘନଶ୍ୟାମ ବିଶ୍ୱାଳ ଏବଂ ବସ୍ତା ଅଂଚଳର ସମାଜସେବୀ ସୁମନ୍ତ କୁମାର ଜେନାଙ୍କୁ ଏହି ଅବସରରେ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା । ସେହିପରି ମା ବୁଢ଼ୀ ବାସୁଲି ଡାନ୍ସ ଗ୍ରୁପ୍ କୁ ମଧ୍ୟ ସମ୍ମାନିତ କରାଯାଇଥିଲା । କମିଟିର ଉପସଭାପତି ଭାଗବତ ସାହୁ ଶେଷରେ ଧନ୍ୟବାଦ ଦେଇଥିଲେ । ସଭାକାର୍ଯ୍ୟ ପରେ ଅତିଥି ମାନଙ୍କ ଦ୍ୱାରା ଆକାଶ ଛତା ଛଡ଼ାଯାଇଥିଲା । ପରେ ବିଭିନ୍ନ ପ୍ରକାର ଆତସବାଜି ପ୍ରଦର୍ଶିତ ହୋଇଥିଲା । ଶେଷରେ ଅତିଥି ମାନେ ନିଶା ରାକ୍ଷସ ଓ ରାବଣରେ ଅଗ୍ନି ସଂଯୋଗ କରିଥିଲେ । ବାଲେଶ୍ୱର ସହର ସମେତ ଆଖପାଖ ଅଂଚଳରୁ ୫୦ହଜାର ଦର୍ଶକ ଆଇଟିଆଇ ପଡ଼ିଆରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ । ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ପୋଲିସ୍, ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ବେଳେ ଅଗ୍ନିଶମ ବିଭାଗ ପକ୍ଷରୁ ମଧ୍ୟ ଅଗ୍ନିନିର୍ବାପକ ବ୍ୟବସ୍ଥା କରାଯାଇଥିଲା । ସେହିପରି ପୌରପାଳିକା ପକ୍ଷରୁ ସମଗ୍ର ପଡ଼ିଆକୁ ସଫେଇ କରାଯାଇଥିଲା ଏବଂ ପୌରକାର୍ଯ୍ୟ ନିର୍ବାହି ଅଧିକାରୀ ସିରିୟାଲ ଶୁଭ୍ର ପଟେଲ ଏହାକୁ ତଦାରଖ କରିଥିଲେ । ସମ୍ପାଦକ ଚିତ ରଞ୍ଜନ ପଣ୍ଡା, ସତ୍ୟଶିବ ସୁନ୍ଦର ଦାଶ୍, ରାମନାରାୟଣ ଶତପଥି, ଯୁଗ୍ମ ସମ୍ପାଦିକା ରଞ୍ଜିତା ମହାପାତ୍ର, କୋଷାଧ୍ୟକ୍ଷ ଜ୍ୟୋତିରାଦିତ୍ୟ ମହାନ୍ତି, କାର୍ଯ୍ୟକାରୀ ସଦସ୍ୟ ଦିବ୍ୟଜ୍ୟୋତି ମହାନ୍ତି, 'ଆଜିକାଲି'ର ସମ୍ପାଦକ ଇ.ନିର୍ମାଲ୍ୟ ମହାନ୍ତି, ସଦସ୍ୟ ରାଧାକୃଷ୍ଣ ଦାସ, ସମରେଶ ସାମଲ୍, ଦିବାକର ମହାନ୍ତି, ଅରଧେନ୍ଦୁ ଶେଖର ଦାସ, ଶୁଭେନ୍ଦୁ ପଟ୍ଟନାୟକ, କାର୍ତିକ ରଣା, ସଦସ୍ୟା ସନ୍ଧ୍ୟାରାଣୀ ଭୂୟାଁ, ମିନତୀ ସେଠୀ, ଛବିରାଣୀ ମନ୍ତ୍ରୀ, ଜ୍ୟୋତିର୍ମୟୀ ସାମଲ, ରୋଜି ସାମଲ୍, ପ୍ରୀତିଲତା ସେଠୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନୃତ୍ୟ ନାଟିକା ସୀତା ହରଣ, ରାବଣ ଯୁଦ୍ଧ ପରିବେଶିତ ହୋଇଥିଲା । ରାବଣ ପୋଡ଼ି କମିଟି'ର ପ୍ରତିଷ୍ଠାତା ସ୍ୱର୍ଗତ ବିସ୍ମୟ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।





# ବାଲେଶ୍ୱରରେ ଦୁର୍ଗାପୂଜା ଶାନ୍ତି ଶୃଙ୍ଖଳାରେ ଶେଷ

## ଶାନ୍ତି ଶୃଙ୍ଖଳା ମଧ୍ୟରେ ମେଢ଼ ବିସର୍ଜିତ













ବାଲେଶ୍ୱର(ଦେବବ୍ରତ ପାଣିଗ୍ରାହୀ) ଉତାଳଭକ୍ତଙ୍କ ଗହଣରେ ୫ ଦିନର ରହଣି ପରେ ଧରାପୃଷ୍ଠରୁ ମେଲାଣି ନେଇଛନ୍ତି ଦୁର୍ଗତି ନାଶିନୀ ମାଆ ଦୁର୍ଗା । ପାର୍ବଣର ଶେଷ ପର୍ବ ଭାବେ ସବୁଠି ଚାଲିଛି ମାଆଙ୍କ ବିସର୍ଜନ ଓ ଆୟୋଜିତ ହୋଇଛି ଭସାଣି ଶୋଭାଯାତ୍ରା । ଚଳିତ ବର୍ଷ ବାଲେଶ୍ୱର ସହର ଓ ସହର ଉପକଣ୍ଠ ଗ୍ରାମାଂଚଳରେ ପୂଜା ପାଇଥିବା ମୋଟ ୯୭ରୁ ଊର୍ଦ୍ଧ୍ୱ ମଣ୍ଡପରେ ମାଆଙ୍କ ମୃଣ୍ମୟ ମୂର୍ତ୍ତିକୁ ଉଭୟ ବାଲିଘାଟ ଓ ନୁଣିଆଯୋଡ଼ିରେ ବିସର୍ଜନ କରାଯାଇଥିଲା ।ବୁଧବାରଦିନ ସନ୍ଧ୍ୟା ସୁଦ୍ଧା ୮ଟି ଘରୋଇ ମେଢ ସହ ୨ଟି ସାର୍ବଜନୀନ ମେଢ ଭସାଣ ଶେଷ ହୋଇଥିବା ବେଳେ ବାକି ସମସ୍ତ ମଣ୍ଡପର ଦେବୀଙ୍କ ମୃଣ୍ମୟ ମୂର୍ତ୍ତିକୁ ଏକାଦ୍ୱଶୀରେ ବିସର୍ଜନ କରାଯାଇଛି । ଗୁରୁବାର ପୂର୍ବାହ୍ନରୁ ଦେବୀଙ୍କ ମେଢ଼ ଭସାଣି ଶୋଭାଯାତ୍ରା ଆରମ୍ଭ ହୋଇ ରାତ୍ରିର ଶେଷ ପ୍ରହର ପର୍ଯ୍ୟନ୍ତ ଚାଲିଥିଲା । ଏନେଇ ପ୍ରଶାସନ ପକ୍ଷରୁ ଫକୀର ମୋହନ ଗୋଲେଇ ଓ ସିନେମାଛକରେ ଦୁଇଗୋଟି ଅସ୍ଥାୟୀ କ୍ୟାମ୍ପ ସ୍ଥାପନ ସହ ଭସାଣି ଶୋଭାଯାତ୍ରାକୁ ପରିଚାଳନା କରାଯାଇଥିଲା । ଡାକ୍ତରଖାନା ରୋଡ଼୍, କଲେଜ ରୋଡ଼୍ ଓ ଟାଉନହଲ ରୋଡ଼୍ ଦେଇ ଆସୁଥିବା ମେଢ଼-ଶୋଭାଯାତ୍ରକୁ କ୍ରମାନ୍ୱୟରେ ବାଲିଘାଟ ଅଭିମୁଖେ ଯିବାକୁ ଦିଆଯାଇଥିଲା । ଏକାଦଶୀ ଭସାଣ ଯାତ୍ରାରେ ନୁଣିଆଯୋଡ଼ିରେ ୩୯ଟି ମେଢ଼ ଓ ବାଲିଘାଟ ଠାରେ ମୋଟ ୫୦ଟି ମେଢ ବିସର୍ଜିତ ହୋଇଥିଲା । ଜିଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ, ଏସପି ପ୍ରତ୍ୟୁଷ ଦିଓ୍ୱାକର, ଅତିରିକ୍ତ ଜିଲାପାଳ , ବାଲେଶ୍ୱର ଉପ-ଜିଲାପାଳ ଶିବ ମାଲବ୍ୟ, ଡିଆଇଜି ପିନାକ ମିଶ୍ରଙ୍କ ସମେତ ବିଭାଗର ଅଧିକାରୀ ଓ ନିର୍ବାଚିତ ଲୋକ ପ୍ରତିନିଧିମାନେ ସିନେମାଛକରେ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ ଦତ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପୂଜା କମିଟିର କର୍ମକର୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏଡିସନାଲ ଏସପି, ଡିଏସପିଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀମାନେ ଉପସ୍ଥିତ ରହି ଭସାଣି ଶୋଭାଯାତ୍ରାକୁ ପରିଚାଳନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ କ୍ୟାମ୍ପରେ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ଘୋଷକ ଭାବେ ଦାୟିତ୍ୱ ତୁଲାଇଥିଲେ । ସମସ୍ତ ମେଢ଼ ଓ ଶୋଭାଯାତ୍ରା ଯିବା ପରେ ଶେଷରେ ସିନେମାଛକ ସ୍ଥିତ ମେଢ଼ ବିସର୍ଜନ ପାଇଁ ନିଆଯାଇଥିଲା । ଗୋଟିଏ ସ୍ଥାନରେ ଏକାଧିକ ମେଢ଼ ଦେଖିବା ପାଇଁ ବାଲେଶ୍ୱର ସହର ସମେତ ଜିଲାର ବିଭିନ୍ନ ଅଂଚଳରୁ ଲୋକେ ସିନେମାଛକରେ ଭିଡ଼ ଲଗାଇଥିଲେ । ଅନୁରୂପ ଭାବେ ପ୍ରତିବର୍ଷ ଭଳି ଚଳିତ ଦଶହରାରେ ସିନେମାଛକରେ ୨୬ରୁ ଊର୍ଦ୍ଧ୍ୱ ଦଳଙ୍କ ଆଖଡ଼ା ଖେଳ ପ୍ରଦର୍ଶନ ମଧ୍ୟ ବେଶ୍ ଉପଭୋଗ୍ୟ ଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଖେଳ ଚାଲିଥିଲା । ପାର୍ବଣର ବିଶେଷତା ଭାବେ ଦୀର୍ଘଦିନ ଧରି ଚାଲିଆସିଥିବା ବାଲେଶ୍ୱରରେ ପାଇକ ଆଖଡ଼ା ପ୍ରଦର୍ଶନ ପରମ୍ପରାକୁ ଉପଭୋଗ କରିବା ପାଇଁ ପ୍ରତିବର୍ଷ ଉତ୍ସୁକତାର ସହ ଅପେକ୍ଷା କରିଥିଲେ । ଏହି ଖେଳକୁ ଦେଖିବା ପାଇଁ ସହର ସମେତ ଜିଲାର ବିଭିନ୍ନ ଅଂଚଳରୁ ଲୋକେ ସିନେମାଛକରେ ରୁଣ୍ଡ ହୋଇଥିଲେ । ଜନଗହଳି ନିୟନ୍ତ୍ରଣ ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ପ୍ରଶାସନ ଓ ପୁଲିସର ପଦସ୍ଥ ଅଧିକାରୀମାନେ ସିନେମାଛକରେ ଉପସ୍ଥିତ ରହି ପରିସ୍ଥିତିକୁ ଅନୁଧ୍ୟାନ କରିଥିଲେ । ତେବେ ଚଳିତବର୍ଷ ଦୁର୍ଗାପୂଜା ଓ ଭସାଣି ଉତ୍ସବ ବେଶ୍ ଶାନ୍ତି ଶୃଙ୍ଖଳାର ସହ ଉଦ୍‌ଯାପିତ ହୋଇଥିଲେ ବି ଶବ୍ଦ ପ୍ରଦୂଷଣକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପରିଲକ୍ଷିତ ହୋଇଥିଲା । ଉଚ୍ଚ ଶବ୍ଦଯୁକ୍ତ ଡିଜେ ସାଉଣ୍ଡ ବ୍ୟବହାର ଉପରେ କଟକଣା କରାଯାଇଥିଲେ ବି କେତେକ ପୂଜା କମିଟି ପ୍ରଶାସନର ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରିଥିବା ଦେଖିବାକୁ ମିଳିଥିଲା । ପ୍ରକାଶଯେ, ୨୦ ତାରିଖ ବିଜୟା ଦଶମୀ ଅବସରରେ ସିନେମାଛକ ଠାରେ ପ୍ରଥମେ ରାତ୍ର ୮ଟା ୪୦ମିନିଟ୍ ସମୟରେ ମହାବୀର ଆଖଡ଼ା ମଠସାହି ନିଜର ଆଖଡ଼ା ପ୍ରଦର୍ଶନ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ରାତି ୮ଟା ୪୦ମିନିଟ୍‌ରୁ ଆରମ୍ଭ ହୋଇ କ୍ରମାନ୍ୱୟରେ ୩ ତାରିଖ ରାତ୍ର ୨ଟା ସମୟରେ ଆଖଡ଼ାଖେଳ ସମାପ୍ତ ହୋଇଥିଲା ଏବଂ ୨୬ଟି ଆଖଡ଼ା ଯଥା ମହାବୀର, ଗୋପାଳଗାଁ, ଯାଦବସେନା, ଦାମୋଦରପୁର, ଭୀମପୁରା, ସୁନହଟ, ପାତ୍ରପଡ଼ା, ବୀରବଜରଙ୍ଗ, ଗୋପାଳଗାଁ, ବାରବାଟୀ, ମାଣିଖମ୍ବ, କରଂଜଗଡ଼ି, ଖଲାସିଡିଙ୍ଗା, ଖକନଗଳି, କଳିଙ୍ଗ ପାଇକଆଖଡ଼ା, ଇଷାଣି, ହର୍ଷପୁରା, ମାନସିଂବଜାର, ବଉଳପୋଖରୀ, ଆଜିମାବାଦ, ବଟେଶ୍ୱର, ରଣସାହି, ରଣସାହି(ବି), ବାରିଙ୍ଗିଆ, ସୁଏଲପୁର ଏବଂ ଦଉଡ଼ିଭଙ୍ଗା ପ୍ରମୁଖ ଆଖଡ଼ାଗୁଡ଼ିକ କ୍ରମାନ୍ୱୟରେ ଆସିଥିଲେ । ଠାକୁରଗୁଡ଼ିକ ଟାଉନଥାନା ପଟେ ବାଲିଘାଟକୁ ଶୋଭାଯାତ୍ରାରେ ବାହାରିଥିବା ବେଳେ ଅପରାହ୍ନ ୧ଟା ୧୦ମିନିଟ୍ ସମୟରେ ଆରମ୍ଭ ହୋଇଥିଲା ସିନେମାଛକ ଠାରୁ ଭସାଣି ଉତ୍ସବ । ଏଥିରେ ଭାଗନେଇଥିବା ୫୦ଟି ମେଢ଼ ୨୩ ତାରିଖ ରାତ୍ର ୩ଟା ୩୫ ସୁଦ୍ଧା ଅର୍ଥାତ୍ ସିନେମାଛକ ଠାକୁର ବାଲିଘାଟ ଠାରେ ବିସର୍ଜିତ ହୋଇଥିଲେ ।





ସେହିପରି ୨୨ ତାରିଖ ୨ଟି ସାର୍ବଜନୀନ ସମେତ ୧୦ଟି ଘରୋଇ ମେଢ଼ ବାଲିଘାଟ ଶୋଭାଯାତ୍ରାରେ ବାହାରି ବିସର୍ଜିତ ହୋଇଥିବାର ଜଣାଯାଇଛି । ଏହି ଦୁଇ ଦିବସୀୟ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିଓ୍ୱାକର, ଅତିରିକ୍ତ ଜିଲ୍ଲାପାଳ, ଡିଆଇପିଆରଓ , ଉପଜିଲ୍ଲାପାଳ, ସିଟିଡିଏସପି ସୁଭ୍ରାଂଶୁ ଶେଖର ନାୟକ, ଟାଉନଥାନା ଅଧିକାରୀ ବିଜୟ ଦାସ, ସହଦେବଖୁଂଟା ଥାନାଧିକାରୀ , ପୌରାଧ୍ୟକ୍ଷା ସବିତା ସାହୁ, ସଦର ବିଡ଼ିଓ ପ୍ରମୁଖ ଦାୟିତ୍ୱରେ ରହି କାର୍ଯ୍ୟ ତୁଲାଇଥିଲେ । ପୋଲିସ ଫୋର୍ସ, ୨ କମ୍ପାନୀ, କେନ୍ଦ୍ରୀୟ ସୁରକ୍ଷାବାହିନୀ, ୩ଜଣ ଏଏସପି, ୧୮ଜଣ ଡିଏସପି, ୨୪ଜଣ ଆଇଆଇସି, ଏସଆଇଏଏସଆଇ ୧୩୪ଜଣ, ହାବିଲଦାର ୨୦, ଓଆର ୧୫୨, ଟ୍ରାଫିକ କନେଷ୍ଟବଳ ୧୦ଜଣ, ହୋମଗାର୍ଡ୍ ୫୦୦ରୁ ଊର୍ଦ୍ଧ୍ୱ, ବୌଦ୍ଧ ଭୁବନେଶ୍ୱର, ଢେଙ୍କାନାଳ, ଅନୁଗୁଳ, ଗଜପତି , ଗଂଜାମ, ମୟୂରଭଂଜରୁ ଆସିଥିବା ବରିଷ୍ଠ ପୋଲିସ ଅଧିକାରୀବୃନ୍ଦଙ୍କ ସମେତ ସଦର ବିଧାୟକ ମାନସ ଦତ, ରେମୁଣା ବିଧାୟକ ଗୋବିନ୍ଦ ଦାସ ଏବଂ ପୌରପାଳିକାର ଅଧ୍ୟକ୍ଷା ସବିତା ସାହୁ ପ୍ରମୁଖ ଯୋଗଦେଇଥିବା ବେଳେ ୩ ତାରିଖ ଦିନ ବିଳମ୍ବିତ ରାତ୍ରିରେ ଡିଜେ ବନ୍ଦକୁ ନେଇ କିଛି ସମୟ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାରୁ ପ୍ରଶାସନ ନିଷ୍ପତି ଅନୁଯାୟୀ କ୍ଷୀଣ ସ୍ୱରରେ ଡିଜେ ବଜାଯାଇ ମେଢ଼ ଭସାଣି କାର୍ଯ୍ୟକ୍ରମ ଚାଲିଥିଲା । ପରେ ଶାନ୍ତି ଶୃଙ୍ଖଳାର ସହ ସମସ୍ତ କାର୍ଯ୍ୟ ଶେଷ ହୋଇଥିଲା ବେଳେ ୨୩ ତାରିଖ ସକାଳ ସୁଦ୍ଧା ଶାରଦୀୟ ପାର୍ବଣର ମହାସମାବେଶ ଶେଷ ହୋଇଯାଇଛି ପାର୍ବଣ ଉତ୍ସବକୁ ମେଢ଼ କମିଟିର କର୍ମକର୍ତା, ଶାନ୍ତି କମିଟିର ସଦସ୍ୟ ସଦସ୍ୟା, ସହରବାସୀ, ଜିଲ୍ଲାବାସୀ, ପ୍ରଶାସନିକ ଅଧିକାରୀ, ବ୍ୟବସାୟୀ ଏବଂ ବିଭିନ୍ନ କମିଟିର କର୍ମକର୍ତାବୃନ୍ଦ ସହଯୋଗ କରିଥିଲେ ।



## ବାଲେଶ୍ୱରବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଓ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଶାରଦୀୟ ସଚେତନତା ଶିବିର



ବାଲେଶ୍ୱର,(ନି.ପ୍ର.): ପ୍ରତିବର୍ଷ ପରି ଚଳିତ ଶାରଦୀୟ ଦୁର୍ଗାପୂଜା ଅବସରରେ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ଥାନୀୟ ବିଚାରଗଞ୍ଜ ଛକ ପାର୍ଶ୍ୱରେ 'ସ୍ୱାସ୍ଥ୍ୟ ସଚେତନତା ଶିବିର' ଅନୁଷ୍ଠିତ ହୋଇଥିଲା । ମହାସପ୍ତମୀ ଠାରୁ ବିଜୟା ଦଶମୀ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ପ୍ରତ୍ୟେକ ଦିନ ସନ୍ଧ୍ୟା ୫ ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା, ସାଧାରଣ ସଂପାଦକ ପ୍ରଦୀପ ଦାସଙ୍କ ସମେତ ବରିଷ୍ଠ କର୍ମକର୍ତା ଓ ସଦସ୍ୟ ସଦସ୍ୟା ଶିବିରରେ ଉପସ୍ଥିତ ରହି ବାଲେଶ୍ୱରବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଦାବିରେ ଐକ୍ୟବଦ୍ଧ ହେବାକୁ ସେମାନେ ନିବେଦନ କରିଥିଲେ ।

ବାଲେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ଓ ମତ୍ସ୍ୟ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ଗତ ୫ ବର୍ଷ ଧରି ଦାବି ଓ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚଳାଇଥିବା କ୍ରିୟାନୁଷ୍ଠାନ ସମିତି ପକ୍ଷରୁ ଏକ ଶିବିରରେ ସଭାପତି ଡ. କେଶବ ଚରଣ ପଣ୍ଡା, ସାଧାରଣ ସଂପାଦକ ଅଭୟ ଚନ୍ଦ୍ର ମିଶ୍ର ଓ ମାୟାଧର ବିଶ୍ୱାଳଙ୍କ ସମେତ ସମିତିର ବହୁ କର୍ମକ□ା ଉପସ୍ଥିତ ରହି ପ୍ରଚାର ପୁସ୍ତିକା ବ□ନ କରିଥିଲେ । ଧାନ, ପାନ, ମୀନ ପାଇଁ ବାଲେଶ୍ୱର ପ୍ରସିଦ୍ଧି ଲାଭ କରିଥିବାବେଳେ ଅନ୍ୟ ୩ଟି ଜିଲ୍ଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାର ନିଷ୍ପତି ଗ୍ରହଣ କରିଥିବାବେଳେ ବାଲେଶ୍ୱର ଜିଲ୍ଲାବାସୀଙ୍କ ଦାବିପ୍ରତି ଅବିଚାର ବିରୋଧରେ ବାଲେଶ୍ୱରବାସୀ ଆଗାମୀ ଆନ୍ଦୋଳନରେ ଯୋଗ ଦେବାକୁ ସମିତି ପକ୍ଷରୁ ଜନସାଧାରଣଙ୍କୁ ସେମାନେ ନିବେଦନ କରିଥିଲେ । ବାଲେଶ୍ୱର ସହରର ବହୁ ଦୁର୍ଗାପୂଜା ମଣ୍ଡପ ପାର୍ଶ୍ୱରେ କୃଷି ମହାବିଦ୍ୟାଳୟ ଓ ମତ୍ସ୍ୟବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ବ୍ୟାନାର ଲଗାଯାଇଥିବାର ଦେଖାଯାଇଥିଲା ।

ବାଲେଶ୍ୱରବାସୀଙ୍କ ସ୍ୱାର୍ଥରେ ଏହି ଦୁଇଟି ସଂଗଠନ ପକ୍ଷରୁ ଆୟୋଜିତ ଶିବିରରେ ସଂଗଠନର କର୍ମକ□ାମାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସଂଗଠନର ଦାବିକୁ ସମର୍ଥନ ଜଣାଇ ନିଜର ସ୍ୱାକ୍ଷର ଦେଇଥିଲେ । ଗତ ୫ ଦିନବ୍ୟାପୀ ସ୍ୱାସ୍ଥ୍ୟ ଓ କୃଷିପାଇଁ ଉକ୍ତ ଶିବିରରେ ଯୋଗ ଦେଇଥିବା ଶହଶହ ସଭ୍ୟ, ସଭ୍ୟା ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ଏହି ଦୁଇ ସଂଗଠନର ଜନସଂପର୍କ ଦାୟିତ୍ୱରେ ଥିବା ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ସମସ୍ତଙ୍କୁ ଶୁଭେଚ୍ଛା ଓ କୃତଜ୍ଞତା ଜଣାଇଛନ୍ତି ।

## ନିଖୋଜ ଦଶମ ଶ୍ରେଣୀ ଛାତ୍ରୀର ଗଳିତ ଶବ ଉଦ୍ଧାର

ଜଳେଶ୍ୱର,(ନି.ପ୍ର.)ନିକଟରେ କୁମାରୀ ପୂଜା କରି ସାଧାରଣ ରେ ସନ୍ଦେଶ ଦିଆଯାଇଥିବା ବେଳେ ଜଣେ କୁମାରୀ କୁ ଅପହରଣ, ଦୁଷ୍କର୍ମ ଓ ନିର୍ମମ ହତ୍ୟା ଘଟଣା ସମସ୍ତ ଙ୍କୁ ସ୍ତବ୍ଧ କରିଦେଇଛି । ଜଳେଶ୍ୱର ବ୍ଲକ ବର୍ତନା ପଂ*ାୟତ,ଘୋରାପଦା ନିର୍ଜନ ବୁଦା ମୂଳରୁ ଗୁରୁବାର ଜଣେ ନିଖୋଜ ନବମ ଶ୍ରେଣୀ ଛାତ୍ରୀ ର ଗଳିତ ମୃତ ଦେହ ଉଦ୍ଧାର ଘଟଣା, ଅ*ଳରେ ଚା*ଲ୍ୟ ଖେଳାଇ ଦେଇଛି ।ଝାଡପିମ୍ପଳ ପ*ାୟତ ମୂଳ ନୀବାସୀ ଖୁଲୁଡା ପଂ*ାୟତ,ସୁଲତାନ ପୁର ଗାଁ ବାସିନ୍ଦା ଅରୁଣ ଜେନା ଙ୍କ ୧୫ ବର୍ଷିୟା ଝିଅ ଦୀପିକା ଗତ ୧୬ ତାରିଖରୁ ନିଖୋଜ ଥିବା ନେଇ ନାମ୍ପୋ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ସୂଚନା ଆଧାରରେ ପୁଲିସ ସୁଲତାନ ପୁର ଗାଁର ଚନ୍ଦ୍ରକାନ୍ତ ଜେନା(କାହ୍ନୁ)କୁ ଉଠାଇ ଆଣି ବିହିତ ପଦକ୍ଷେପ ନନେଇ ଛାଡ଼ି ଦେଇଥିବା ଅଭିଯୋଗ ହୋଇଛି ।କିନ୍ତୁ ଗୁରୁବାର ସକାଳେ ବର୍ତନା ପ*ାୟତ ଘୋରାପଦା ଠାରେ ଥିବା ପରିତ୍ୟକ୍ତ ବୁଦା ମୂଳରୁ ନା ବାଳିକା ର ଗଳିତ ମୃତ ଦେହ ଠାବ ହୋଇଥିଲା ।ଖବର ପ୍ରଘଟ ହେବା ପରେ ହଜାର ହଜାର ଲୋକ ରୁଣ୍ଡ ହୋଇ ଖୋଭ ପ୍ରକାଶ କରିଥିବା ବେଳେ ଜଳେଶ୍ୱର ଓ ନାମ୍ପୋ ପୁଲିସ ପହ*ି ସ୍ଥିତ ସମ୍ଭାଳିଥିଲେ । ନିକଟରେ ବର୍ତନା ଦୁର୍ଗୋତ୍ସବ ଚାଲିଥିବା ବେଳେ ହଜାର ହଜାର ଲୋକ ପଶ୍ଚିମବାର୍ଡ-ଜଳେଶ୍ୱର କପାସିଆ ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ ।ଏହା ସହିତ ଖୁଲୁଡା ବଡନଗର ଠାରେ ଗ୍ରାମବାସୀ ଙ୍କ ଦ୍ୱାରା ରାସ୍ତା ଅବରୋଧ କରି ପୁଲିସ୍ ବିରୁଦ୍ଧରେ ନାରା ବାଜୀ କରି ସମ୍ପୃକ୍ତ ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଉଛି । ଘଟଣା ସ୍ଥଳରେ ଏଡିସୋନାଲ ଏସପି, ଜଳେଶ୍ୱର ଏସଡିପିଓ, ଆଇଆଇସି, ସୁରକ୍ଷା ବାହୀନି ସ୍ଥିତ ସମ୍ଭାଳୁଥିବା ବେଳେ,ସାଇ[ଫିକ୍ ଟିମ୍, ଶବ ଜବତ କରି ତଦନ୍ତ କରୁଛନ୍ତି ।ଏତାଲା ଅନୁସାରେ ସେହି ଗାଁର ବାନ୍ଧବୀ ର ଫୋନ୍ ପାଇ ମୃତ ନାବାଳିକା ଘରୁ ବାହାରି ଯାଇଥିବା ବେଳେ ଅଭିଯୁକ୍ତ ଯୁବକ, ବାଇକ୍ ଯୋଗେ ଅପହରଣ, ଦୁଷ୍କର୍ମ, ହତ୍ୟା କରିଥିବା ଅଭିଯୋଗ ହୋଇଛି । ?ଏହା ସହ ବାନ୍ଦବୀ ର ସମ୍ପର୍କୀୟ ଙ୍କ ଉପରେ ପିଡିତ ପରିବାର ସଙ୍ଗୀନ ଅଭିଯୋଗ କରିଛନ୍ତି । ଫଳରେ ଉତ୍ୟକ୍ତ ଲୋକେ ସେମାନଙ୍କ ଘର ଭାଙ୍ଗିଥିବା ସୂଚନା ରହିଛି ।ମୃତ ଛାତ୍ରୀ ଜଣକ ଦେବ କୁମାର ଆନନ୍ଦମୟୀ ହାଇସ୍କୁଲ ରେ ଅଧ୍ୟୟନ କରିବା ସହିତ ନାମ୍ପୋ ଠାରେ ନୃତ୍ୟ ଶିକ୍ଷ୍ୟା କରୁ ଥିବା ଜଣାଯାଇଛି । ନିକଟରେ ଅନୁଷ୍ଠିତ ହୋଇଥିବା ସୁରଭି କାର୍ଯ୍ୟକ୍ରମ ରେ ପ୍ରତିଭାର ପରିଚୟ ଦେଇ ଛାତ୍ରୀ ଜଣକ ପୁରସ୍କୃତ ମଧ୍ୟ ହୋଇଥିଲେ । ଗଳିତ ଶବର ଗଳାରେ ଉତାରି ବନ୍ଧା ଯାଇଥିବା ବେଳେ ପେଟ୍ରୋଲ ଢ଼ାଳି ପ୍ରମାଣ ନଷ୍ଟ ପ୍ରୟାସ କରାଯାଇଥିବା କୁହାଯାଉଛି ।ମୃତକ ମୁଣ୍ଡର ଲମ୍ବା କେଶ ଗୋଛା, ଅନ୍ୟତ୍ର ପଡିଥିବା ବେଳେ କୌଣସି ରସାୟନିକ ସି*ନ ଯୋଗୁଁ ଗଳିତ ଶବର ଗନ୍ଧ ହେଉନଥିବା କୁହାଯାଉଛି । ତେଣୁ ଉକ୍ତ ଘଟଣା ରେ ଏକାଧିକ ନିଶାଗ୍ରସ୍ତ ଯୁବକ ଗଣ ଦୁଷ୍କର୍ମ କରି, ନାବାଳିକା କୁ ଲଣ୍ଡା କରି ହତ୍ୟା କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଘଟଣା ସ୍ଥଳରେ ବିଜେପି ରାଜ୍ୟ ସଭା ନେତ୍ରୀ ସିପ୍ରା ବାଜପେୟୀ, ରାଜ୍ୟ କଂଗ୍ରେସ ସମ୍ପାଦକ ରାଜୀବ ପରିଡ଼ା,ସରପ* ପ୍ରତିନିଧି ପଦ୍ମଲୋଚନ ବେହେରା ପ୍ରମୁଖ ନେତା ପହ*ି ଆଇନ ଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଇଛନ୍ତି ।ଜଳେଶ୍ୱର ଓ ନାମ୍ପୋ ଥାନା ଠାରୁ ଏହି ଅ*ଳ ୧୬ କିଲୋମିଟର ଦୂର ହୋଇଥିବାରୁ ଅପରାଧ ପ୍ରବଣ ଅ*ଳରେ ଫାଣ୍ଡି ସ୍ଥାପନ ଲାଗି ଲୋକେ ଦାବି କରୁଛନ୍ତି ।

## ବରୁଣସିଂ ଶ୍ରୀ ଜଗନ୍ନାଥ ଏଜୁକେସନାଲ୍ ଫାଉଣ୍ଡେସନ ଏବଂ ରେମୁଣା କଲେଜରେ ଛାତ୍ର ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କଲେ ରେମୁଣା ବିଧାୟକ



ବାଲେଶ୍ୱର(ନି.ପ୍ର.)ବରୁଣସିଂ ସ୍ଥିତ ଶ୍ରୀ ଜଗନ୍ନାଥ ଏଜୁକେସନାଲ୍ ଫାଉଣ୍ଡେସନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ରେମୁଣା କଲେଜରେ ଚୟନିତ ଛାତ୍ର ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ରେମୁଣା ବିଧାୟକ ଛାତ୍ର ପ୍ରତିନିଧିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ନିଷ୍ଠା, ଦାୟିତ୍ୱବୋଧ ଓ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ ।ଛାତ୍ରଛାତ୍ରୀଙ୍କ ସମସ୍ୟା, ଅଧିକାର ଓ ସ୍ୱରକୁ ଉପଯୁକ୍ତ ମ*ରେ ଉପସ୍ଥାପନ କରିବା ସହ ବିଦ୍ୟାଳୟର ସର୍ବାଙ୍ଗୀଣ ଉନ୍ନତି ଦିଗରେ ଛାତ୍ର ପ୍ରତିନିଧିମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବା ଆବଶ୍ୟକ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ । ଶିକ୍ଷାର ଗୁଣବତା ବୃଦ୍ଧି, ଶୃଙ୍ଖଳା ରକ୍ଷା ଓ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଛାତ୍ର ପ୍ରତିନିଧିମାନେ ଗଠନମୂଳକ ପଦକ୍ଷେପ ନେବା ସହ ସମସ୍ତ ଛାତ୍ରଛାତ୍ରୀଙ୍କ ଆଶା ଓ ଆକାଂକ୍ଷାକୁ ପ୍ରାଥମିକତା ଦେବା ଉଚିତ ବୋଲି ସେ କହିଥିଲେ । ଛାତ୍ରଶକ୍ତି ଦେଶର ଭବିଷ୍ୟତ ହୋଇଥିବା ବେଳେ ଯୁବ ନେତୃତ୍ୱ ସମାଜରେ ସକାରାତ୍ମକ ପରିବର୍ତନ ଆଣିବାର ମୁଖ୍ୟ ଆଧାର ବୋଲି ବିଧାୟକ ଉଲ୍ଲେଖ କରିଥିଲେ । ନୂତନ ଭାବେ ଚୟନିତ ସମସ୍ତ ଛାତ୍ର ପ୍ରତିନିଧିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସେମାନଙ୍କ ନେତୃତ୍ୱରେ ଶିକ୍ଷାନୁଷ୍ଠାନ ଉନ୍ନତିର ନୂତନ ଶିଖରରେ ପହ*ିବ ବୋଲି ଆଶା ପ୍ରକାଶ କରିଥିଲେ ।

## ଶିକ୍ଷକ ଧନଞ୍ଜୟଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି ସଭା

ଲଙ୍ଗଳେଶ୍ୱର (ନି.ପ୍ର) ବାଲିଆପାଳ ବ୍ଲକ ଘ[ଆ ଗ୍ରାମର ଶିକ୍ଷାବିତ୍ ସ୍ୱର୍ଗତ ଧନଞ୍ଜୟ ବାରିକ ଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ସନ୍ଧ୍ୟାରେ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ବାରିକ ନୂଆପଡ଼ା ଜିଲ୍ଲା ସିନାପାଲି ବୈଜନ ଗୋଡ଼ ହାଇସ୍କୁଲ ରେ ସହକାରୀ ଶିକ୍ଷକ ଭାବରେ କାର୍ଯ୍ୟରତ ଥିଲେ । ଅକ୍ଟୋବର ୧୧ ରେ ତାଙ୍କର ଦେହାନ୍ତ ହୋଇଥିଲା । ଚକା ଆଖି ପୂଜା ସଂସଦ ପକ୍ଷରୁ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସାଗରିକା ଦାସ,ବିଭାସ ରଞ୍ଜନ ଦାସ,ଚନ୍ଦନ କୁମାର ପ୍ରଧାନ,ନୟନ ପ୍ରଧାନ,ଶିତାଂଶୁ ପ୍ରଧାନ, ପ୍ରିୟ ରଞ୍ଜନ ପ୍ରଧାନ, ଶାନ୍ତି ରଞ୍ଜନ ପ୍ରଧାନ,ମାଳ ବିକା ପ୍ରଧାନ, ଅନିଲ୍ ଦାସ,ମନୋଜ ନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।



# ୧୦କୋଟି ଖର୍ଚ୍ଚ ପରେ ବି ଘାଇ ଓ ବନ୍ୟା ଭୟରୁ ମୁକ୍ତି ମିଳୁନାହିଁ

ଧାମନଗର(ନିପ୍ର): କୋଟି କୋଟି ଟଙ୍କା ବ୍ୟୟ ସତ୍ତ୍ୱେ ଧାମନଗରକୁ ଘାଇ ଓ ବନ୍ୟା ଭୟରୁ ମୁକ୍ତି ମିଳୁନାହିଁ । ବୈତରଣୀର ଶାଖାନଦୀ କାଣୀ ନଦୀ ରେ ଘାଇ ମରାମତି ପାଇଁ ପ୍ରାୟ ୧୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଉଥିବା ବେଳେ ପୁନର୍ବାର ଘାଇ ସୃଷ୍ଟି ହେବା ଘଟଣା ଜଳସମ୍ପଦ ବିଭାଗର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠାଇଛି । ଅନ୍ୟପକ୍ଷରେ, ଘାଇର ସ୍ଥାୟୀ ପ୍ରତିକାର ପରିବର୍ତ୍ତେ କାଣୀ ନଦୀକୁ ବନ୍ଦ କରିବା ଉଦ୍ୟମ ନେଇ ଚର୍ଚ୍ଚା ଆରମ୍ଭ ହେବା ପରେ ଅଂଚଳବାସୀଙ୍କ ମଧ୍ୟରେ ଆଶଙ୍କା ବଢ଼ିଛି । ଚଳିତ ବର୍ଷ କାଣୀ ନଦୀରେ ଘାଇ ଯୋଗୁଁ ବନ୍ୟାଜଳ ଚାଷଜମିରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ଅଭିଯୋଗ ହୋଇଛି । ଘାଇ ମରାମତି ପାଇଁ ତିନିଥର ଉଦ୍ୟମ ସତ୍ତ୍ୱେ ସମସ୍ୟାର ସ୍ଥାୟୀ ସମାଧାନ ନହେବାରୁ ଚାଷୀଙ୍କ ଦୁର୍ଦ୍ଦଶା ଜାରି ରହିଛି । ଏତେ ଅର୍ଥ ବ୍ୟୟ ପରେ ମଧ୍ୟ ଘାଇ ସମସ୍ୟା କାହିଁକି ଦୂର ହୋଇପାରିଲା ନାହିଁ, ମରାମତି କାର୍ଯ୍ୟର ଗୁଣବତା ଯାଂଚ ହୋଇଥିଲା କି ନାହିଁ ଏବଂ ବ୍ୟୟ ଅର୍ଥର ବିନିଯୋଗ କିପରି ହୋଇଛି, ତାହାର ସ୍ପଷ୍ଟୀକରଣ ଦାବି ହେଉଛି । କାଣୀ ନଦୀକୁ ବନ୍ଦ କରିବା ଭଳି ପଦକ୍ଷେପ ନେବା ପୂର୍ବରୁ ଏହାର ବୈଷୟିକ ଓ ବୈଜ୍ଞାନିକ ଦିଗର ସମୀକ୍ଷା ଜରୁରୀ ଥିଲା । ନଦୀର ଜଳ ପ୍ରବାହ ପରିବର୍ତ୍ତନ ହେଲେ ଜଳ ନିଷ୍କାସନ, ଚାଷଜମି ଓ ଆଖପାଖ ଅଂଚଳର ସୁରକ୍ଷା ଉପରେ କି ପ୍ରଭାବ ପଡ଼ିବ, ତାହା ବିଶେଷଜ୍ଞଙ୍କ ଦ୍ୱାରା ଆକଳନ କରାଯିବା ଆବଶ୍ୟକ । ଧାମନଗର ବ୍ଲକର ପଧାନୀ, ଅର୍ଜୁନପୁର, ହସନାବାଦ, ନଦୀଗାଁ, ଭଟ୍ଟସାହି, କୋଠାର, ଧୁଷୁରୀ, ପାଳସାହି ଓ ରଇପୁର ସମେତ ବିଭିନ୍ନ ଅଂଚଳରେ ନଦୀବନ୍ଧର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି । ବନ୍ୟା ପରେ ମରାମତି କରିବା ପରିବର୍ତ୍ତେ ବନ୍ୟା ପୂର୍ବରୁ ଦୁର୍ବଳ ବନ୍ଧ ଗୁଡ଼ିକୁ ଚିହ୍ନଟ କରି ସୁଦୃଢ଼ କରିବା ସହ ଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତିକରଣ ଉପରେ ଗୁରୁତ୍ୱ ଦେବାକୁ ଦାବି ହେଉଛି । ଏହି ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଏବଂ ରାଜ୍ୟ ସରକାର ଏହି ସମସ୍ୟାରେ ହସ୍ତକ୍ଷେପ କରି ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେବାକୁ ଅଂଚଳବାସୀ ଆଶା ରଖିଛନ୍ତି । ନଦୀବନ୍ଧର ସମ୍ପୂର୍ଣ୍ଣ ସର୍ଭେ, ମରାମତି ବ୍ୟୟର ଯାଂଚ ଓ ଦୀର୍ଘସ୍ଥାୟୀ ସୁରକ୍ଷା ଯୋଜନା ପ୍ରସ୍ତୁତ ହେଲେ ହିଁ ଧାମନଗର ବାସୀଙ୍କ ବନ୍ୟା ଭୟ ଦୂର ହୋଇପାରିବ । ଯଦି କାଣି ନଦୀ ର ମୁହଁ ବନ୍ଧ କରା ଯାଉଛି ତେବେ ଧାମନଗର ଓ ଚାନ୍ଦବାଲି ବ୍ଲକ ର ଅନେକ ପଂଚାୟତ ର ଲୋକ ମାନେ ବନ୍ୟା ରେ ଭାସିବେ ।

# ଗରସଙ୍ଗ ରାବଣ ପୋଡ଼ିର ମଜାନେଲେ ଦର୍ଶକ




ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗ କଲେଜ ପଡିଆରେ ରାବଣ ପୋଡି ଉତ୍ସବକୁ ହଜାର ହଜାର ଦର୍ଶକ ମନଭରି ଉପଭୋଗ କରିଛନ୍ତି । କୈଳାସ ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ନିଜ ଭିତରେ ଥିବା ଆସୁରିକ ଗୁଣକୁ ପରିତ୍ୟାଗ କରିବାକୁ ପରାମର୍ଶ ଦେଇଥିଲେ । ଏଥିସହ କମିଟି ର ସ୍ଥାୟୀ ଘର ବ୍ୟବସ୍ଥା ପାଇଁ ପ୍ରତିଶୃତି ଦେଇଥିଲେ । ବିଧାୟକଙ୍କ ପତ୍ନୀ କୁନ୍ତଳା ପଣ୍ଡା, ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ୬ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ମୀନାକ୍ଷୀ ମହାପାତ୍ର, ଅନ୍ତରା ସମବାୟ ସମିତି ସମ୍ପାଦକ ବିକାଶ ନାୟକ, ନାଏବ ସରପଂଚ ହେମଲତା ଘୋଷ, ମଦନ ମୋହନ ଜେନା, ଗୋପୀନାଥ ଘୋଷ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ରାବଣ ପୋଡି କମିଟିର ସଭାପତି ଅରବିନ୍ଦ ଦାସ, ସମ୍ପାଦକ ପିଂଟୁ ଦାସ ଓ କୋଷାଧକ୍ଷ ଶଶିଭୂଷଣ ନାୟକ ପ୍ରମୁଖ ଉତ୍ସବର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଥାନା ଏସଏସଆଇ କ୍ଷୀରୋଦ ସାହୁଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ସୁଶାନ୍ତ ଉପାଧ୍ୟାୟ, ମହେଶ ସାହୁ, ମନୋରଞ୍ଜନ ଘୋଷ, ମଦନ ବେହେରା, ଗୌରାଙ୍ଗ ଘୋଷ, ନରେନ୍ଦ୍ର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଦର୍ଶକ ମାନେ ଆତଶବାଜୀ ଓ ରାବଣ ମୁର୍ତୀ ପୋଡିର ମଜା ନେଇଥିଲେ ।

# ସର୍ବଭାରତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଶ୍ରୀକାନ୍ତଙ୍କୁ ସ୍ୱର୍ଣ୍ଣ



ବ୍ରହ୍ମପୁର(ନିପ୍ର): ନିକଟରେ ଉତରପ୍ରଦେଶର ଲକ୍ଷ୍ନୌଠାରେ ଅନୁଷ୍ଠିତ ହୋଇଥିବା ୩୯ତମ ସର୍ବଭାରତୀୟ ଡାକ ବିଭାଗ ଭାରୋତୋଳନ, ଶକ୍ତି ଉତୋଳନ ଓ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା (୨୦୨୬-୨୭)ରେ ବ୍ରହ୍ମପୁରର ଭି ଶ୍ରୀକାନ୍ତ ସ୍ୱର୍ଣ୍ଣ ପଦକ ହାସଲ କରି ଗୌରବ ଆଣିଛନ୍ତି । ଲକ୍ଷ୍ନୌସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ର ଭାରୋତୋଳନ ହଲ୍‌ରେ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଉତରପ୍ରଦେଶ ଡାକ କ୍ରୀଡ଼ା ବୋର୍ଡ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୨୮ଟି ରାଜ୍ୟର ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ବ୍ରହ୍ମପୁରର ଶ୍ରୀକାନ୍ତ ୬୫ କିଲୋଗ୍ରାମ ବର୍ଗର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ବ୍ରହ୍ମପୁର ସହରର ପ୍ରେମନଗର ପ୍ରଥମ ଲାଇନର ବାସିନ୍ଦା ଶ୍ରୀକାନ୍ତ ବ୍ରହ୍ମପୁର ଡାକ ବିଭାଗରେ କାର୍ଯ୍ୟରତ । ଚାକିରିର ବ୍ୟସ୍ତତା ସତ୍ତ୍ୱେ ସେ ନିୟମିତ ଶାରୀରିକ ଅଭ୍ୟାସ, କଠିନ ପରିଶ୍ରମ ଓ ଶୃଙ୍ଖଳିତ ଜୀବନଶୈଳୀ ମାଧ୍ୟମରେ ନିଜକୁ ଏହି ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିଥିଲେ । ଦୃଢ଼ ଇଚ୍ଛାଶକ୍ତି ଓ ଅଧ୍ୟବସାୟ ବଳରେ ଜାତୀୟସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରି ସେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି । ବିଶେଷକରି ଦେଶର ବିଭିନ୍ନ ରାଜ୍ୟର ପ୍ରତିଯୋଗୀଙ୍କ ମଧ୍ୟରେ ଶ୍ରୀକାନ୍ତଙ୍କ ଏହି ସଫଳତା ବ୍ରହ୍ମପୁର ସହର ସମେତ ଡାକ ବିଭାଗ ପାଇଁ ଗର୍ବର ବିଷୟ ପାଲଟିଛି । କର୍ମକ୍ଷେତ୍ରର ଦାୟିତ୍ୱ ତୁଲାଇବା ସହ କ୍ରୀଡ଼ା କ୍ଷେତ୍ରରେ ଏଭଳି ସଫଳତା ହାସଲ କରି ଶ୍ରୀକାନ୍ତ ଅନ୍ୟ କର୍ମଚାରୀ ଓ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ସାଜିଛନ୍ତି । ତାଙ୍କର ଏହି କୃତିତ୍ୱକୁ ନେଇ ଶୁଭେଚ୍ଛୁ ଓ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

# ଗଣତନ୍ତ୍ର ଓ ମତଦାନ ଅଧିକାରର ସୁରକ୍ଷା ପାଇଁ ଗଣପ୍ରତିବାଦରେ ସାମିଲ୍ ପାଇଁ ଆହ୍ୱାନ



ବ୍ରହ୍ମପୁର(ନିପ୍ର): ଦେଶର ବିଭିନ୍ନ ରାଜ୍ୟରେ ଭୋଟର ତାଲିକାରୁ ବହୁ ସଂଖ୍ୟକ ଭୋଟରଙ୍କ ନାମ ବାଦ୍ ପଡ଼ିବା ଏବଂ ଏହାଦ୍ୱାରା ସେମାନଙ୍କ ମତଦାନ ଅଧିକାର କ୍ଷୁଣ୍ଣ ହେବାର ଆଶଙ୍କାକୁ ନେଇ ମାନବ ଅଧିକାର ସୁରକ୍ଷା ମଂଚ ଗଭୀର ଉଦ୍‌ବେଗ ପ୍ରକାଶ କରିଛି । ଭୋଟର ତାଲିକାର ସ୍ୱଚ୍ଛତା, ନିରପେକ୍ଷତା ଏବଂ ପ୍ରତ୍ୟେକ ନାଗରିକଙ୍କ ମତଦାନ ଅଧିକାରର ସୁରକ୍ଷା ହେଉଛି ଗଣତନ୍ତ୍ରର ମୂଳଦୁଆ । ଭୋଟର ତାଲିକାରୁ ନାମ ବାଦ୍ ପଡ଼ିବା ସମ୍ପର୍କିତ ଅଭିଯୋଗଗୁଡ଼ିକର ନିରପେକ୍ଷ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଏବଂ ଯୋଗ୍ୟ ଭୋଟରଙ୍କ ନାମ ପୁନଃ ସାମିଲ କରିବାକୁ ମଂଚ ଦାବି କରିଛି । ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ କାର୍ଯ୍ୟଧାରାର ନିରପେକ୍ଷତା ଓ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ନେଇ ଉଠୁଥିବା ପ୍ରଶ୍ନଗୁଡ଼ିକର ସ୍ପଷ୍ଟ ଉତର ଦେବା ସହ ନିର୍ବାଚନ ଆୟୋଗ ଜନସାଧାରଣଙ୍କ ବିଶ୍ୱାସ ଅକ୍ଷୁଣ୍ଣ ରଖିବା ଆବଶ୍ୟକ ବୋଲି ମଂଚ ମତ ପ୍ରକାଶ କରିଛି । ଏହି ପରିପ୍ରେକ୍ଷୀରେ ୨୩ ଅକ୍ଟୋବର ୨୦୨୬ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ପୂର୍ବାହ୍ନ ୧୧ଘଂଟା ସମୟରେ ବ୍ରହ୍ମପୁର ପୁରୁଣା ବସଷ୍ଟାଣ୍ଡ ବାରାକ୍ସ ଛକ ଠାରେ ସର୍ବ ଭାରତୀୟ ପ୍ରତିବାଦର ଡାକରା କ୍ରମେ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଗଣ ପ୍ରତିବାଦ ଅନୁଷ୍ଠିତ ହେବ, ଏଥିରେ ସମସ୍ତ ଗଣତନ୍ତ୍ର ପ୍ରେମୀ ସର୍ବସାଧାରଣ ଅଂଶ ଗ୍ରହଣ କରିବା ପାଇଁ ସମାଜବାଦୀ ଅନୁଷ୍ଠାନ ମାନବ ଅଧିକାର ସୁରକ୍ଷା ମଂଚ ପକ୍ଷରୁ ଏକ ପ୍ରେସ ବାର୍ତ୍ତା ମାଧ୍ୟମରେ ନିବେଦନ କରାଯାଇଛି । ଗଣତନ୍ତ୍ରର ସୁରକ୍ଷା, ଭୋଟରଙ୍କ ଅଧିକାର ଓ ନିର୍ବାଚନର ସ୍ୱଚ୍ଛତା ପାଇଁ ସମସ୍ତେ ଏକଜୁଟ ହେବା ପାଇଁ ମଂଚ ଆବାହକ ଆଇନଜୀବୀ ଅବନୀ ଗୟା, ଶିକ୍ଷକ ସଙ୍ଗଠନ ର ନେତା ଅଶୋକ କୁମାର ଦଳାଇ, ମଂଚ ସମ୍ପାଦକ ଗୁଣନିଧି ବେହେରା, ସମାଜସେବୀ ହୃଷୀକେଶ ପାତ୍ର ଆଜି ପ୍ରେସ୍ ବାର୍ତ୍ତା ମାଧ୍ୟମରେ ନିବେଦନ କରିଛନ୍ତି ।

# ଧସିଲା କୋଚିଲା ନଦୀର ଡାହାଣ ପାର୍ଶ୍ୱ ବନ୍ଧ

ଧାମନଗର(ନିପ୍ର): ଧାମନଗର ବ୍ଲକ ବାଲିପାଟଣା ଠାରେ କୋଚିଲା ନଦୀର ଡାହାଣ ପାର୍ଶ୍ୱ ବନ୍ଧ ଧସିଯାଇଥିବାରୁ ସ୍ଥାନୀୟ ଅଂଚଳରେ ଆତଙ୍କ ଦେଖାଦେଇଛି । ଧାମନଗର ବ୍ଲକ ଅନ୍ତର୍ଗତ ଅର୍ଜୁନପୁର ପଂଚାୟତର ତରେଇ ସାହି ନିକଟରେ ପାଟୁଳି ରୁ ବାଲିପାଟଣା କୁ ସଂଯୋଗ କରୁଥିବା କୋଚିଲା ପୋଲ ମୁଣ୍ଡରେ ନଦୀବନ୍ଧ ଧସିଯାଇଛି । ଅନ୍ୟପକ୍ଷରେ ଆଗକୁ ଲଘୁଚାପଜନିତ ବର୍ଷାର ଆଶଙ୍କା ଥିବାରୁ ନଦୀବନ୍ଧର ସ୍ଥିତିକୁ ନେଇ ଅଂଚଳବାସୀ ଚିନ୍ତିତ ହୋଇପଡ଼ିଛନ୍ତି । ବନ୍ଧର ଏହି ଦୁର୍ବଳ ସ୍ଥାନ ଦେଇ ଅଧିକ ବର୍ଷା ଓ ନଦୀରେ ଜଳସ୍ତର ବୃଦ୍ଧି ହେଲେ ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି । ଏହାକୁ ନେଇ ତରେଇ ସାହି, ବାଲିପାଟଣା, ଶୈଳ, ମମାଦୁଲା, ଅସ୍ତକ, ହସନାବାଦ, ମଠସାହି ଓ ଅନଲଡିହ ଆଦି ଅଂଚଳର ଅନେକ ଜନସାଧାରଣ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ନଦୀବନ୍ଧ ଧସିବା ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ତୁରନ୍ତ ମରାମତି ପାଇଁ ଦାବି ଆଗକୁ ସମ୍ଭାବ୍ୟ ଲଘୁଚାପଜନିତ ବର୍ଷାକୁ ଦୃଷ୍ଟିରେ ରଖି ଗାନ୍ଧିଘାଟ ଜଳସେଚନ ସେକ୍ସନର ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ନଦୀବନ୍ଧର ସ୍ଥିତି ଅନୁଧ୍ୟାନ କରିବା ସହ ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି । ବର୍ଷା ଆସିବା ପୂର୍ବରୁ ନଦୀବନ୍ଧର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ପରିସ୍ଥିତି ଗମ୍ଭୀର ହୋଇପାରେ ବୋଲି ଅଂଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି ।


## AFFIDAVIT

By virtue of an affidavit sworn before Executive Magistrate, Balasore dated 16.10.2026 I, Omm Pati, aged 27 years, S/o- Satyaswarup Pati, At/ Po- Sunhat, Ps- Town, Dist- Balasore-756002 declare that I have changed my name from Dibyananda Pati to Omm Pati. Henceforth, I shall be known as Omm Pati for all purposes.

**Sd/-**
**Omm Pati**

## NOTICE

By virtue of an affidavit sworn before Notary Public, Balasore, dated 16.10.2026 I, Ranjit Patra, At- Kanakapada, Po- Bahubandh, Ps- Udula, Dist- Mayurbhanj, Pin- 757041 declare that I have changed my name from Sanjib Patra to Ranjit Patra. Henceforth, I shall be known as Ranjit Patra for all purposes.

**Sd/-**
**Ranjit Patra**

**No. 32001/1088/2627**

**OFFICE OF THE EXECUTIVE ENGINEER**
**GROUND WATER DEVELOPSIENT DIVISION HIP BUILDING PLOISE OF THE EXECUTIVE ENGINE INIT-8, DELTA SQUARE, BHUBANESWAR-751012 [Phone No. 2561040(O), [email: executiveengineerhpbbsr@gmail.com]**

**"e" Procurement Notice No.1312 of 2026-27 Dt- 15/10/26**
**Bid Identification No. GWD DIV-IBBSR-16/26-27**

**Executive Engineer, GWD Division-1, Delta square, Unit- 8, Bhubaneswar** on behalf of Hon'ble Governor of Odisha invites on-line Percentage-rate tender through "e" Procurement in Single cover system for execution of the following work. The bid should be submitted by eligible Class of Contractors through on-line in the Govt. website www.tendersodisha.gov.in. The bidders should have necessary portal enrolment (with own Digital Signature Certificate). The registered bidders outside of State can also participate in this on-line tender process after necessary portal enrolment, but shall have to subsequently undergo registration with appropriate authority of the State Govt. within a month of acceptance of bid.

| | | |
|---|---|---|
| 1 | Name of the Work | Civil Work |
| 2 | Name of the Work: | Construction of 7Nos. of Rooftop Rainwater Harvesting Structures under CHHATA scheme in Khordha ULB Ph-11 of Khordha district for the FY 2026-27. |
| 3 | Approximate amount put to tender | Rs.25.50 Lakhs |
| 4 | Period of Completion | 1(ONE) Calendar Month |
| 5 | Class of Contractor | "B" & "C" Class Contractor |
| 6 | Date & time of Availability of Bid document in the portal | Dt. 26.10.2026 at 11.00 AM to 05.11.2026 up to 12.00 PM |
| 7 | Last date & time of receipt of Bids in the Portal | Dt. 05.11.2026 up to 12.00 PM |
| 8 | Date, time & place of opening of Technical/ Financial Bid/s | Dt. 05.11.2026 at 12.30 PM in 0/0 the EE GWD Div-1 |
| 9 | Name & address of the officer inviting Bid | OFFICE OF THE EXECUTIVE ENGINEER GROUND WATER DEVELOPMENT DIVISION-1 HP ADMINISTRATIVE BUILDING UNIT-8, DELTA SQUARE, BHUBANESWAR-751012 |

Further details can be seen from the Govt. website www.tendersodisha.gov.in.
Any addendum/corrigendum/cancellation of tender can also be seen in the said website.

**Sd/-**
**Executive Engineer**
**GWD Division-1**
**Bhubaneswar**

**OIPR. 32001/32331/1/26-27/0011**

**No. 13001/2218/2627**

**OFFICE OF THE**
**BARIPADA MUNICIPAL COUNCIL, BARIPADA**
**Phone: 06792 252703, Fax 06792-252703, Email: baripadam.hud@nic.in**
**Website www.baripadamunicipality.in**
**No: 1563 Date: 16-10-2026**
**DTCN PART-I (TCHNICAL BID) SECTION-11 COMPETITIVE BIDDING THROUGH 'e' Procurement**

The Executive Officer on behalf of Baripada Municipality, Baripada invites percentage rate bids in single cover system in **ONLINE MODE** only in conformity with Detailed Tender Call Notice (DTCN).

Bid Documents consisting of Work, Estimated Cost, Cost of Tender Paper, EMD, and tirae of completion, Class of contractors and the set of terras and conditions of contract and other necessary documents can be seen in Govt. website i.e. www.tendersorissa.gov.in

**Tender Reference No: BPDM- 11 of 2026-2027** **Tender I.D No : 2026_ORULB_**

| Sl. No. | Description | Critical Dates |
|---|---|---|
| 1 | Procurement Officer – Publisher / Tender Inviting Authority / Bids | Executive Officer, Baripada Municipality, Baripada. |
| 2 | Name of the Work | As per DTCN |
| 3 | Nos. Of Work | As per DTCN |
| 4 | Tendered cost of the works | As per DTCN |
| (i) | Period of availability of tenders on-line for bidding | From Dt.22/10/2026 (01.00 P.M.) to Dt. 04/11 /2026(5.00 P.M.) |
| (ii) | Last date and time of bidding on-line (Submission of Bids) | Dt. 04/11/2026 (5.00 P.M.) |
| (iii) | Date and time of opening of the Bids received on-line | Dt. 05/11/2026 (11.30 A.M. onwards) |

Detail Tender Call Notice (DTCN) may also be seen from the 'e'-procurement portal i.e. www.tendersorissa.gov.in and Beripada Municipality. Website i.e. www.baripadamunicipality.in

Corrigendum or Addendum if any will not be published in newspapers and can be seen in procurement portal as well as in Baripada Municipality web side.

**Sd/-**
**Executive Officer,**
**Baripada Municipality**

**OIPR. 13001/13078/1/26-27/0015**





ସାଧୁମାନଙ୍କୁ ସେବା କଲେ ତିନୋଟି ଗୁଣ ମିଳେ- ବିନୟ, ପ୍ରଭୁଭକ୍ତି ଏବଂ ଉଦାରତା ।

# ଆଜିକାଲି



ଯେଷାମର୍ଥେକାଙ୍କ୍ଷିତଂ ନୋ ରାଜ୍ୟଂ ଭୋଗାଃ ସୁଖାନିଚ
ତ ଇମେଽବସ୍ଥିତା ଯୁଦ୍ଧେ ପ୍ରାଣାଂସ୍ତ୍ୟକ୍ତ୍ୱା ଧନାନି ଚ ॥
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ଆମେ ଯେଉଁମାନଙ୍କ ପାଇଁ ରାଜ୍ୟ, ଭୋଗ ଓ ସୁଖାଦି ଅଭିଳାଷ କରୁଛୁ, ଦେଖନ୍ତୁ ଏହି ଠାରେ ସେହିମାନେ ତ ଧନ ଓ ଜୀବନର ଆଶା ଛାଡ଼ି ଯୁଦ୍ଧ କରିବାକୁ ଠିଆ ହୋଇଛନ୍ତି ।

## ଭାରତରେ ଟୀକାକରଣ

ଦେଶରେ ଶିଶୁ ଓ ମାତୃ ସୁରକ୍ଷାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଇ ବହୁବିଧ ଯୋଜନା ପ୍ରଣୟନ କରିଥିବାବେଳେ ଶିଶୁ ଟିକାକରଣ ପ୍ରକ୍ରିୟାରେ ମନ୍ଥରତା ନେଇ 'ଲାନସେଟ'ର ଗବେଷଣାମୂଳକ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ନିଶ୍ଚିତ ଭାବେ ଚିନ୍ତାଜନକ । ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ଅଧିକାଂଶ ଶିଶୁ କୌଣସି ଗୋଟିଏ ହେଲେ ଟିକା ନେଇ ନାହାଁନ୍ତି । କହିବା ବାହୁଲ୍ୟ ଯେ, ଡିପ୍‌ଥୋରିଆ, ମିଳିମିଳା, ପୋଲିଓ, ଟ୍ୟବରକ୍ୟୁଲୋସିସି, ନିମୋନିଆ ଏବଂ ରୋଟା ଭାଇରସରୁ ଶିଶୁଙ୍କୁ ରକ୍ଷା କରିବା ନିୟମିତ ଟିକାକରଣ କରାଯାଇଥାଏ । ଶିଶୁଙ୍କୁ ଏହି ସବୁ ଦୁରାରୋଗ୍ୟ ରୋଗରୁ ରକ୍ଷା କରିବା ନିମନ୍ତେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ୧୯୭୪ ପରଠାରୁ ଏହି ୬ଟି ରୋଗ ପାଇଁ ନିୟମିତ ଟିକାକରଣ ଉପରେ ଗୁରୁତ୍ୱ ଦେଇ ଆସୁଥିବା ବେଳେ ମହାମାରୀ କୋରୋନା ପରଠାରୁ ଭାରତ ସମେତ ବିଶ୍ୱର ଅନେକ ରାଷ୍ଟ୍ରରେ ଟିକାକରଣରେ ମନ୍ଥରତା ଲାଗି ରହିଥିବା ରିପୋର୍ଟରେ କୁହାଯାଇଛି । ଉଲ୍ଲେଖଯୋଗ୍ୟ ଯେ ୧୯୮୦ରୁ ୨୦୨୬ ମଧ୍ୟରେ ବିଶ୍ୱରେ ଏହି ରୋଗ ପାଇଁ ଟିକାକରଣ ଦ୍ୱିଗୁଣିତ ହୋଇଥିବାନେଇ 'ଲାନସେଟ' ରିପୋର୍ଟରେ କୁହାଯାଇଛି । କିନ୍ତୁ ଏହି ସମୟ ମଧ୍ୟରେ ଡିପ୍‌ଥେରିଆ, ଟିଟାନସ୍ ଏବଂ ପରଟ୍ୟୁସିସି(ଡିଟିପି) ଟିକାକରଣ ବିଶ୍ୱରେ ପ୍ରାୟ ୭୫ଭାଗ ହ୍ରାସ ପାଇଛି । ଲାନସେଟ ରିପୋର୍ଟ ଅନୁଯାୟୀ ଜିରୋ ଡୋଜ୍ ଶିଶୁଙ୍କ ସଂଖ୍ୟାରେ ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ୮ଟି ରାଷ୍ଟ୍ରରେ ୫୦ପ୍ରତିଶତ ଅର୍ଥାତ ୧୬ମିଲିଅନ ଶିଶୁ ଏହି ବର୍ଗରେ ଅଛନ୍ତି । ଏହି ୮ଟି ଦେଶ ମଧ୍ୟରେ ଯୁଦ୍ଧ ଲାଗିଥିବା କିମ୍ବା ଟିକାକରଣ କାର୍ଯ୍ୟକ୍ରମ ପାଇଁ ସୀମିତ ସମ୍ବଳ ଥିବା ରାଷ୍ଟ୍ରଗୁଡିକ ଅଛନ୍ତି । ଭାରତରେ ଏହି ଦୁଇଟି ସମସ୍ୟା ନଥିବା ସତ୍ତ୍ୱେ ୧୪ଲକ୍ଷ ୪୦ହଜାର ଶିଶୁ ପ୍ରଥମ ଡୋଜ ଟିକା ନନେବାର କାରଣ ବୁଝାପଡୁନାହିଁ । କହିବା ବାହୁଲ୍ୟ ଯେ, ଭାରତରେ ମହାମାରୀ କୋରୋନା ପରେ ଯେଉଁ ଶିଶୁ ଜନ୍ମଗ୍ରହଣ କରିଥିଲେ, ଯାହାକି ବିଶ୍ୱରେ ସର୍ବାଧିକ । କିନ୍ତୁ ୨୦୨୪ରେ ଚୀନରେ ୯.୫ ମିଲିଅନ ଶିଶୁ ଜନ୍ମ ଗ୍ରହଣ କରିଥିଲେ, ଯାହାକି ବିଶ୍ୱରେ ଦ୍ୱିତୀୟ ସର୍ବାଧିକ ବୋଲି କୁହାଯାଇଛି । ଶୂନ ଡୋଜ୍ ଟିକା ନେଇଥିବ ଶିଶୁଙ୍କ ସଂଖ୍ୟା ଚିନ୍ତାଜନକ ଥିବାବେଳେ ୨୦୨୩ରେ ନବଜାତଙ୍କ ସଂଖ୍ୟା ପରିପ୍ରେକ୍ଷୀରେ ଭାରତରେ ଶୂନ ଡୋଜ ଶିଶୁଙ୍କ ସଂଖ୍ୟା ୬.୨ ପ୍ରତିଶତ ବୋଲି ରିପୋର୍ଟରେ କୁହାଯାଇଛି । ଅନ୍ୟପକ୍ଷରେ ୨୦୨୧ରେ ହୋଇଥିବା ଏକ ଅନୁଧ୍ୟାନ ରିପୋର୍ଟରେ କୁହାଯାଇଛି ଯେ, ଭାରତରେ ଶୂନ ଡୋଜ ଶିଶୁଙ୍କ ସଂଖ୍ୟା ଦ୍ରୁତବେଗରେ ହ୍ରାସ ପାଇଥିଲା । ୧୯୯୨ ମସିହାରେ ପ୍ରଥମ ଡୋଜ ଟିକା ନେଇନଥିବା ଶିଶୁଙ୍କ ହାର ୩୩.୪ ପ୍ରତିଶତ ଥିବାବେଳେ ୨୦୧୬ରେ ଏହା ହାର ୧୦.୧ ପ୍ରତିଶତକୁ ହ୍ରାସ ପାଇଥିଲା । ଉଲ୍ଲେଖଯୋଗ୍ୟ ଯେ, ମହାମାରି କୋରୋନା ପୂର୍ବରୁ ଭାରତରେ ଶୂନଡୋଜ ଶିଶୁଙ୍କ ସଂଖ୍ୟା ୧.୪ ମିଲିଅନ ଥିବାବେଳେ ୨୦୨୧ରେ ଏହି ସଂଖ୍ୟା ୨.୭ ମିଲିଅନକୁ ବୃଦ୍ଧି ପାଇଥିଲା ଏବଂ ଏହା ୨୦୨୨ରେ ୧.୧ ମିଲିଅନକୁ ହ୍ରାସ ପାଇଥିଲା । କିନ୍ତୁ ୨୦୨୩ ରେ ୧.୪୪ ମିଲିଅନକୁ ବୃଦ୍ଧି ପାଇଥିଲା । ଏହି ଅନୁଧ୍ୟାନକାରୀ ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଦେଶର ଉତରପ୍ରଦେଶ, ବିହାର, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଗୁଜରାଟରେ ଶୂନଡୋଜ ଶିଶୁଙ୍କ ହାର ସର୍ବାଧିକ ଥିବାବେଳେ ପାହାଡିଆ ତଥା ଆଦିବାସୀ ବହୁଳ ରାଜ୍ୟ ମେଘାଳୟ, ନାଗାଲାଣ୍ଡ, ମିଜୋରାମ ଏବଂ ଅରୁଣାଚଳ ପ୍ରଦେଶରେ ଏହି ହାର ଉଚ୍ଚରେ ରହିଛି । ଏହା ନିସନ୍ଦେହ ଯେ, ଜାତି, ଲିଙ୍ଗ ଏବଂ ସହର-ଗ୍ରାମାଚଂଳ ଷ୍ଟାଟସ ଆଧାରରେ ଏହି ଶୂନ ଡୋଜ ସଂଖ୍ୟାରେ ପାର୍ଥକ୍ୟ ପରିଲିଖିତ ହୋଇଛି । ତେବେ ଆଦିବାସୀ ବହୁଳ ଅଂଚଳ, ସହରାଚଂଳ ବସ୍ତି ଅଂଚଳ ଯେଉଁଠାରେ ଗରିବ ପ୍ରବାସୀଙ୍କ ସଂଖ୍ୟା ଅଧିକ ଏବଂ ମୁସଲିମ ପରିବାର ଯେଉଁମାନେ କି ଟିକାକରଣ ପାଇଁ କୁଣ୍ଠିତ, ସେମାନଙ୍କ ପାଇଁ ସର୍ବାଧିକ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି ।

## ମୋ ଗାଆଁ ହସେ



ଶ୍ରୀମତୀ ମନୋରମା ସେଠୀ
ଇଶାଣୀ, ସାହାଦା, ବାଲେଶ୍ୱର-୨

ଶରତ ଆସଇ ମୋ ଗାଆଁ ହସଇ
ସବୁ ଲାଗେ ନୂଆ ନୂଆ,
ଗଛଲତା ବନ ସବୁଜ ପ୍ରାନ୍ତର
କି ସୁନ୍ଦର ଦିଶେ ଆହା । -୦୧ –
ମୋ ଗାଆଁର ନଈ କୂଳେ ତ ହସଇ
କାଶତଣ୍ଡୀ ଫୁଲ କେତେ,
ପବନେ ତାହାର ଚାମର ନାଚଇ
ସର୍ଭିଙ୍କ ମନକୁ ଜିତେ ।-୦୨ –
ଶରତ ଗମନେ ମାଆ ଆଗମନେ
ଧରଣୀ ସୁନ୍ଦର ଦିଶେ,
ପୂଜା ଉପଚାର କରୁ ଯେ ତାଙ୍କର
ଭକତଙ୍କ ଦୁଃଖ ନାଶେ । -୦୩ –
ଜଗତ ଦିଶଇ କେତେ ମନୋହର
ସତେ ଶୋଭାର ପସରା,
ଆକାଶ ଦିଶଇ କେତେ ନିର୍ମଳ
ନାହିଁ ବରଷାର ଧାରା । -୦୪ –
ପୋଖରୀରେ କଇଁ ଫୁଟି ହସୁଥାଏ
ଚନ୍ଦ୍ରମାକୁ ଚାହିଁ ଚାହିଁ,
କେତେ ଦୂରେ ଚନ୍ଦ୍ର କେତେ ଦୂରେ କଇଁ
କେ କା'କୁ ଭୁଲେ ନାହିଁ । -୦୫ –
ନାନା ଜାତି ଫୁଲ ବାଡି ବଗିଚାରେ
ଫୁଟି ମହମହ ବାସେ,
ପ୍ରକୃତି ସଜାଏ ଗ୍ରାମକୁ ମୋହର
କି ସୁନ୍ଦର ଗାଆଁ ହସେ । -୦୬ –

# ଦରଦାମ ବୃଦ୍ଧି, ଭେଜାଲ ଖାଦ୍ୟ ଏବଂ ଔଷଧ

## ସାଧାରଣ ଲୋକର ଅସହ୍ୟ ଯନ୍ତ୍ରଣାର ସ୍ୱର କ୍ଷୀଣ



◆ ଗଙ୍ଗାଧର ରାଉତ

ଆଜି ଆମ ରାଜ୍ୟ ଓଡ଼ିଶା କାହିଁକି, ସାରା ଦେଶର ସାଧାରଣ ଲୋକର ସବୁଠାରୁ ବଡ଼ ଚିନ୍ତା ଓ ପାରିବାରିକ ଅଶାନ୍ତି ହେଉଛି ତିନୋଟି ଜିନିଷ - ଆକାଶ ଛୁଆଁ ଦରଦାମ ବୃଦ୍ଧି, ଦୈନନ୍ଦିନ ଖାଦ୍ୟର ଭେଜାଲ ଏବଂ ନକଲି ଔଷଧ ର ଅବାଧ ବିକ୍ରୀ ଏକଥା ଆମେ କହୁନାହୁଁ । ଏହି କାମ କୁ ତଦାରଖ ବା ଯାଂଚ କରୁଥିବା ସରକାରୀ ଅଧିକାରୀଙ୍କ କ୍ରମାଗତ ଯାଂଚ ଓ ଚଢ଼ାଉ ରୁ ପ୍ରମାଣିତ ହୋଇଛି ଯେ,ଭେଜାଲ କିଭଳି ତାର କାୟା ବିସ୍ତାର କେତେ ମାତ୍ରାରେ କରିଛି ଓ ଭେଜାଲ ଏବଂ ନକଲି କାର୍ଯ୍ୟକଳାପ କିପରି ଚାଲିଛି । ଯାହା କି ସିଧାସଳଖ ଲୋକଙ୍କ , ସ୍ୱାସ୍ଥ୍ୟ ଏବଂ ସୁସ୍ଥ ଜୀବନ ଯାପନ ଉପରେ କୁ ପ୍ରଭାବ ପକାଇ ଦେଇଛି । ଚାରି ପାଂଚଟି ଗ୍ରାମ କୁ ଯାଇ ଆମେ ଯାହା ବୁଝିଲୁ ତାହା ଚକିତ ହେବା ଭଳି ଖବର । ଏପରି ଘର ନାହିଁ ଯେଉଁ ଘରେ ରୋଗୀ ଟିଏ ନାହିଁ । ଯେଉଁ ଆଡେ ଚାହିଁବ ସବୁଆଡେ ରୋଗୀ ହିଁ ରୋଗୀ । ଆମେ ବାର୍ଦ୍ଧକ୍ୟ ଜନିତ ରୋଗ କଥା କହୁ ନାହୁଁ, ଆମେ କହୁଛୁ କ୍ୟାନସର, ଡାଇବେଟିସ, ଚର୍ମ ରୋଗ ,ଏସିଡିଟି,ଭଳି ଅନେକ ଅନେକ ରୋଗରେ ଲୋକେ ଆକ୍ରାନ୍ତ ହେଉଛନ୍ତି । ଯେତେ ଔଷଧ ଖାଇଲେ ମଧ୍ୟ ରୋଗ କମିବାର ନା ଧରୁନାହିଁ । ଲୋକଙ୍କ ଦୈନନ୍ଦିନ ଆୟରୁ ଅଧାରୁ ଅଧିକ ଅର୍ଥ କେବଳ ଔଷଧ କିଣାରେ ଯାଉଛି । ଫଳରେ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଉଛି । ଆତ୍ମୀୟ ଙ୍କ ଚିକିତ୍ସା ପାଇଁ ଡାକ୍ତର ଖାନା ରେ ସମୟ ଯାଉଥିବାରୁ ରୋଜଗାର କମିବା ସହିତ ହାତ ଉଧାରି ଋଣ ବଢ଼ିବଢ଼ି ଯାଉଛି । ଫଳରେ ପରିବାର ଉପରେ ଋଣ ଓ ଅଭାବ ର ବୋଝ ବଢ଼ି ଯାଉଛି ।

**୧. ଦରଦାମ ବୃଦ୍ଧି :** ବଜାରକୁ ଗଲେ ବ୍ୟାଗ ଭର୍ତି ହେଉନାହିଁ । ପନିପରିବା ର ଅଭାବ ରହୁଛି । ବଜାର ର ଗୋଟିଏ ମୁଣ୍ଡ ରୁ ଯାଇ ଅନ୍ୟ ମୁଣ୍ଡରୁ ଫେରିବା ବେଳକୁ ଦେଖିଥିବା ପରିବା ଏ ମୁଣ୍ଡରେ ଆଉ ନାହିଁ ।ଡାଲି ,ତେଲ ,ଲୁଣ, ପନିପରିବା ଦର ଆକାଶ ଛୁଆଁ ହୋଇଛି । ଲୋକଙ୍କ ଆବଶ୍ୟକତା ବା ଚାହିଦା ଅନୁସାରେ ଅଭାବ ଅଧିକ ଥିବା ପରିଲକ୍ଷିତ ହେଉଛି । କେତେକ କ୍ଷେତ୍ରରେ କୃତ୍ରିମ ଅଭାବ ପରିଲକ୍ଷିତ ହେଉଛି । ଅସାଧୁ ବ୍ୟବସାୟୀ ଦଲାଲ, ମଧ୍ୟସ୍ଥି ମାନେ ଏଥିରେ ମାଲେମାଲ ହେଉଛନ୍ତି । ଚାଷୀଙ୍କ ଠାରୁ କମ ମୂଲ୍ୟରେ କିଣି ଚଢ଼ା ଦରରେ ବିକ୍ରୀ କରି ଲାଭବାନ ହେଉଛନ୍ତି । ଏଥି ସହିତ ଅସ୍ୱାଭାବିକ ପାଣିପାଗ ମଧ୍ୟ ଏହାର ଅନ୍ତରାୟ ସୃଷ୍ଟି କରୁଛି । ଫଳରେ ସାଧାରଣ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହେଉଛି ।

**୨. ଭେଜାଲ ଖାଦ୍ୟ :** ଦର ବୃଦ୍ଧି ଠାରୁ ବି ଭୟଙ୍କର ହେଉଛି ଭେଜାଲ ଖାଦ୍ୟ । ହଳଦୀରେ ରଙ୍ଗ, ଲଙ୍କା ଗୁଣ୍ଡରେ ଇଟା ଗୁଣ୍ଡ, ଦୁଧରେ ପାଣି ଏବଂ ୟୁରିଆ, ଚାଉଳରେ ସରୁ ବାଲି ,ପନିର ରେ କାଗଜମଣ୍ଡ,ତେଲରେ ମୋବିଲ, ମହୁରେ ଚିନି ସିରା, ମାଛ, ଶୁଖୁଆ, ଫଳ ,ସତେଜ ରଖିବା ପାଇଁ ବ୍ୟାପକ ଭାବେ ଶରୀର କ୍ଷତି କାରକ କେମିକାଲ







ବ୍ୟବହାର କରାଯାଉଛି । ଏଭଳି ଅନେକ ଅପମିଶ୍ରିତ ବଡ କମ୍ପାନୀ ମାର୍କା ସାମଗ୍ରୀ ବଡ଼ ନାମୀଦାମୀ ଦୋକାନ ଓ ଛୋଟ ବଡ଼ ଦୋକାନରେ ବିକ୍ରୀ ହେଉଛି । ଛୋଟ ଛୋଟ ମିଠା ଦୋକାନରୁ ନେଇ କେତେକ ବଡ଼ ବଡ଼ ବ୍ରାଣ୍ଡ ଦୋକାନ ଓ ହୋଟେଲ ପର୍ଯ୍ୟନ୍ତ ସବୁଠି ଭେଜାଲ ଆଉ ଭେଜାଲ । ଏହି ଭେଜାଲ ଖାଦ୍ୟ ନିୟମିତ ଖାଇ ଲୋକେ କିଡନୀ, ଲିଭର, କର୍କଟ ଭଳି ରୋଗରେ ପଡୁଛନ୍ତି । ପର୍ବ ପର୍ବାଣୀ ସମୟରେ ତ ଭେଜାଲ ଆହୁରି ବଢ଼ିଯାଏ । ପ୍ରଶାସନ ଚଢ଼ାଉ କରେ, ଜୋରିମାନା କରେ, କିନ୍ତୁ କିଛି ଦିନ ପରେ ସବୁ ଯେମିତି ଥିଲା ସେମିତି ହୋଇଯାଏ ।

**୩. ଭେଜାଲ ଏବଂ ନକଲି ଔଷଧ:** ଜଣେ ରୋଗୀ ର ଜୀବନ ବଂଚାଇବା ପାଇଁ ଔଷଧ ଦିଆଯାଏ, କିନ୍ତୁ ସେ ଔଷଧ ଯଦି ନକଲି ହୁଏ, ତେବେ ସେ ମଣିଷ ବଂଚିବ କେମିତି ? ବଜାରରେ ଅନେକ ନାମୀ କମ୍ପାନୀର ନକଲି ଔଷଧ ବିକ୍ରି ହେଉଛି । ଏଥିରେ ଔଷଧ ନ ଥାଇ କେବଳ ଚକ ଗୁଣ୍ଡ ଓ ରଙ୍ଗ ମିଶା ଯାଉଛି । ଗାଁ ଅଂଚଳରେ କ୍ୱାକ୍ ଡାକ୍ତରମାନେ ଏହି ନକଲି ଔଷଧ ଦେଇ ଗରିବ ଲୋକଙ୍କ ଜୀବନ ସହ ଖେଳୁଛନ୍ତି । ଯାହା ତାହା ଔଷଧ ଦେଇ ଏପରିକି ଅତ୍ୟଧିକ ଯନ୍ତ୍ରଣା ନିରୋଧ ଔଷଧ ଦେଇ ରୋଗକୁ ବଢାଇ ଦିଆଯାଇଛି । ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ଓ କେନ୍ଦ୍ର ସରକାର ନିୟମିତ ବଜାର ଯାଂଚ କରିବା ସହ କଠୋର ଦଣ୍ଡ ଦେବା ପାଇଁ ଆଇନ କରିବାର ଆବଶ୍ୟକତା ରହିଛି । ଏଥି ସହିତ ସାଧାରଣ ଲୋକେ ମଧ୍ୟ ସଚେତନ ହେବା ଦରକାର । ଆମେ ସାମ୍ବାଦିକ ମାନେ ଏହି ଖବରକୁ ଲଗାତର ପ୍ରକାଶ କରି ପ୍ରଶାସନ ଉପରେ ପରୋକ୍ଷରେ ଚାପ ପକାଇବା ଦରକାର । ଯଦ୍ୱାରା ସରକାର ଡେଇଁ ନ ଶୋଇ ଏ ଦିଗରେ ତୁରନ୍ତ ଓ ନିୟମିତ ଆବଶ୍ୟକ ପଦକ୍ଷେପ ନେବାକୁ ଆଉ ପଛ ଘୁଂଚା ଦେବେ ନାହିଁ ।ଦରଦାମ ନିୟନ୍ତ୍ରଣ ଓ ଶୁଦ୍ଧ ଖାଦ୍ୟ-ଔଷଧ ଯୋଗାଇବା କେବଳ ସରକାରର ନୁହେଁ, ଏହା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ । ଏଥିପାଇଁ ସ୍ୱର ଉଠାଇବା ହିଁ ପ୍ରକୃତ ସାମ୍ବାଦିକତା । ଯଦି ଜଣେ ସାମ୍ବାଦିକ ସଚେତନତାର ବାର୍ତା ପ୍ରଚାର ନ କରିବ ତାହେଲେ ଆଉ କିଏ କରିବ । ମୋ ମତରେ ଆସନ୍ତୁ ଆମେ ସମସ୍ତେ ସମାଜ ସଂସ୍କାର ପାଇଁ ଛୋଟ ଛୋଟ ପ୍ରୟାସ କରି ଜନଜାଗରଣ ସୃଷ୍ଟି କରିପାରିଲେ ତାହାହିଁ ହେବ ସାମ୍ବାଦିକତାର ପରିଚୟ ଓ ସମାଜ ପ୍ରତି ଆମର ଗୁରୁଦାୟିତ୍ୱ ଓ କର୍ତବ୍ୟର ଅଂଶ ବିଶେଷ ।

*ବରିଷ୍ଠ ସାମ୍ବାଦିକ
ତଥା ସଭାପତି ଓୟୁଜେ
ବାଲେଶ୍ୱର ଶାଖା*

# ମାଟି ଓଡ଼ିଶାର ଭାରତୀୟ କ୍ରିକେଟର - ପ୍ରଜ୍ଞାନ ଓଝାଙ୍କ ଐତିହାସିକ ସଫଳତାରେ ଗର୍ବିତ ଓଡ଼ିଆ ଜାତି



◆ସୌଭାଗ୍ୟ ରଂଜନ ମହାନ୍ତି

ପ୍ରଜ୍ଞାନ ପ୍ରୟାଶ ଓଝାଙ୍କ ଜନ୍ମ ୧୯୮୬ ମସିହା ସେପ୍ଟେମ୍ବର ୫ ତାରିଖରେ ଓଡ଼ିଶାର ଭୁବନେଶ୍ୱର ଠାରେ ହୋଇଥିଲା । ତାଙ୍କ ପିତା ମହେଶ୍ୱର ଓଝା ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏବଂ ମାତା ବିଦ୍ୟୁତଲତା ଓଝା ସାହିତ୍ୟରେ ସ୍ନାତକୋତର ଶିକ୍ଷାପ୍ରାପ୍ତ । ପରିବାରର ଶିକ୍ଷାଗତ ପରିବେଶ ଓ ଶୃଙ୍ଖଳା ତାଙ୍କ ଜୀବନ ଗଠନରେ ଭୂମିକା ନେଇଥିବା କୁହାଯାଇ ପାରେ । ପିଲାଦିନରୁ କ୍ରିକେଟ ପ୍ରତି ତାଙ୍କର ଆଗ୍ରହ ଥିଲା । ପ୍ରାୟ ଦଶ ବର୍ଷ ବୟସରେ ସେ ଭୁବନେଶ୍ୱରର ସହିଦ ସ୍ପୋର୍ଟିଂ କ୍ଲବରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ । ପରେ ଉନ୍ନତ ଶିକ୍ଷା ଓ କ୍ରିକେଟରରେ ଅଧିକ ସୁଯୋଗ ପାଇବା ଉଦ୍ଦେଶ୍ୟରେ ସେ ହାଇଦ୍ରାବାଦ ଯାଇଥିଲେ । ସେଠାରେ ପ୍ରଶିକ୍ଷକମାନଙ୍କ ମାର୍ଗଦର୍ଶନରେ ନିଜ ବୋଲିଂକୁ ଶାଣିତ କରିଥିଲେ । ତାଙ୍କ ଜୀବନ ଏହି ଶିକ୍ଷା ଦିଏ ଯେ ପ୍ରତିଭାର ଆରମ୍ଭ ଜନ୍ମଭୂମିରେ ହୋଇପାରେ, କିନ୍ତୁ ତାହାର ବିକାଶପାଇଁ ଅନେକ ସମୟରେ ତ୍ୟାଗ, ପରିବର୍ତନ ଓ ନିରନ୍ତର ଅଭ୍ୟାସ ଆବଶ୍ୟକ ହୁଏ । ୨୦୧୦ ମସିହା ମେ ୧୬ ତାରିଖରେ ସେ କରାବୀ ବରାଳଙ୍କୁ ବିବାହ କରିଥିଲେ । ଭାରତୀୟ ଦଳ ପାଇଁ ଖେଳିବା ସମୟରେ ସେ ନିଜର ବାମହାତୀ ସ୍ପିନ୍ ବୋଲିଂ ଦ୍ୱାରା ପରିଚିତ ହାସଲ କରିଥିଲେ । ୨୦୧୩ରେ ସଚିନ ତେନ୍ଦୁଲକରଙ୍କ ବିଦାୟୀ ଟେଷ୍ଟରେ ଦଶଟି ଉଇକେଟ୍ ନେବା ତାଙ୍କ କ୍ରିକେଟ ଜୀବନର ଏକ ସ୍ମରଣୀୟ ସଫଳତା । ଏହି ଉପଲବ୍ଧି ପରେ ମଧ୍ୟ ତାଙ୍କ ଯାତ୍ରାରେ ଆହ୍ୱାନ ଆସିଥିଲା । ବୋଲିଂ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠିବା, ତାହାର ସୁଧାର ପାଇଁ ପ୍ରୟାସ କରିବା ଏବଂ ପୁନର୍ବାର ପୂର୍ବ ପ୍ରଭାବ ଫେରାଇ ଆଣିବାର ସଂଘର୍ଷ ତାଙ୍କୁ କଠିନ ଅଭିଜ୍ଞତା ଦେଇଥିଲା । ୨୦୨୦ରେ କ୍ରିକେଟରୁ ଅବସର ନେବା ପରେ ମଧ୍ୟ ସେ ଏହି ଖେଳ ସହିତ ଜଡିତ ରହିଥିଲେ । ଏବେ ଭାରତୀୟ ପୁରୁଷ ଦଳର ଚୟନ ସମିତିର ଅଧ୍ୟକ୍ଷ ଭାବେ ତାଙ୍କ ନୂଆ ଦାୟିତ୍ୱ ଏକ ନୂତନ ଅଧ୍ୟାୟ । ଜଣେ ଖେଳାଳୀ ଭାବେ ସେ ମଇଦାନରେ ନିଜ ପ୍ରତିଭା ପ୍ରମାଣ କରିଥିଲେ, ଏବେ ଜଣେ ଚୟନକର୍ତା ଭାବରେ ଯୋଗ୍ୟ ପ୍ରତିଭାଙ୍କୁ ଚିହ୍ନଟ କରିବା, ନିରପେକ୍ଷ ନିଷ୍ପତି ନେବା ଏବଂ ଭାରତୀୟ କ୍ରିକେଟର ଭବିଷ୍ୟତ ଗଢିବା ତାଙ୍କ ସମ୍ମୁଖରେ ରହିବ । ଓଡ଼ିଶା ପାଇଁ ତାଙ୍କ ସଫଳତାର ପ୍ରକୃତ ଅର୍ଥ ହେଉଛି- ଆମ ମାଟିର ପ୍ରତିଭା ଜାତୀୟ ସ୍ତରରେ ନେତୃତ୍ୱ ନେବାର ସାମର୍ଥ୍ୟ ରଖେ । ଓଡ଼ିଶାର ମାଟି କେବଳ ତ୍ୟାଗ, ତପସ୍ୟା, ସଂସ୍କୃତି, ସାହିତ୍ୟ ଓ ଆଧ୍ୟାତ୍ମିକତାର ମାଟି ନୁହେଁ, ଏହା ସଂଘର୍ଷ, ସାହସ, ପ୍ରତିଭା ଓ ସଫଳତାର ମଧ୍ୟ ଏକ ଅନନ୍ୟ ଭୂମି । ଏହି ମାଟିରୁ ଅନେକ ମହାନ ବ୍ୟକ୍ତିତ୍ୱ ଜନ୍ମ ନେଇ ଦେଶର ଗୌରବ ବୃଦ୍ଧି କରିଛନ୍ତି । କେହି ସାହିତ୍ୟରେ, କେହି କଳାରେ, କେହି ପ୍ରଶାସନରେ, ଆଉ କେହି କ୍ରୀଡାକ୍ଷେତ୍ରରେ ନିଜର ଅସାଧାରଣ ପ୍ରତିଭାର ପରିଚୟ ଦେଇଛନ୍ତି । ଆଜି ସେହି ଗର୍ବର ତାଲିକାରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡି ହୋଇଛି । ଭୁବନେଶ୍ୱରରେ ଜନ୍ମିତ ପୂର୍ବତନ ଭାରତୀୟ କ୍ରିକେଟର ପ୍ରଜ୍ଞାନ ଓଝା ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡର ପୁରୁଷ ଦଳ ଚୟନ ସମିତିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ପାଇବା ଓଡ଼ିଶା ପାଇଁ ଏକ ଐତିହାସିକ ଗୌରବର ବିଷୟ । ଏହା କେବଳ ଜଣେ କ୍ରିକେଟରଙ୍କ ପଦୋନ୍ନତି ନୁହେଁ, ଏହା ଓଡ଼ିଶାର କ୍ରୀଡା ସ୍ୱପ୍ନ, ଯୁବପିଢିର ଆକାଂକ୍ଷା ଏବଂ ରାଜ୍ୟର ଅସୀମ ସମ୍ଭାବନାର ଏକ ଉଜ୍ଜ୍ୱଳ ପ୍ରତୀକ । ଅକ୍ଟୋବର ୧୯ ତାରିଖରେ ତାଙ୍କ ନାମରେ ଏହି ଗୁରୁଦାୟିତ୍ୱ ଘୋଷଣା ହେବା ପରେ ଓଡ଼ିଶାର କ୍ରୀଡାପ୍ରେମୀଙ୍କ ମନରେ ଆନନ୍ଦ, ଆତ୍ମବିଶ୍ୱାସ ଓ ଗର୍ବର ଏକ ନୂଆ ଲହରୀ ସୃଷ୍ଟି ହୋଇଛି । ଯେଉଁ ରାଜ୍ୟର ପିଲାମାନେ ଦିନେ ଭାରତୀୟ ଦଳରେ ସ୍ଥାନ ପାଇବାର ସ୍ୱପ୍ନ ଦେଖୁଥିଲେ, ସେହି ରାଜ୍ୟର ଜଣେ ସନ୍ତାନ ଆଜି ଭାରତୀୟ ଦଳ ଗଠନର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଅବସ୍ଥାପିତ ହେବା ନିଶ୍ଚିତ ଭାବେ ପ୍ରେରଣାଦାୟକ । ଏହି ସଫଳତାର ମୂଲ୍ୟକୁ ବୁଝିବାକୁ ହେଲେ ପ୍ରଜ୍ଞାନ ଓଝାଙ୍କ କ୍ରିକେଟ ଯାତ୍ରାକୁ ମନେ ପକାଇବାକୁ ପଡିବ । ୧୯୮୬ ମସିହା ସେପ୍ଟେମ୍ବର ୫ ତାରିଖରେ ଭୁବନେଶ୍ୱରରେ ଜନ୍ମଗ୍ରହଣ କରିଥିବା ପ୍ରଜ୍ଞାନ ନିଜର ପରିଶ୍ରମ, ଅଭ୍ୟାସ ଓ ଦୃଢ ସଂକଳ୍ପ ବଳରେ କ୍ରିକେଟର ଉଚ୍ଚତମ ସ୍ତରରେ ପହଂଚିଥିଲେ । ତାଙ୍କ ଯାତ୍ରା ଆମକୁ ଶିଖାଏ ଯେ ଜନ୍ମସ୍ଥାନ ମଣିଷର ପରିଚୟର ଆରମ୍ଭ ହୋଇପାରେ, କିନ୍ତୁ ତାହାର ଶେଷ ସୀମା ନୁହେଁ । ପ୍ରତିଭାକୁ ଯଦି ଅଧ୍ୟବସାୟର ସାଥ ମିଳେ, ତେବେ ଏକ ଛୋଟ ଆରମ୍ଭ ମଧ୍ୟ ବିଶାଳ ସଫଳତାର ଦ୍ୱାର ଖୋଲିପାରେ । ବାମହାତୀ ଧୀମା ବୋଲିଂରେ ଦକ୍ଷ ପ୍ରଜ୍ଞାନ ଭାରତୀୟ ଦଳ ପକ୍ଷରୁ ୨୪ଟି ଟେଷ୍ଟ, ୧୮ଟି ଏକଦିବସୀୟ ଅର୍ନ୍ତଜତୀୟ ମ୍ୟାଚ୍ ଓ ୬ଟି ଟ୍ୱେଂଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ । ଟେଷ୍ଟ କ୍ରିକେଟରରେ ସେ ୧୧୩ଟି ଉଇକେଟ୍ ନେଇ ନିଜର ଦକ୍ଷତା ପ୍ରମାଣ କରିଥିଲେ । ତାଙ୍କ କ୍ୟାରିୟରର ସବୁଠାରୁ ସ୍ମରଣୀୟ ଅଧ୍ୟାୟ ମଧ୍ୟରୁ ଗୋଟିଏ ହେଉଛି ୨୦୧୩ ମସିହାରେ ମୁମ୍ବାଇରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ସଚିନ ତେନ୍ଦୁଲକରଙ୍କ ବିଦାୟୀ ଟେଷ୍ଟ ମ୍ୟାଚରେ ତାଙ୍କର ଦଶଟି ଉଇକେଟ୍ ଅକ୍ତିଆର । ସେହି ମ୍ୟାଚରେ ଉଭୟ ପାଳିରେ ପାଂଚଟି ଲେଖାଏଁ ଉଇକେଟ୍ ନେଇ ସେ ମ୍ୟାଚର ଶ୍ରେଷ୍ଠ ଖେଳାଳୀ ହୋଇଥିଲେ । ଏହା ଥିଲା ତାଙ୍କ ଅନ୍ତର୍ଜାତୀୟ ଟେଷ୍ଟ ଯାତ୍ରାର ଏକ ଅବିସ୍ମରଣୀୟ ନେଇ ସେ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ । ଏହା ଥିଲା ତାଙ୍କ ଅନ୍ତର୍ଜାତୀୟ ଟେଷ୍ଟ ଯାତ୍ରାର ଏକ ଅବିସ୍ମରଣୀୟ ଶିଖର । କିନ୍ତୁ ଜୀବନର ପ୍ରତ୍ୟେକ ଯାତ୍ରା ସରଳ ରେଖାରେ ଆଗକୁ ବଢେ ନାହିଁ । ବୋଲିଂ କାର୍ଯ୍ୟଶୈଳୀକୁ ନେଇ ଉଠିଥିବା ପ୍ରଶ୍ନ ତାଙ୍କ କ୍ୟାରିୟରକୁ ବାଧା ଦେଇଥିଲା । ପୂନର୍ବାର ନିଜକୁ ପ୍ରମାଣ କରିବାର ସଂଘର୍ଷ, ଜାତୀୟ ଦଳକୁ ଫେରିବାର ଆଶା ଏବଂ ଶେଷରେ ୨୦୨୦ ମସିହାରେ ସମସ୍ତ ପ୍ରକାର କ୍ରିକେଟରୁ ଅବସର ନେବାର ନିଷ୍ପତି ତାଙ୍କ ଜୀବନର ଅନ୍ୟ ଏକ ଅଧ୍ୟାୟ । ଏହି ଅଭିଜ୍ଞତା ହିଁ ଆଜି ଚୟନ ସମିତିର ଅଧ୍ୟକ୍ଷ ଭାବେ ତାଙ୍କ ପାଇଁ ମୂଲ୍ୟବାନ ପୁଞ୍ଜି ହୋଇପାରେ କାରଣ ଜଣେ ଖେଳାଳୀର ସାମର୍ଥ୍ୟ ମାପିବା କେବଳ ପରିସଂଖ୍ୟାନ ଦେଖିବା ନୁହେଁ, ତାଙ୍କ ମାନସିକ ଦୃଢତା, ଶୃଙ୍ଖଳା, ଚାପ ସମ୍ଭାଳିବାର କ୍ଷମତା, ଦଳ ପ୍ରତି ନିଷ୍ଠା ଏବଂ ବିଫଳତାକୁ ଫେରିବାର ସମାର୍ଥ୍ୟକୁ ମଧ ବୁଝିବା ଆବଶ୍ୟକ । ଏସବୁ ଅନୁଭବ ଜଣେ ଚୟନକର୍ତାଙ୍କୁ ଅଧିକ ସମ୍ବେଦନଶୀଳ ଓ ବିଚାରଶୀଳ କରିପାରେ । ଏହି ନୂଆ ଦାୟିତ୍ୱ ତାଙ୍କ ପାଇଁ କେବଳ ସମ୍ମାନ ନୁହେଁ, ଏକ ବଡ ପରୀକ୍ଷା ମଧ୍ୟ । ଭାରତୀୟ ପୁରୁଷ କ୍ରିକେଟ ଦଳର ଚୟନ କୌଣସି ସାଧାରଣ ପ୍ରଶାସନିକ କାର୍ଯ୍ୟ ନୁହେଁ । ଏହା କୋଟି କୋଟି କ୍ରିକେଟପ୍ରେମୀଙ୍କ ଭାବନା, ଦେଶର ଆଶା ଓ ଆନ୍ତର୍ଜାତୀୟ ସ୍ତରରେ ଭାରତର ପ୍ରତିଷ୍ଠା ସହ ଜଡିତ । କାହାକୁ ଦଳରେ ସ୍ଥାନ ମିଳିବ, କାହାକୁ ଅପେକ୍ଷା କରିବାକୁ ପଡିବ, କେଉଁ ଯୁବ ପ୍ରତିଭାକୁ ସୁଯୋଗ ଦିଆଯିବ ଏବଂ କେଉଁ ଅଭିଜ୍ଞ ଖେଳାଳିଙ୍କ ଭବିଷ୍ୟତ ନେଇ ନିଷ୍ପତି ହେବ-ଏହି ସବୁ ପ୍ରଶ୍ନର ଉତରରେ ନିରପେକ୍ଷତା, ଦୂରଦୃଷ୍ଟି ଓ ସାହସର ଅପରିହାର୍ଯ୍ୟ । ଜନପ୍ରିୟତା ନୁହେଁ, ପ୍ରଦର୍ଶନ ହେଉ ମାନଦଣ୍ଡ, ଆଂଚଳିକ ପରିଚୟ ନୁହେଁ, ପ୍ରତିଭା ହେଉ ପ୍ରାଥମିକତା, ବାହ୍ୟ ଚାପ ନୁହେଁ, ଦଳର ଦୀର୍ଘମିଆଦି ସ୍ୱାର୍ଥ ହେଉ ନିଷ୍ପତିର ଆଧାର । ପ୍ରଜ୍ଞାନଙ୍କ ନେତୃତ୍ୱରେ ଏହି ମୂଲ୍ୟବୋଧ ଅଧିକ ସୁଦୃଢ ହେଉ ବୋଲି ଦେଶ ଆଶା କରିବ । ତାଙ୍କ ଅଧ୍ୟକ୍ଷତାରେ ଭାରତୀୟ କ୍ରିକେଟର ଭବିଷ୍ୟତ ପାଇଁ ଯୋଗ୍ୟ ଖେଳାଳି ଚିହ୍ନଟ, ନୂଆ ପ୍ରତିଭାଙ୍କୁ ସୁଯୋଗ, ଖେଳାଳିଙ୍କ ନିରନ୍ତର ପ୍ରଦର୍ଶନର ମୂଲ୍ୟାୟନ ଏବଂ ଆଗାମୀ ପିଢିର ଦଳ ଗଠନ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଏହି ସଫଳତା ଓଡ଼ିଶାର ଯୁବପିଢି ପାଇଁ ମଧ୍ୟ ଏକ ବଡ ବାର୍ତା ବହନ କରୁଛି । ଆମ ରାଜ୍ୟରେ ଅନେକ ପ୍ରତିଭାବାନ୍ ଖେଳାଳି ଅଛନ୍ତି, ଯେଉଁମାନେ ଯଥୋଚିତ ପ୍ରଶିକ୍ଷଣ, ଉପଯୁକ୍ତ ସୁବିଧା, ନିରନ୍ତର ଅଭ୍ୟାସ ଓ ସଠିକ୍ ଦିଗଦର୍ଶନ ପାଇଲେ ଜାତୀୟ ସ୍ତରରେ ନିଜର ପରିଚୟ ସୃଷ୍ଟି କରିପାରିବେ । ପ୍ରଜ୍ଞାନଙ୍କ ଉଦାହରଣ ସେମାନଙ୍କୁ କହୁଛି - ସ୍ୱପ୍ନ ଦେଖିବାରେ ସଙ୍କୋଚ କରନାହିଁ, ବିଫଳତାକୁ ଭୟ କରନାହିଁ ଏବଂ ପରିଶ୍ରମର ପଥରୁ ଦୂରେଇ ଯାଅନାହିଁ । ଜଣେ ଖେଳାଳୀର ଯାତ୍ରା କେବଳ ନିଜ ପାଇଁ ନୁହେଁ, ତାଙ୍କ ସଫଳତା ଅନେକ ଅନାମଧେୟ ପ୍ରତିଭାଙ୍କ ମନରେ ଆଶାର ଦୀପ ଜଳାଇପାରେ । ଏଠାରେ ରାଜ୍ୟର କ୍ରୀଡା ସଂଗଠନ, ବିଦ୍ୟାଳୟ, ମହାବିଦ୍ୟାଳୟ, ପ୍ରଶିକ୍ଷକ ଓ ଅଭିଭାବଙ୍କର ମଧ୍ୟ ବଡ଼ ଦାୟିତ୍ୱ ରହିଛି । ଖେଳକୁ କେବଳ ମନୋରଂଜନ ଭାବେ ନଦେଖି ଶୃଙ୍ଖଳିତ ଜୀବନ, ସୁସ୍ଥ ସମାଜ ଓ ରୋଜଗାରର ଏକ ସମ୍ଭାବନାମୟ କ୍ଷେତ୍ର ଭାବେ ଗ୍ରହଣ କରିବାର ସମୟ ଆସିଛି । କ୍ରିକେଟରେ ଓଡ଼ିଶାର ଅବଦାନକୁ ମଧ୍ୟ ଏହି ପରିପ୍ରେକ୍ଷୀରେ ମନେ ପକାଇବା ଉଚିତ । ଶିବସୁନ୍ଦର ଦାସଙ୍କ ପରି ଖେଳାଳି ଭାରତୀୟ କ୍ରିକେଟର ନିଜର ଛାପ ଛାଡିଛନ୍ତି । ଏବେ ପ୍ରଜ୍ଞାନ ଓଝାଙ୍କ ଏହି ଉଚ୍ଚ ପଦବୀ ରାଜ୍ୟର କ୍ରିକେଟ ସ୍ୱପ୍ନକୁ ଆଉ ଏକ ନୂଆ ଆଲୋକ ଦେଇଛି । ତେବେ ଏହି ଗୌରବକୁ କେବଳ ଉତ୍ସବରେ ସୀମିତ ରଖିଲେ ଚଳିବ ନାହିଁ । ଓଡ଼ିଶାରେ ଉନ୍ନତ ଖେଳପଡିଆ, ଗୁଣାତ୍ମକ ପ୍ରଶିକ୍ଷଣ, ଜିଲ୍ଲାସ୍ତରରେ ପ୍ରତିଭା ଅନ୍ୱେଷଣ, ଯୁବ ଖେଳାଳିଙ୍କ ପାଇଁ ପ୍ରତିଯୋଗିତା ଓ ଆର୍ଥିକ ସହାୟତାକୁ ଅଧିକ ସୁଦୃଢ କରିବା ଆବଶ୍ୟକ । ଜଣେ ଓଡ଼ିଆ ଭାରତୀୟ ଦଳରେ ସ୍ଥାନ ପାଇବା ହିଁ ଏହି ଗର୍ବର ପ୍ରକୃତ ବିସ୍ତାର ହେବ । ଆମେ ପ୍ରଜ୍ଞାନଙ୍କୁ ନିଜ ରାଜ୍ୟର ଗୌରବ ବୋଲି କହୁଥିବା ବେଳେ ତାଙ୍କ ଉପରେ ଆଂଚଳିକ ପକ୍ଷପାତର ଅନୁଚିତ ଆଶା ଲଦିଦେବା ଉଚିତ ନୁହେଁ । ତାଙ୍କର ପ୍ରଥମ ଦାୟିତ୍ୱ ହେଉଛି ଭାରତୀୟ କ୍ରିକେଟର ସ୍ୱାର୍ଥ । ଯୋଗ୍ୟ ଓଡ଼ିଆ ଖେଳାଳୀ ଯଦି ନିଜ ପ୍ରଦର୍ଶନ ବଳରେ ସ୍ଥାନ ପାଆନ୍ତି, ତେବେ ସେହି ସଫଳତା ସବୁଠାରୁ ଗର୍ବର ବିଷୟ ହେବ । ତାଙ୍କର ନିରପେକ୍ଷ ନିଷ୍ପତି, ସ୍ୱଚ୍ଛ ମୂଲ୍ୟାୟନ ଓ ଦୂରଦୃଷ୍ଟି ହିଁ ତାଙ୍କ ନେତୃତ୍ୱକୁ ମହାନ କରିବେ । ଏହି ନିଯୁକ୍ତି ଆମକୁ ଆଉ ଏକ କଥା ମନେ ପକାଏ-ପ୍ରତିଭାର ସମ୍ମାନ କରିବା ପାଇଁ ଜନ୍ମସ୍ଥାନ ନୁହେଁ, ଯୋଗ୍ୟତା ହିଁ ଶେଷ କଥା । ଯେତେବେଳେ ଜଣେ ଓଡ଼ିଆ ଜାତୀୟ ସ୍ତରରେ ନିଜର ଦକ୍ଷତାରେ ଉଚ୍ଚତା ଛୁଅନ୍ତି, ସେତେବେଳେ ତାଙ୍କ ସଫଳତା ସମଗ୍ର ଦେଶର ସମ୍ପଦ ହୋଇଯାଏ । ଆଜି ପ୍ରଜ୍ଞାନ ଓଝାଙ୍କ ସମ୍ମାନ ଓଡ଼ିଶାର ଯୁବକଯୁବତୀଙ୍କୁ ନୂଆ ସ୍ୱପ୍ନ ଦେଖାଇବା ସହିତ ରାଜ୍ୟର କ୍ରୀଡା ଭିତିଭୂମିକୁ ଆହୁରି ମଜବୁତ୍ କରିବାର ଆହ୍ୱାନ ମଧ୍ୟ ଦେଉଛି । ଆସନ୍ତୁ, ଆମେ ଏହି ଐତିହାସିକ ମୁହୂର୍ତକୁ କେବଳ ଅଭିନନ୍ଦନରେ ଶେଷ ନକରି ପ୍ରତିଭାର ପୋଷଣ, ଖେଳର ବିକାଶ ଓ ଯୁବପିଢିର ଉତଥାନ ପାଇଁ ଏକ ନୂଆ ସଂକଳ୍ପରେ ପରିଣତ କରିବା । ପ୍ରଜ୍ଞାନ ଓଝାଙ୍କ ଆଗାମୀ ଦାୟିତ୍ୱ ସଫଳ ହେଉ, ଭାରତୀୟ କ୍ରିକେଟ ନୂଆ ଉଚ୍ଚତା ଛୁଉଁ ଏବଂ ଓଡ଼ିଶାର ଅଧିକରୁ ଅଧିକ ପ୍ରତିଭା ଜାତୀୟ ମଂଚରେ ନିଜର ଯୋଗ୍ୟ ସ୍ଥାନ ପାଆନ୍ତୁ- ଏହା ହିଁ ଆଜି ସମଗ୍ର ଓଡ଼ିଆ ଜାତିର ଆଶା, ଆକାଂକ୍ଷା ଓ ଶୁଭକାମନା ।



*ମୋ.ନଂ-୯୪୩୭୯୯୪୩୭୯*

      



# ଖପରାପଦା ବଜାରରେ ନୂତନ ଟ୍ରାକ୍ଟର ସୋ'ରୁମ ଉଦ୍‌ଘାଟିତ

## ଦେଶ ସୁରକ୍ଷାରୁ ଅବସର ପରେ ଟ୍ରାକ୍ଟର ସୋରୁମ ମାଧ୍ୟମରେ ପୁଣି ଦେଶର ସେବା କରିବାରେ ସୁଯୋଗ ପାଇଛି-ରମାକାନ୍ତ ସାହୁ



ବାଲିଆପାଳ : (ନିପ୍ର) ଟ୍ରାକ୍ଟର ବ୍ୟବହାର କରୁଥିବା ଚାଷୀଙ୍କର ସୁବିଧା ନିମନ୍ତେ ରବିବାର ବାଲିଆପାଳ ବ୍ଲକ ଅଧିନସ୍ଥ ଖପରାପଦା ବଜାର ଠାରେ ଏକ ନିର୍ଭର ଯୋଗ୍ୟ ଏସ୍କର୍ଟ କମ୍ପାନୀର ଟ୍ରାକ୍ଟର ସୋରୁମ ଉଦ୍ଘାଟିତ ହୋଇଯାଇଛି । ଅବସରପ୍ରାପ୍ତ ସେନାଧିକାରୀ ରମାକାନ୍ତ ସାହୁ ସ୍ଥାନୀୟ ଚାଷୀଙ୍କ ସୁବିଧା ନିମନ୍ତେ ଏସ୍କଟ କମ୍ପାନୀର ଠାରୁ ଡିଲରସିପ ନେଇ ଏକ ଟ୍ରାକ୍ଟର ସୋରୁମ ଉଦ୍ଘାଟନ କରାଇଛନ୍ତି ।ଏହି ଉଦ୍ଘାଟନୀ ଉତ୍ସବରେ ଏସ୍କର୍ଟ କୁବେଟା ପ୍ରାଇଭେଟ୍ ଲିମିଟେଡ କମ୍ପାନୀର ମୁଖ୍ୟ ଗଜେନ୍ଦ୍ର ପରିଡ଼ା, ସେଲସ ଏରିଆ ମୁଖ୍ୟ ଆଲୋକ କୁମାର ବେହେରା, ସର୍ଭିସ ଏରିଆ ମୁଖ୍ୟ ରମାନାଥ ସାମଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ମାଧମରେ ଏସ୍କର୍ଟ କମ୍ପାନୀ ର ଟ୍ରାକ୍ଟର ଅନ୍ୟ ଟ୍ରାକ୍ଟର ଠାରୁ ଚାଷୀଙ୍କ ଚାଷ କାର୍ଯ୍ୟ କେତେ ସୁଫଳ ପ୍ରଦାନ କରି ପାରୁଛି ସେବିଷୟରେ ବୁଝାଇଥିଲେ । ଏହି ଉଦ୍ଘାଟନୀ ଉତ୍ସବରେ ବାଲିଆପାଳ, ବସ୍ତା ଓ ଭୋଗରାଇ ଅଂଚଳର ବହୁ ଚାଷୀ ଉପସ୍ଥିତ ହୋଇ ସୋରୁମରେ ଥିବା ଏସ୍କର୍ଟ କମ୍ପାନୀର ପାୱାରଟ୍ରାକ ଟ୍ରାକ୍ଟରର ନିଉ ଟେକ୍ନୋଲୋଜିରେ ଜିପିଆରଏସ ସିଷ୍ଟମ ଦ୍ୱାରା ଡ୍ରାଇଭର ସିଧାସଳଖ କମ୍ପାନୀ ଟେକ୍ନିସିୟନ ସହିତ କଥା ହେବାର ସୁବିଧାକୁ ପ୍ରଶଂସା କରିଥିଲେ । ତେବେ ଏହି ଉଦ୍ଘାଟନୀ ଉତ୍ସବରେ ସୋ ରୋମର ମାଲିକ ଅବସର ପ୍ରାପ୍ତ ସେନା ଅଧିକାରୀ ରମାକାନ୍ତ ସାହୁ କହିଥିଲେ କି ଦେଶର ସୀମାରେ ଯବାନ ଓ ଦେଶ ଭିତରେ କିଷାନ ଦେଶ ରକ୍ଷା ରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ବୋଲି ସେ ଅନୁଭବ କରିଛନ୍ତି । ତେଣୁ ସେ ସେନାରୁ ଅବସର ଗ୍ରହଣ ପରେ ସ୍ଥାନୀୟ ଚାଷୀଙ୍କୁ କୃଷିର ଉନ୍ନତି ପାଇଁ ଚାଷୀଙ୍କୁ ସେବା ଯୋଗାଇବା ପାଇଁ ଏହି ଟ୍ରାକ୍ଟର ସୋ ରୋମ ଦ୍ୱାରା ଦେଶର ସେବା କରିବା ପାଇଁ ପୁଣି ଥରେ ସୁଯୋଗ ପାଇଛନ୍ତି ବୋଲି କହିଛନ୍ତି ।

## ଦଶହରାରେ ବଳଦ ଯାତ୍ରା ସୁସଜ୍ଜିତ ବଳଦଙ୍କୁ ଗ୍ରାମ ପରିକ୍ରମା

ଭଦ୍ରକ : ଜିଲ୍ଲାରେ ବିଭିନ୍ନ ସ୍ଥାନରେ ବହୁ ବର୍ଷ ଧରି ଗ୍ରାମାଂଚଳରେ ଦଶହରା ବଳଦ ଯାତ୍ରା ଗ୍ରାମ ପରିକ୍ରମା କରିଥିଲା । ଜିଲ୍ଲାର ଅର୍ଣ ପାଳ, ମଧୁ ସୁଦନ ପୁର, ସୁସୁଆ, ବିଷ୍ଣୁ ପୁର ବିନ୍ଧା, ଆଦି ଗ୍ରାମରୁ ପ୍ରତି ବର୍ଷ ପରି ଚଳିତ ବର୍ଷ ଦଶହରା ଉତ୍ସବରେ ବଳଦ ମାନଙ୍କୁ ସୁଷ ଜିତ କରି ନଗର ପରିକ୍ରମା କରିବା ପରେ ମା ଦୁର୍ଗା ଙ୍କ ଠାରେ ବଳଦ ମାନଙ୍କୁ ନିଆଯାଇ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା କରାଯାଇ ଥାଏ । ଏହା ପୁରୁଷ ପୁରୁଷ ଧରି ଦଶହରା ବଳଦ ଯାତ୍ରା ଅନୁଷ୍ଠିତ ହୋଇ ଆସୁଛି । ସହର ଠାରୁ ଆରମ୍ଭ କରି ଗ୍ରାମାଂଚଳ ପର୍ଯ୍ୟନ୍ତ ଶହ ଶହ ଶ୍ରଦ୍ଧାଳୁ ଜନ ସାଧାରଣ ଦେଖୁବା ପାଇଁ ଉତ୍ସବ ମୁଖର ହୋଇ ଉଠେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ବାରିପଦାରେ ନୂତନ ଶ୍ମଶାନ ଓ ସଂଯୋଗୀକରଣ ରାସ୍ତା ଲୋକାର୍ପିତ

## ଦୀର୍ଘଦିନର ସମସ୍ୟା ସମାଧାନ, ଅଂଚଳବାସୀଙ୍କ ମଧ୍ୟରେ ଖୁସି



ବାରିପଦା : (ସ୍ୱପ୍ର) ମୟୂରଭଞ୍ଜ ଜିଲ୍ଲାର ବାରିପଦା ସହରରେ ଜନସାଧାରଣଙ୍କ ସୁବିଧା ପାଇଁ ନିର୍ମିତ ଆଧୁନିକ ଶ୍ମଶାନ ଓ ସଂଯୋଗୀକରଣ ରାସ୍ତାର ଉଦ୍ ?ଘାଟନ କରାଯାଇଛି । ବୁଧବାର ସକାଳେ ପୌରପାଳିକା ଅନ୍ତର୍ଗତ ଦାରୋଗାଡାହିରେ ନବନିର୍ମିତ ଶ୍ମଶାନ ଏବଂ ପାଲବଣି ଲେଭଲ୍ କ୍ରସିଂ ନିକଟସ୍ଥ ନିକୋ ଫ୍ୟାକ୍ଟ୍ରି ପାର୍ଶ୍ୱରେ ନିର୍ମିତ ସଂଯୋଗୀକରଣ ରାସ୍ତାକୁ ଲୋକାର୍ପଣ କରାଯାଇଛି । ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ପ୍ରକଳ୍ପର ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ପୌରପାଳିକାର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଅବସରରେ ସ୍ଥାନୀୟ ୱାର୍ଡ କାଉନସିଲର, ବୁଦ୍ଧିଜୀବୀ ଓ ବହୁ ସଂଖ୍ୟାରେ ଅଂଚଳବାସୀ ଯୋଗଦେଇଥିଲେ । ନୂତନ ଶ୍ମଶାନ ନିର୍ମାଣ ଦ୍ୱାରା ଅନ୍ତିମ ସଂସ୍କାର ସମ୍ପର୍କିତ ସୁବିଧା ଉପଲବ୍ଧ ହେବା ସହ ସଂଯୋଗୀ ରାସ୍ତା ଯୋଗୁଁ ଯାତାୟାତ ଅଧିକ ସୁଗମ ହେବ ବୋଲି ଆଶା କରାଯାଉଛି । ଦୀର୍ଘଦିନର ଆବଶ୍ୟକତା ପୂରଣ ହୋଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

# ବିଶିଷ୍ଟ ସାନ୍ତାଳୀ ଯାତ୍ରା ଜଗତର କଳାକାର ସ୍ୱର୍ଗୀୟ ଦୁଲାରାମ ସୋରେନଙ୍କ ଅନ୍ତିମ ଶ୍ରାଦ୍ଧ ଦିବସ ଅନୁଷ୍ଠିତ



ଖୁଂଟା:( ନି ପ୍ର ) ମୟୁରଭଂଜ ଜିଲ୍ଲାର ବଡ଼ସାହି ବ୍ଲକ ଅନ୍ତର୍ଗତ ଖାନୁଆ ପଂଚାୟତର ଧାନଶୁଳା ଗ୍ରାମର ବିଶିଷ୍ଟ ବ୍ୟକ୍ତି ତଥା ସାନ୍ତାଳୀ ନାଟ୍ୟକାର, ପ୍ରଚ୍ଛଦପଟ ଗାୟକ କଳାକାର ଏବଂ ଅଭିନେତା ଭାବେ ଜଣାଶୁଣା ଥିବା ସ୍ୱର୍ଗତ ଦୁଲାରାମ ସରେନ୍ ଙ୍କ ଅନ୍ତିମ ଶ୍ରାଦ୍ଧ ଦିବସ ଅନୁଷ୍ଠିତ ହୋଯାଇଅଛି । ସାନ୍ତାଳି ରୀତି ନୀତି ଅନୁଯାୟୀ ପ୍ରଥମ ଦିନ ତାଙ୍କ କନିଷ୍ଠ ପୁତ୍ର ଏବଂ ତାଙ୍କ ସ୍ତ୍ରୀ ବ୍ୟକ୍ତିଗତ ଭାବେ ଗ୍ରାମର ପ୍ରଥା ଅନୁଯାୟୀ, ସ୍ୱର୍ବି ସମ୍ମୁଖରେ ନିକଟବର୍ତି ଧାନଶୁଳା ପୋଖରୀ ରେ ବୁଡ ପକାଇ ଅନ୍ତିମ ପିଣ୍ଡ ଦାନ କରିଥିଲେ । ସ୍ୱର୍ଗତ ସରେନଙ୍କ ମୃତ୍ୟୁ ବେଳକୁ ତାଂକୁ ୭୧ ବର୍ଷ ବୟସ ହୋଇଥିଲା । ତାଙ୍କର ଆବିର୍ଭାବ ତା ୨୨.୧୧.୧୯୫୪ ରେ ହୋଇଥିବା ବେଳେ ତା ୨୩.୧୦.୨୦୨୫ ରେ ତିରୋଧାନ ଘଟିଥିଲା । ଏକା ଧାରରେ ସେ ଜଣେ ନାଟକ କଳାକାର, ପ୍ରଚ୍ଛଦପଟ ଗାୟକ କଳାକାର, ସାଂସ୍କୃତିକ ଗାୟକ କଳାକାର, ସମାଜ ସେବୀ, ପରପୋକାରି,, ଦୟାଳୁ ଏବଂ ଶାନ୍ତ ସରଳ ସ୍ୱଭାବର ବ୍ୟକ୍ତି ଥିଲେ । ତାଙ୍କର ଦୁଇ ଦିନିଆ ଅନ୍ତିମ ଶ୍ରାଦ୍ଧ ଦିବସରେ ଅନତି ଦୂର ରୁ ପାଖା ପାଖି ଚାରି ଶହରୁ ଅଧିକ ଶୁଭେଚ୍ଛୁ ଏବଂ ବନ୍ଧୁ ବାନ୍ଧବ ପ୍ରିୟଜନ, ଉପସ୍ଥିତ ଥାଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶୋକସନ୍ତପ୍ତ ପାରିବାରଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲେ । ଅନ୍ତିମ ତିଥିରେ ବ୍ରାହ୍ମଣ ଭୋଜନ ପରେ ପ୍ରିୟଜନ ମାନଙ୍କୁ ଭୋଜିଭାତ ଦ୍ୱାରା ଆପ୍ୟାୟିତ କରିବା ସହିତ, ସମାଜର ମୁଖ୍ୟ ସ୍ରୋତରେ ଶୋକାକୁଳ ପରିବାରକୁ ସମ୍ପୂର୍ଣ୍ଣ ରୂପେ ସାମିଲ କରିବା ସହ ଆଶୀର୍ବାଦ ଦିଆ ଯାଇଥିଲା ।

# ଆଚାର୍ଯ୍ୟ ଦେବ ଶ୍ରୀ ଶ୍ରୀ ଅଶୋକ ଦାଦାଙ୍କର ଜନ୍ମ ଦିବସ ପାଳିତ

ସୋର : (ସ୍ୱପ୍ର) ସୋର ସତସଙ୍ଗ ବିହାର ପରିସରରେ ସତସଙ୍ଗର ପ୍ରାକ୍ତନ ଆଚାର୍ଯ୍ୟ ଦେବ ଶ୍ରୀ ଶ୍ରୀ ଅଶୋକ ଦାଦାଙ୍କର ୯୪ତମ ଜନ୍ମ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରାତଃକାଳରେ ପ୍ରାର୍ଥନା ଓ ମଧ୍ୟାହ୍ନରେ ସତସଙ୍ଗ ଅନୁଷ୍ଠିତ ହୋଇଥିଲା ।ସଭାରେ ସତସଙ୍ଗର ସହ ପ୍ରତି ଋତ୍ୱିକ ଗୋପବନ୍ଧୁ ନାୟକ ପୌରହିତ୍ୟ କରିଥିଲେ । ଦିଲ୍ଲୀରୁ ଆଗତ ବିଶିଷ୍ଟ କଣ୍ଠଶିଳ୍ପୀ ମିନାକ୍ଷୀ ମହାନ୍ତି, ରମାକାନ୍ତ ପଣ୍ଡା , ପୃଥ୍ୱୀରାଜ ମହାନ୍ତି, ରାକେଶ ଅଗସ୍ତି, କେଦାର ନାୟକ ସଂଗୀତ ଓ କୀର୍ତନ ପରିବେଷଣ କରିଥିଲେ । ଶ୍ରୀ ଶ୍ରୀ ଦାଦାଙ୍କ ଜୀବନାଦର୍ଶ ବିଷୟରେ ଅଧ୍ୟାପକ ଚନ୍ଦ୍ରକାନ୍ତ ଦାସ, ଡାକ୍ତର ଶଶାଙ୍କ ଶେଖର ଆଚାର୍ଯ୍ୟ, ହରିହର ସାହୁ ଓ ଗୋପବନ୍ଧୁ ନାୟକ ବକ୍ତବ୍ୟ ଦେଇଥିଲେ । ଏହି ସଭାରେ ସହ ପ୍ରତି ଋତ୍ୱିକ କୈଳାଶ ଚନ୍ଦ୍ର ପଣ୍ଡା, ନରହରି ବେହେରା ଓ ଗୁରୁ ପ୍ରସନ୍ନ ପଣ୍ଡା ଉପସ୍ଥିତ ଥିଲେ । ସତସଙ୍ଗ ବିହାରର ପରିଚାଳକ ପବିତ୍ର କିରଣ ପାଢ଼ୀ ଓ କେନ୍ଦ୍ରର ସକ୍ରିୟ ଗୁରୁ ଭାଇ ଓ ମାଆମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିରେ ବହୁସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

# ବାରିପଦା ଠାରେ ୬୭ ତମ ପୋଲିସ ସହିଦ ଦିବସ ପାଳିତ



ବାରିପଦା : (ସ୍ୱପ୍ର ) ବାରିପଦା ସ୍ଥିତ ରିଜର୍ଭ ପୋଲିସ ପଡିଆ ଠାରେ ମୟୂରଭଞ୍ଜ ଜିଲ୍ଲା ପୋଲିସ ବାହିନୀ ପକ୍ଷରୁ ୬୭ ତମ ପୋଲିସ ସହିଦ ଦିବସ ପାଳିତ ହୋଇ ଯାଇଛି. ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଂଟୁପାଲ୍ଲି ଯୋଗଦେଇ ରିଜର୍ଭ ଇନ୍ସପେକ୍ଟର ଆଲୋକ କୁମାର କାନୁନଗୋଙ୍କ ପରିଚାଳନାରେ ଅନୁଷ୍ଠିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ ସହିଦ ମାନଙ୍କ ନାମ ପାଠ କରି ସେମାନଙ୍କ ଉଦ୍ଦେଶ୍ୟରେ ସ୍ମୃତି ଚାରଣ କରିବା ସହ ସହିଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି. ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଅରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଛାଏତ, ଡ଼ିଏସପି ଜୟନ୍ତ କୁମାର ବେହେରା, ଡ଼ିଏସପି ଗୋବିନ୍ଦ କୁମାର ବେହେରା, ସରଜେଂଟ ଗୌତମ ପ୍ରଧାନ, ଭଞ୍ଜପୁର ଥାନା ଅଧିକାରୀ ରଶ୍ମି ରଞ୍ଜନ ପୃଷ୍ଟି, ଆର୍ମର ହାବିଲଦାର ମେଜର ରାଜେନ୍ଦ୍ର କୁମାର ପାତ୍ର ପ୍ରମୁଖ ବହୁ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହିତ ବିଭିନ୍ନ ଥାନାର ଥାନାଧିକାରୀ ମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ.

# ବେନିଆବନ୍ଧରେ ଅଶୋକ ବିଜୟା ଦଶମୀ ପାଳିତ

ବଲାଙ୍ଗିର: (ହି.ସ.) ସଇଁତଲା ବ୍ଲକ ଅନ୍ତର୍ଗତ ବେନିଆବନ୍ଧ ଗ୍ରାମରେ ଚଳିତ ବର୍ଷ ଅତି ଆଡମ୍ବର ଓ ଶ୍ରଦ୍ଧାର ସହିତ ପବିତ୍ର "ଅଶୋକ ବିଜୟା ଦଶମୀ" ଉତ୍ସବ ପାଳିତ ହୋଇଯାଇଛି । ସ୍ଥାନୀୟ ବୁଦ୍ଧିଷ୍ଟ କମିଟି ଏବଂ ନ୍ୟାସନାଲ ଆଣ୍ଡ ଇଂଟରନ୍ୟାସନାଲ ବୁଦ୍ଧିଷ୍ଟ ସୋସାଇଟି ର ମିଳିତ ଆନୁକୁଲ୍ୟରେ ଏହି ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ସୋସାଇଟିର ରାଜ୍ୟ ସଭାପତି ଧୀମାନ ପ୍ରଶାନ୍ତ ବୁଦ୍ଧ ଏବଂ ସମ୍ମାନିତ ଅତିଥି ଭାବେ ନବୀନ ଭୋଇ, ରଜନୀକାନ୍ତ ବୁଦ୍ଧ, ଦୀପ୍ତି ପ୍ରକାଶ ନନ୍ଦ, ଯଶୋବନ୍ତ ବରିହା ଏବଂ ଦିବାକର ସୁନା ପ୍ରମୁଖ ଯୋଗ ଦେଇ ବୌଦ୍ଧ ସଂସ୍କୃତି ଓ ସମ୍ରାଟ ଅଶୋକଙ୍କ ବିଚାରଧାରା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ଭଗବାନ ବୁଦ୍ଧ ଓ ଚକ୍ରବର୍ତୀ ସମ୍ରାଟ ଅଶୋକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସଭାରେ ବକ୍ତାମାନେ କଳିଙ୍ଗ ଯୁଦ୍ଧ ପରେ ସମ୍ରାଟ ଅଶୋକ ହୃଦୟ ପରିବର୍ତନ ଏବଂ ବୌଦ୍ଧ ଧର୍ମ ଗ୍ରହଣ କରିବାର ଐତିହାସିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଅଂଚଳ ସମେତ ବରଗଡ, ବଲାଙ୍ଗିର, ସୁବର୍ଣ୍ଣପୁର ଏବଂ ସମ୍ବଲପୁର ଜିଲ୍ଲାରୁ ଶତାଧିକ ବୌଦ୍ଧ ପରିବାର ଯୋଗ ଦେଇ ଶାନ୍ତି ଓ ମୈତ୍ରୀର ବାର୍ତା ପ୍ରସାର କରିଥିଲେ । କସ୍ତୁରୀ ଦୀପ, କନିକା ଦୀପ, ରାକେଶ ଦୀପ, ମୁକେଶ ଦୀପ, ପ୍ରିୟଙ୍କା ଦୀପ, ସ୍ନେହ ଦୀପ, ନେହା ଦୀପ, କରନ ଦୀପ ଏବଂ ଆସାବତୀ ଦୀପ ବୌଦ୍ଧ ଧର୍ମର ଦୀକ୍ଷା ପ୍ରଦାନ କରିବା ସହ ବୌଦ୍ଧ ନୀତି ଆଚରଣ ପାଇଁ ସଂକଳ୍ପ କରାଇଥିଲେ । ଏହି ଶୁଭ ଅବସରରେ ଏକ ଭବ୍ୟ ଶାନ୍ତି ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା, ଯେଉଁଥିରେ ଭଗବାନ ବୁଦ୍ଧ ଅମର ରହେ ଏବଂ ସମ୍ରାଟ ଅଶୋକ ଅମର ରହେ ଧ୍ୱନି ରେ ସାରା ପରିବେଶ ପ୍ରକମ୍ପିତ ହୋଇଉଠିଥିଲା ।

# ଶିଶୁ ବିକାଶ କେନ୍ଦ୍ରର ୪୨ତମ ପ୍ରତିଷ୍ଠ ଦିବସ ପାଳିତ

ବଲାଙ୍ଗିର : (ହି.ସ.) ବଲାଙ୍ଗିର ର ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ସଂଗଠନ ଶିଶୁ ବିକାଶ କେନ୍ଦ୍ର ର ବୟାଳିଶତମ ପ୍ରତିଷ୍ଠା ଦିବସ ଟିକ୍ରାପଡା ସ୍ଥିତ ଦଧିବାମନ ମନ୍ଦିର ଠାରେ ମାର୍ଗଦର୍ଶକ କପିଳ ପତିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ପ୍ରଥମରେ ମାଆ ଦୁର୍ଗାଙ୍କ ପୂଜା କରାଯାଇ ଆଶିର୍ବାଦ ଭିକ୍ଷା କରାଯାଇଥିଲା । ୧୯୮୫ ପବିତ୍ର ବିଜୟା ଦଶମୀ ଦିନ ଶିଶୁ ବିକାଶ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା । ସଂପାଦକ ଡା. ଅଶୋକ କୁମାର ସେଠୀଙ୍କ ପରିଚାଳନାରେ ସଭା ଅନୁଷ୍ଠିତ ହୋଇଥିଲା । ଶିଶୁ ବିକାଶ କେନ୍ଦ୍ରର ପ୍ରତିଷ୍ଠାତା ମଦନ ମୋହନ ରଥ କେନ୍ଦ୍ରର ଏକଚାଳିଶ ବର୍ଷର କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ । ବିଶେଷକରି ଶିଶୁମାନଙ୍କର ଶାରିରୀକ, ମାନସିକ ଓ ବୌଦ୍ଧିକ ବିକାଶର ପରିପୂରକ କାର୍ଯ୍ୟକ୍ରମ, ସମ୍ପୂର୍ଣ୍ଣ ସାକ୍ଷରତା, ପରିବେଶ ସୁରକ୍ଷା, ସଚେତନତା ସାଇକେଲ ଯାତ୍ରା, ଶିଶୁ ସାହିତ୍ୟ ପାଇଁ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟ କର୍ମଶାଳା ଓ ସମ୍ମିଳନୀ କରାଯାଇଥିଲା ବୋଲି ମତବ୍ୟକ୍ତ କରିଥିଲେ । ଏହି ସଭାରେ ଧର୍ମବ୍ରତ ରଥ,ଉପସଭାପତି ଧିରେନ୍ଦ୍ର ନାରାୟଣ ସିଂଦେଓ, ପୂଜ୍ୟପୂଜା ସେବା ସଂଗଠନର ସଂପାଦକ ସୁନାଧର ବନଛୋର, ଚୁଡେନ୍ଦ୍ର କୁମାର ବେହେରା, ମଧୁ ସାହୁ, ଉପଦେଷ୍ଟା ଜୟରାମ ମିଶ୍ର, ଡ. ଭବାନୀ ଶଙ୍କର ପଟେଲ, ଡ. ପ୍ରେମଚାନ୍ଦ ମହାନ୍ତି ମଧ୍ୟ ଅନୁଷ୍ଠାନର ସାମାଜିକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଆଗାମୀ ନଭେମ୍ବର ଏକ ତାରିଖ ରେ ବାର୍ଷିକ ଉତ୍ସବରେ ଆଦର୍ଶ ଶିକ୍ଷୟତ୍ରୀ ସୁଚାରୁବାଳା ଦେବୀଙ୍କୁ ଶାରଦୀୟ ଶିକ୍ଷା ସେବା ସମ୍ମାନରେ ସମ୍ମାନିତ ସହ ଅନ୍ୟ ଆଉ ସାତ ଜଣ ଆଦର୍ଶ ଶିକ୍ଷକଙ୍କୁ ସମ୍ମାନ ଓ ପାରା ତୀରନ୍ଦାଜ ପାୟଲ ନାଗ ଙ୍କୁ ସମ୍ମାନିତ କରିବାକୁ ସ୍ଥିର କରାଯାଇଥିଲା ।

# ଲଘୁଚାପ ବର୍ଷାକୁ ନେଇ ନଦୀକୂଳିଆ ଲୋକ ଆତଙ୍କିତ, ତୁରନ୍ତ ମରାମତି ଦାବି

ଭଦ୍ରକ:(ହି.ସ.) ଏହି ଜିଲ୍ଲାର ଧାମନଗର ବ୍ଲକ ବାଲିପାଟଣା ଠାରେ କୋଚିଲା ନଦୀର ଡାହାଣ ପାର୍ଶ୍ୱ ବନ୍ଧ ଧସିଯାଇଥିବାରୁ ସ୍ଥାନୀୟ ଅଂଚଳରେ ଆତଙ୍କ ଦେଖାଦେଇଛି । ଧାମନଗର ବ୍ଲକ ଅନ୍ତର୍ଗତ ଅର୍ଜୁନପୁର ପଂଚାୟତର ତରେଇ ସାହି ନିକଟରେ ପାଟୁଳିରୁ ବାଲିପାଟଣାକୁ ସଂଯୋଗ କରୁଥିବା କୋଚିଲା ପୋଲ ମୁଣ୍ଡରେ ନଦୀବନ୍ଧ ଧସିଯାଇଛି । ଅନ୍ୟପକ୍ଷରେ ଆଗକୁ ଲଘୁଚାପ ଜନିତ ବର୍ଷାର ଆଶଙ୍କା ଥିବାରୁ ନଦୀବନ୍ଧର ସ୍ଥିତିକୁ ନେଇ ଅଂଚଳବାସୀ ଚିନ୍ତିତ ହୋଇପଡ଼ିଛନ୍ତି । ବନ୍ଧର ଏହି ଦୁର୍ବଳ ସ୍ଥାନ ଦେଇ ଅଧିକ ବର୍ଷା ଓ ନଦୀରେ ଜଳସ୍ତର ବୃଦ୍ଧି ହେଲେ ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି । ଏହାକୁ ନେଇ ତରେଇ ସାହି, ବାଲିପାଟଣା, ଶୈଳ, ମମାଦୁଲା, ଅସ୍ତକ, ହସନାବାଦ, ମଠସାହି ଓ ଅନଲଡିହ ଆଦି ଅଂଚଳର ଅନେକ ଜନସାଧାରଣ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ନଦୀବନ୍ଧ ଧସିବା ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ଆଗକୁ ସମ୍ଭାବ୍ୟ ଲଘୁଚାପ ଜନିତ ବର୍ଷାକୁ ଦୃଷ୍ଟିରେ ରଖି ଗାନ୍ଧିଘାଟ ଜଳସେଚନ ସେକ୍ସନର ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ନଦୀବନ୍ଧର ସ୍ଥିତି ଅନୁଧ୍ୟାନ କରିବା ସହ ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି । ବର୍ଷା ଆସିବା ପୂର୍ବରୁ ନଦୀବନ୍ଧର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ପରିସ୍ଥିତି ଗମ୍ଭୀର ହୋଇପାରେ ବୋଲି ଅଂଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି ।

# ବାବା ମଣିଶ୍ୱର ମୁଖ୍ୟ ଶିବଲିଙ୍ଗ ଖୋଦନ ଶୁଭଆରମ୍ଭ ଉତ୍ସବ

ସୋର : (ସ୍ୱପ୍ର)- ସୋର ବ୍ଲକ ମହୁମୁହାଣ ପଂଚାୟତ ଅନ୍ତର୍ଗତ ବାଗୁଡ଼ି ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ସମ୍ମୁଖସ୍ଥ ପଥର ଚକଡ଼ା ମଣିଶ୍ୱର କ୍ଷେତ୍ରରେ ୧୦୮ ଶିବଲିଙ୍ଗ ସ୍ଥାପନ ପାଇଁ ମୁଖ୍ୟ ଶିବ ଲିଙ୍ଗର ଶୁଭ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ଉପଲକ୍ଷେ ମଣିଶ୍ୱର ମନ୍ଦିରରୁ ଆଜ୍ଞାମାଳ ଏକ ଶୋଭାଯାତ୍ରାରେ ସଂକୀର୍ତନ ଏବଂ ନାମଯଜ୍ଞ ସହ ସୋର ବିକେ ଆର୍ଟ ପଥର ଖୋଦେଇ କେନ୍ଦ୍ରରେ ପହଞ୍ଚି ପ୍ରସ୍ତର ପୂଜନ ପରେ ଶିଳ୍ପୀ ଗୋଲକ ପାତ୍ରଙ୍କୁ ବରଣ କରାଯାଇ ଶିରିପା ବନ୍ଧା ଯିବା ପରେ ସେ ପଥରେ ଖୋଦନ କାର୍ଯ୍ୟ ଶୁଭାରମ୍ଭ କରିଥିଲେ । ଏହି ଅବସରେ ମଣିଶ୍ୱର ଦେବସଭା ପରିଷଦର ସଭାପତି ଗଜେନ୍ଦ୍ର ପ୍ରସାଦ ନାୟକ, ଉପସଭାପତି ଅଖିଳରାମ ଜେନା, ସହପାଦକ ଦେବେନ୍ଦ୍ର କୁମାର ପ୍ରଧାନ ଏହାକୁ ପରିଚାଳନା କରିଥିବା ବେଳେ ବୈଦ୍ୟନାଥ ଦାସ, ଅଚ୍ୟୁତାନନ୍ଦ ଜେନା, ନିରଂଜନ ଜେନା, ନରେନ୍ଦ୍ର ସାମଲ, ବାଳକୃଷ୍ଣ ପ୍ରଧାନ, ପୁରୁଷୋତମ ଦେ, ମହେନ୍ଦ୍ର ସାହୁ, ନଣ୍ଡା ବାରିକ, ବାସନ୍ତୀ ଦାସ, କାଦିଲ ଦାସ, ଶୁକମଣି ଭୋଳ, ଶିଳ୍ପୀ ନରେନ୍ଦ୍ର ସାମଲ ଏବଂ ବିକେ ଆର୍ଟସର ସମସ୍ତ କରିଗର ସହଯୋଗ କରିଥିଲେ । ଏହି କ୍ଷେତ୍ରରେ ସ୍ଥାପନ ପାଇଁ ୧୦୭ ଶିବଲିଙ୍ଗ ଖିଚିଙ୍ଗରୁ ଆସିଯାଇଥିବା ବେଳେ ଏହାର ମୁଖ୍ୟ ଲିଙ୍ଗ କାର୍ଯ୍ୟ ଶୀଘ୍ର ଶେଷ ହେବା ସହିତ ଶିବରାତ୍ରୀ ପୂର୍ବରୁ ଏହାର ପ୍ରତିଷ୍ଠା କରାଯିବ ବୋଲି ସଭାପତି ଶ୍ରୀ ନାୟକ ସୂଚନା ଦେଇଥିଲେ ।

# ସୁବର୍ଣ୍ଣରେଖା ନଦୀରେ ବୁଡ଼ି ୨ ଭାଇ ମୃତ



ବାଲିଆପାଳ : (ନିପ୍ର) ବୁଧବାର ମଧ୍ୟାହ୍ନରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ମାନପୁର ଗ୍ରାମ ଦେଇ ପ୍ରବାହିତ ସୁବର୍ଣରେଖା ନଦୀ ଘାଟରେ ଗାଧୋଉ ଥିବା ସମୟ ରେ ଦୁଇ ଭାଇ ଙ୍କର ମୃତ୍ୟୁ ହୋଇ ଯାଇଛି । ମୃତ ଦୁଇ ଭାଇ ହେଲେ ତଳଧାନ୍ଦା ଗ୍ରାମାର ସ୍ୱର୍ଗତ ମଧୁସୁଦନ ଗିରି ଙ୍କ ବଡ ପୁତ୍ର ରୁମ୍ୟରଞ୍ଜନ ଗିରି (୨୧) ଓ ସାନ ପୁତ୍ର ପ୍ରିୟରଞ୍ଜନ ଗିରି (୧୮) ସୂଚନା ମୁତାବକ ରୁମ୍ୟରଞ୍ଜନ ଓ ପ୍ରିୟରଞ୍ଜନ ଦୁଇ ଜଣ ମାମୁଁ ଘରକୁ ବୁଲିବାକୁ ଯାଇ ଆଜି ମଧ୍ୟାହ୍ନରେ କିଛି ସ୍ଥାନୀୟ ସାଙ୍ଗ ମାନଙ୍କ ସହିତ ସୁବର୍ଣରେଖା ନଦୀକୁ ଗାଧୋଇବାକୁ ଯାଇ ଥିଲେ । ଗାଧୋଉ ଥିବା ସମୟ ରେ ସାନ ଭାଇ ପ୍ରିୟରଞ୍ଜନ ନଦୀ ସ୍ତ୍ରୋତ ରେ ଗଭୀର ଜଳକୁ ଭାସି ଯାଇ ବୁଡି ଯାଇଥିଲେ । ଏହା ଦେଖି ବଡ଼ ଭାଇ ରୁମ୍ୟରଞ୍ଜନ ସାନ ଭାଇକୁ ଉଦ୍ଧାର କରିବାକୁ ଚେଷ୍ଟା କରି ସେମଧ ବୁଡି ଯାଇଥିଲେ ।ଖବର ପାଇ ବାଲିଆପାଳ ଅଗ୍ନିସମ ବାହୀନି ଘଟଣା ସ୍ଥଳରେ ପହଂଚି ଦୁଇ ଯୁବକଙ୍କୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଥିଲେ । ମାତ୍ର ଡାକ୍ତର ସେମାନଙ୍କୁ ମୃତ ବୋଲି ଘୋଷଣା କରିଥିଲେ ।

# ବୁଦ୍ଧଦେବଙ୍କ ଜୀବନୀ ସମ୍ପର୍କିତ ପୁସ୍ତକ ଉନ୍ମୋଚିତ



ନୟାଗଡ -ନୟାଗଡ ନୂଆ ବସଷ୍ଟାଣ୍ଡ ନିକଟସ୍ଥ ବୁଦ୍ଧ ମନ୍ଦିର ପରିସରରେ ଗୌତମ ବୁଦ୍ଧଙ୍କ ଜୀବନୀ ସମ୍ପର୍କିତ ପୁସ୍ତକ ଲୋକାର୍ପିତ ହୋଇ ଯାଇଛି ।ବୌଦ୍ଧ ଧମ୍ମାବାଲମ୍ବୀ ତଥା ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁଙ୍କ ଲିଖିତ ପୁସ୍ତକ ପ୍ରଜ୍ଞାଶ୍ରୀ ଉନ୍ମୋଚିତ ହୋଇ ଯାଇଛି । ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ସମାଜ ସେବୀ ପୂର୍ଣ୍ଣଚନ୍ଦ୍ର ସାହୁ,ଲଳିତ ମୋହନ ମିଶ୍ର, ସୁଦର୍ଶନ ପ୍ରଧାନ, ସନ୍ତୋଷ ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁସ୍ତକଟିକୁ ଉନ୍ମୋଚନ କରିଥିଲେ ।ବୌଦ୍ଧ ଧରମ୍ମାଲମ୍ବି ଅଜିତ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ରଥଙ୍କ ସମେତ ଅନ୍ୟ ଅତିଥି ଗଣ ଗୌତମ ବୁଦ୍ଧଙ୍କ ଅମ୍ଳାନ ତଥା ଅମୃତ ଜୀବନୀର ପୁଙ୍ଖାନୁପୁଖ ଆଲୋଚନା କରିଥିଲେ ।କାର୍ଯ୍ୟକ୍ରମକୁ ଶିକ୍ଷକ ଗୋଦାବରୀଶ ମିଶ୍ର ସଂଯୋଜନା କରିଥିବା ବେଳେ ଏହି ସମୃଦ୍ଧ କାର୍ଯକ୍ରମରେ ଲେଖିକା ଶ୍ରୀମତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁବର୍ଣ୍ଣପୁର ଜିଲ୍ଲା ରିଜର୍ଭ ପୋଲିସ ପଡ଼ିଆ ଠାରେ ୬୭ ତମ ଶହୀଦ ସ୍ମୃତି ଦିବସ ପାଳିତ

ସୁବର୍ଣପୁର : (ହି.ସ.) ସୁବର୍ଣ୍ଣପୁର ଜିଲ୍ଲା ରିଜର୍ଭ ପୋଲିସ ପଡିଆ ଠାରେ ୬୭ ତମ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଏସପି ନାରାୟଣ ନାୟକ ଯୋଗ ଦେଇ ଦେଶ ତଥା ବିଦେଶ ରେ ବିଭିନ୍ନ ଜରୁରୀ କାଳୀନ ସମୟରେ ମାତୃଭୂମି ଓ ଦେଶର ସୁରକ୍ଷା ପାଇଁ ଶହୀଦ୍ ହୋଇଥିବା ଆମ ଜିଲ୍ଲା, ରାଜ୍ୟ ତଥା ଦେଶର ପୋଲିସଙ୍କ ସ୍ମୃତି ଚାରଣ କରିବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଙ୍କ ବାର୍ତା ପଠନ କରିଥିଲେ । ଏହି ଅବସରରେ ପ୍ୟାରେଡ୍ ମାଧମ ରେ ଶହୀଦ୍ ଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରା ଯାଇଥିଲା କ୍ଷ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀ ଦେବାଶିଷ ସିଂହ, ଓଇଝ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡ. ଦୁର୍ଗାଦତ ଦାଶ ଯୋଗ ଦେଇ ଏସପି ଶ୍ରୀ ନାରାୟଣ ନାୟକ ଙ୍କ ସହିତ ଶହୀଦ୍ ପୋଲିସ ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ୨୦୦୯ ମସିହାରେ ସମ୍ବଲପୁର ଜିଲ୍ଲା ରେ ସହିଦ ହୋଇଥିବା ଆମ ଜିଲ୍ଲା ର ପୋଲିସ ଅଫିସର ନରସିଂହ ମହାକୁଡଙ୍କ ପତ୍ନୀଙ୍କୁ ଏବଂ କୋରାପୁଟରେ ସହିଦ ହୋଇଥିବା ଆମ ଜିଲ୍ଲା ପୋଲିସ ବିଭୀଷଣ ସାହୁ ଙ୍କ ପରିବାର କୁ ଆଜି ଏହି ଉତ୍ସବରେ ଜିଲ୍ଲାପାଳ ଓ ଏସପି ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଅତିରିକ୍ତ ଏସପି କଣ୍ଢୋଧର ହରିପ୍ରସାଦ, ଲିଲିମା ଲଳିତା ବାରା, ଡିଏସପି ରେଣୁକା ସୁନା, ଚନ୍ଦ୍ର ଶେଖର ଶର୍ବ, ଜିଲ୍ଲା ଅଗ୍ନିଶମ ବିଭାଗ ଅଧିକାରୀ ଶ୍ରୀ ଭବେନ୍ଦ୍ର ନାଥ ଦେ, ଏସଡିପିଓ କଲ୍ୟାଣୀ ବେହେରା , ଆର୍ ଆଇ ମାନସ ବେହେରା, ଭକ୍ତ ବନ୍ଧୁ ସେଠ ପ୍ରମୁଖ ସମସ୍ତ ପୋଲିସ ଅଧିକାରୀ ଯୋଗ ଦେଇ ଶହୀଦ୍ ଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଓଡ଼ିଶା ପୋଲିସ ହାବିଲଦାର କନେଷ୍ଟବଳ ସଂଘ ସଭାପତି କୁମୁଦ ରଞ୍ଜନ ମେହେର, ଉପ ସଭାପତି ଦୟାନିଧି ସାହୁ, ସଂମ୍ପାଦକ କାର୍ତିକେଶ୍ୱର ରାଉତ ଓ ସଂଘ ର ସମସ୍ତ କର୍ମକର୍ତା ପ୍ରମୁଖ ସହଯୋଗ କରିଥିଲେ ।



## ସଡ଼କ ଦୁର୍ଘଟଣାରେ ୧ ମୃତ, ଜଣେ ଗୁରୁତର

ଧାମନଗର(ନିପ୍ର): ଧାମନଗର ନିକଟସ୍ଥ ଅନହରପୁର ବଜାର ରେ ସୋମବାର ସଂଧ୍ୟା ସମୟରେ ଦୁଇ ବାଇକି ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଛି ମୃତ ବ୍ୟକ୍ତିଙ୍କ ଘର ଧାମନଗର ବ୍ଲକ ମୁସ୍ତାଫାପୁର ପଂଚାୟତ ର ନୂଆପଡା ଗ୍ରାମର ନିରଞ୍ଜନ ବେହେରା(୫୬) ବୋଲି ଜଣା ପଡିଛି । ସେ ତାଙ୍କ ଝିଅ ଘର ଇଛଦା ରୁ ଫେରୁ ଥିବା ବେଳେ ଅନହରପୁର ଗ୍ରାମ ର ଅଖିଳ ସ୍ୱାଇଁ ଙ୍କ ପୁଅ ସତ୍ୟ ଜିତି ସ୍ୱାଇଁ ଦୃତ ଗତିରେ ନିଜ ବାଇ କି ଆଣି ନିରଞ୍ଜନ ଙ୍କ ଗାଡ଼ିକୁ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ନିର ବେହେରାଙ୍କ ମୃତ ଘଟିଥିଲା ଓ ସତ୍ୟଜିତି ଗୁରୁତର ହୋଇଥିଲେ ତାଙ୍କୁ ଡାକ୍ତରଖାନା ପଠାଯାଇଥିଲା ଓ ନିରଞ୍ଜନ ବେହେରାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି ଖବର ପାଇ ପୋଲିସ ଦୁଇଟି ବାଇକ ଜବତ କରିବା ସହ ଥାନା ରେ ମାମଲା ରୁଜୁ କରିଛନ୍ତି ।

## ବଡ଼ଧରଣର ଜୁଆ ଆଡ୍ଡାର ଚଢ଼ଉ: ୫୨ ଜୁଆଡ଼ି ଗିରଫ

ବ୍ରହ୍ମପୁର(ନିପ୍ର): ବ୍ରହ୍ମପୁର ପୁଲିସ ପକ୍ଷରୁ ବିଭିନ୍ନ ଥାନା ଅଂଚଳରେ ଚାଲିଥିବା ବେଆଇନ ଜୁଆ ଆଡ୍ଡା ଉପରେ ବଡ଼ଧରଣର ଚଢ଼ଉ କରାଯାଇଛି । ଏହି ଚଢ଼ଉ ବେଳେ ୫୨ ଜଣ ଜୁଆଡ଼ିଙ୍କୁ ଧରାଯିବା ସହ ସେମାନଙ୍କ ନିକଟରୁ ନଗଦ ୩ ଲକ୍ଷ ୪୮ ହଜାର ୫୧୦ ଟଙ୍କା, ୩୬ଟି ମୋବାଇଲ୍ ଫୋନ୍, ୧୬ ସେଟ୍ ତାସ୍ ଓ ଗୋଟିଏ ମୋଟରସାଇକେଲ୍ ଜବତ କରାଯାଇଛି । ଏନେଇ ବିଭିନ୍ନ ଥାନାରେ ମୋଟ ୧୦ଟି ମାମଲା ରୁଜୁ ହୋଇଥିବା ବ୍ରହ୍ମପୁର ଏସପି ଅଭିନବ ସୋନକର ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୨୧ ତାରିଖ ରାତିରେ ବ୍ରହ୍ମପୁର ପୁଲିସ ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବେଆଇନ ଜୁଆ ଖେଳ ଚାଲିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା । ଏହାକୁ ଆଧାର କରି ବୈଦ୍ୟନାଥପୁର, ବଡ଼ବଜାର, ବ୍ରହ୍ମପୁର ସଦର, ଗୋପାଳପୁର, କେ. ନୂଆଗାଁ ଓ ଦିଗପହଣ୍ଡି ଥାନା ଅଂଚଳର ବିଭିନ୍ନ ଜୁଆ ଆଡ୍ଡାରେ ଚଢ଼ଉ କରାଯାଇଥିଲା । ଏହି ସମୟରେ ଜୁଆ ଖେଳରେ ସମ୍ପୃକ୍ତ ଥିବା ଅଭିଯୋଗରେ ୫୨ଜଣଙ୍କୁ ପୁଲିସ କାବୁ କରିଥିଲା । ଘଟଣାସ୍ଥଳ ଗୁଡ଼ିକରୁ ବିପୁଳ ପରିମାଣର ନଗଦ ଟଙ୍କା ସହ ଜୁଆ ଖେଳରେ ବ୍ୟବହୃତ ତାସ୍, ମୋବାଇଲ୍ ଫୋନ୍ ଓ ମୋଟରସାଇକେଲ୍ ଜବତ କରାଯାଇଛି । ଏନେଇ ସମ୍ପୃକ୍ତ ଥାନାଗୁଡ଼ିକରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଜଣାପଡ଼ିଛି ।

## ସରବାହାଲରେ ମହା ସମାରୋହରେ ପାଳିତ ହେଲା ବିଜୟା ଦଶମୀ ଓ ରାବଣପୋଡ଼ି



ଝାରସୁଗୁଡ଼ା(ନିପ୍ର): ଝାରସୁଗୁଡ଼ା ସହରସ୍ଥିତ ସରବାହାଲ ଓଁ ଶ୍ରୀ ପୂଜା କମିଟି ଦ୍ୱାରା ଅତ୍ୟନ୍ତ ଆଡ଼ମ୍ବର ଓ ଉତ୍ସାହର ସହିତ ପବିତ୍ର ବିଜୟା ଦଶମୀ ଏବଂ ରାବଣପୋଡ଼ି ଉତ୍ସବ ପାଳିତ ହୋଇଯାଇଛି । ବୁଧବାର ସକାଳେ ସରବାହାଲ ପୂଜା ମଣ୍ଡପଠାରେ ବିଧିବଦ୍ଧ ଭାବେ ବିଜୟା ଦଶମୀ ପୂଜାର୍ଚ୍ଚନା ସହ ଚଳିତ ବର୍ଷର ଦୁର୍ଗାପୂଜା ଉଦ୍‌ଯାପିତ ହୋଇଥିଲା । ସନ୍ଧ୍ୟାରେ ସରବାହାଲ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଆକର୍ଷଣୀୟ ରାବଣପୋଡ଼ି କାର୍ଯ୍ୟକ୍ରମରେ ୨୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ଜନସମୁଦ୍ର ଦେଖିବାକୁ ମିଳିଥିଲା । ଏହି ସମାରୋହରେ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ପବିତ୍ର ବିଜୟା ଦଶମୀ ହେଉଛି ଅନ୍ୟାୟ ଉପରେ ନ୍ୟାୟ, ଅଧର୍ମ ଉପରେ ଧର୍ମ ଏବଂ ଅସତ୍ୟ ଉପରେ ସତ୍ୟର ବିଜୟର ପ୍ରତୀକ । ମା' ଦୁର୍ଗାଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନରେ ମଙ୍ଗଳ ଆସୁ ବୋଲି ସେ ଶୁଭକାମନା ଜଣାଇଥିଲେ ।ଏହି ଅବସରରେ ଯୁବନେତା ତଥା ସମାଜସେବୀ ବିଶାଳ ଦାସ ନିଜ ବକ୍ତବ୍ୟରେ କହିଥିଲେ ଯେ ଝାରସୁଗୁଡ଼ା ବାସୀ ହେଉଛନ୍ତି ସ୍ୱର୍ଗତ ନବ ଦାସଙ୍କ ନିଜର ପରିବାର । ମା' ଦୁର୍ଗାଙ୍କ ଆଶୀର୍ବାଦ ବଳରେ ପ୍ରତିବର୍ଷ ଏହି ପୂଜା ଅଧିକରୁ ଅଧିକ ଆଡ଼ମ୍ବର ଓ ଧୂମଧାମ୍‌ରେ ଆୟୋଜିତ ହୋଇଚାଲିବ । ଏହାପରେ ବିଶାଳ ଦାସ ଶର ମାରି ରାବଣପୋଡ଼ି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଆତସ ବାଜିର ରଙ୍ଗାରଙ୍ଗ ପ୍ରଦର୍ଶନ ସାଙ୍ଗକୁ ହାଇସ୍କୁଲ ପଡ଼ିଆରେ ଅର୍ଚ୍ଚନା ପାଢ଼ୀ ଏବଂ ଯୋଗେଶ ଯୋଯୋଙ୍କ ଦ୍ୱାରା ମନୋରଞ୍ଜନଧର୍ମୀ ମେଲୋଡ଼ି, କମେଡି ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା, ଯାହାକୁ ଦର୍ଶକମାନେ ଭୂୟସୀ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ନବ ଦାସଙ୍କ ପତ୍ନୀ ମିନତୀ ଦାସ, ଓଁ ଶ୍ରୀ ପୂଜା କମିଟିର ସଭାପତି ରବୀନ୍ଦ୍ର ଦୀକ୍ଷିତ, ସମ୍ପାଦକ ଆଦିତ୍ୟ ପୂଜାରୀ, କାର୍ଯ୍ୟକାରୀ ସଭାପତି ପିଂଟୁ ପାଢ଼ୀ, ରାଜେଶ ପାଢ଼ୀ, ମଂଟୁ ପଣ୍ଡା, ଆଭାସ ଦୀକ୍ଷିତ, ରାମହରି ପୂଝାରୀ, ପ୍ରଶାନ୍ତ ଲେଙ୍କା, ଆଲୋକ ତ୍ରିପାଠୀ ଶଶୀ ଭୂଷଣ ତିୱାରି, ତୁଲସୀ ଦାସ, ମାନସ ରାୟ ଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ନଗରବାସୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରକାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଯୋଗଦାନ ଦେଇଥିଲେ ।

## ୪୨ତମ ରାବଣ ପୋଡ଼ି ଉତ୍ସବ ପାଳିତ




ନିଳଗିରି(ନିପ୍ର): ନିଳଗିରି ଥାନା ପଡ଼ିଆ ପରିସରରେ ୪୨ ତମ ରାବଣ ପୋଡ଼ି ଉତ୍ସବ ବିଜୟାଦଶମୀ ଅବସରରେ ମହାଆଡମ୍ବରରେ ପାଳିତ ହୋଇଯାଇଛି । ନୀଳଗିରିର ପୂର୍ବତନ ବିଧାୟକ ସ୍ୱର୍ଗତ ଅକ୍ଷୟ କୁମାର ଆଚାର୍ଯ୍ୟ ବହୁ ବର୍ଷ ଧରି ରାବଣ ପୋଡ଼ି ଉତ୍ସବ କରି ଆସୁଥିଲେ ମୃତ୍ୟୁପରେ ତାଙ୍କର ପୁତ୍ର ଦିବ୍ୟଜ୍ୟୋତି ଆଚାର୍ଯ୍ୟ ବାପାଙ୍କ ସ୍ମୃତିକୁ ବଜାଇ ରଖିବା ପାଇଁ ନୀଳଗିରୀ ବାସୀଙ୍କ ସହଯୋଗ ଲୋଡ଼ିଥିଲେ । ଶେଷରେ ନୀଳଗିରିର ଉଦୟମାନ ଯୁବ ଗୋଷ୍ଠି ଏକତ୍ରିତ ହୋଇ ଏ ବର୍ଷ ଧୁମ୍ ଧାମ ରେ ରାବଣ ପୋଡ଼ି ଉତ୍ସବ ପାଳନ କରାଯାଇଛି । ରାବଣ ପୋଡ଼ି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲାପାଳ ତଥା ନୀଳଗିରୀବାସୀ ସରୋଜ କୁମାର ସେଠୀ, ମୁଖ୍ୟବକ୍ତା ଭାବେ ସାଂସଦ ଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, କମିଟିର ସଭାପତି ଦିବ୍ୟରଂଜନ ଆଚାର୍ଯ୍ୟ, କମିଟିର ସଂପାଦକ ଉଦୟ ଜ୍ୟୋତି ମହାନ୍ତି, ସଦସ୍ୟ ସଦାଶିବ ରଥ, ରଶ୍ମିରଂଜନ ରାଉତ, ବିଶ୍ୱନାଥ ଦାସ, ମଂଚାସୀନ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ । ବିଶ୍ୱନାଥ ଦାସ ନିଜ ଅଭିଭାଷଣରେ ଆଜିର ଏହି ୪୨ତମ ରାବଣ ପୋଡ଼ି ଉତ୍ସବକୁ ଭଣ୍ଡୁର କରିବା ପାଇଁ ବିରୋଧୀ ଗୋଷ୍ଠି ନିଜର ସମସ୍ତ ରଣ କୌଶଳ ପ୍ରୟୋଗ କରୁଥିବା ବେଳେ ତାହା ଫେଲ୍ ମାରିଲା ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ । ପରେ ମୁଖ୍ୟ ଅତିଥି ସରୋଜ କୁମାର ସେଠୀ ରାବଣ ଦେହରେ ଅଗ୍ନି ସଂଯଗ୍ କରିଥିଲେ । ଆତସ ବାଜି ଶବ୍ଦରେ ଥାନା ପଡ଼ିଆ ଥରି ଉଠିଥିଲା । ୩୦ ହଜାର ରୁ ଅଧିକ ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା ।

## ବକେୟା ଟଙ୍କା ମାଗିବାରୁ ଗାଳିଗୁଲଜ

ଧାମନଗର(ନିପ୍ର): ଧାନ କାରବାରରେ ଲକ୍ଷାଧିକ ଟଙ୍କାର ବକେୟାକୁ ନେଇ ଧୁଷୁରୀ ଥାନା ଅଂଚଳରେ ଚାଂଚଲ୍ୟ । ୨୫ଟନ୍ ଧାନ ହସ୍ତାନ୍ତର ପରେ ୫ ଲକ୍ଷ ୭୫ ହଜାର ଟଙ୍କା ମିଳି ନ ଥିବା ଅଭିଯୋଗ ହୋଇଥିବା ବେଳେ, ବକେୟା ଟଙ୍କା ମାଗିବାରୁ ଗାଳିଗୁଲଜ କରାଯାଇଥିବା ନେଇ ମଧ ଅଭିଯୋଗ ଉଠିଛି । ଏହି ଘଟଣାକୁ ନେଇ ଧୁଷୁରୀ ଥାନାରେ ମାମଲା ରୁଜୁ ହୋଇଛି । ଅଭିଯୋଗ ଅନୁଯାୟୀ, ଧୁଷୁରୀ ଥାନା ଅନ୍ତର୍ଗତ ସାହାସପୁର ଗ୍ରାମର ଶ୍ରୀଧର ଦାସ (୬୧) ଗତ ମାର୍ଚ୍ଚ ମାସରେ ସାବରଙ୍ଗ ଥାନା ଅନ୍ତର୍ଗତ ବ୍ରାହ୍ମଣୀଗାଁ ବୈକୁଣ୍ଠପୁରର ଦୀପକ ପଣ୍ଡାଙ୍କ କହିବା ଅନୁସାରେ ଚାଷୀଙ୍କଠାରୁ କ୍ୱିଂଟାଲ ପ୍ରତି ୨,୩୦୦ ଟଙ୍କା ଦରରେ ୨୫ ଟନ୍ ଧାନ ସଂଗ୍ରହ କରି ତାଙ୍କୁ ହସ୍ତାନ୍ତର କରିଥିଲେ । ଶ୍ରୀଧରଙ୍କ ଅଭିଯୋଗ ଅନୁସାରେ, ଧାନ ହସ୍ତାନ୍ତର ପରେ ସମ୍ପୂର୍ଣ୍ଣ ହିସାବ ମିଳିନଥିଲା ଏବଂ ୫.୭୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇନଥିଲା । ବକେୟା ଅର୍ଥ ମାଗିବାରୁ ଦୀପକ ପଣ୍ଡାଙ୍କ ବାପା ସୁରେନ୍ଦ୍ର ପଣ୍ଡା ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ମଧ ସେ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗକୁ ଭିତି କରି ଧୁଷୁରୀ ପୁଲିସ ୨୦ ଅକ୍ଟୋବର ୨୦୨୬ରେ କେସ୍ ନମ୍ବର ୪୬୩/୨୦୨୬ ରୁଜୁ କରିଛି । ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪), ୨୯୬ ଓ ୩(୫) ଅନୁଯାୟୀ ମାମଲାର ତଦନ୍ତ ଚାଲିଛି । ଏସ୍‌ଆଇ ବିନମୟ ପାତ୍ରଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି । ଧାନ କାରବାରରେ ଏତେ ବଡ଼ ଅର୍ଥରାଶି କୁ ନେଇ ଉଠିଥିବା ଅଭିଯୋଗର ସତ୍ୟତା ତଦନ୍ତ ପରେ ସ୍ପଷ୍ଟ ହେବ ।

## ବାର୍‌ହା ମାଂସ ଜବତ, ୨ ଶିକାରୀ ଗିରଫ



ବ୍ରହ୍ମପୁର(ନିପ୍ର): ଜଙ୍ଗଲୀ ବାରହା ଶିକାର କରି ବେଆଇନ ଭାବେ ମାଂସ ବିକ୍ରି ପାଇଁ ଚାଲାଣ କରୁଥିବା ବେଳେ ବନ ବିଭାଗ ହାତରେ ଧରାପଡ଼ିଛନ୍ତି ଦୁଇ ଶିକାରୀ । ବୁଧବାର ତୁରୁବୁଡ଼ି ବନ ବିଭାଗ କର୍ମଚାରୀ ଚଢ଼ଉ କରି ଉଭୟଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବାରାହା ମାଂସ ଓ ଚାଲାଣରେ ବ୍ୟବହୃତ ଏକ ବାଇକ୍ ଜବତ କରିଛନ୍ତି । ଗିରଫ ଅଭିଯୁକ୍ତ ମାନେ ହେଲେ ବେଲାପଡ଼ା ଗ୍ରାମର ଭୈରି ସେଠୀ ଓ ଲକ୍ଷ୍ମଣ ସାହୁ । ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଉଭୟେ ଖାରିଆଗୁଡ଼ା ଫାଣ୍ଡି ଅନ୍ତର୍ଗତ ପଙ୍କାଳ ଅଣସଂରକ୍ଷିତ ଜଙ୍ଗଲରେ ଫାଶ ବସାଇ ଏକ ଜଙ୍ଗଲୀ ବାରାହା ଶିକାର କରିଥିଲେ । ପରେ ଜଙ୍ଗଲ ମଧ୍ୟରେ ବାରାହାକୁ କାଟି ଚମଡ଼ା ଛଡ଼ାଇବା ସହ ମାଂସକୁ ବିକ୍ରି ଉଦ୍ଦେଶ୍ୟରେ ଅନ୍ୟତ୍ର ଚାଲାଣ କରୁଥିଲେ । ବୁଧବାର ବୁଢ଼ାଗଡ଼–ବେଲାପଡ଼ା ପୂର୍ବ ରାସ୍ତା ଦେଇ ଏକ ବାଇକ୍ (ଓଡି-୦୭-ଡବ୍ଲ୍ୟୁ-୩୭୫୩) ଯୋଗେ ମାଂସ ନେଇ ଯାଉଥିବା ବେଳେ ବନ ବିଭାଗ କର୍ମଚାରୀଙ୍କ ହାବୁଡ଼ରେ ପଡ଼ିଥିଲେ । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନ ବିଭାଗ କର୍ମଚାରୀ ଉକ୍ତ ରାସ୍ତାରେ ଚଢ଼ଉ କରି ଉଭୟଙ୍କୁ କାବୁ କରିଥିଲେ । ଏହି ଘଟଣାରେ ସାମନ୍ତିଆପଲ୍ଲୀ ବନାଂଚଳ ପକ୍ଷରୁ କେସ୍ ନମ୍ବର ୧୫୫/୨୦୨୬-୨୭ ରୁଜୁ କରାଯାଇଛି । ଗିରଫ ଦୁଇ ଅଭିଯୁକ୍ତଙ୍କୁ ବୁଧବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି । ଉଲ୍ଲେଖଯୋଗ୍ୟ, ଆନ୍ଧ୍ରପ୍ରଦେଶ–ଓଡ଼ିଶା ସୀମା ସହ ଗଞ୍ଜାମ ଓ ଗଜପତି ଜିଲ୍ଲାର ସୀମାନ୍ତବର୍ତ୍ତୀ ପାତ୍ରପୁର ଅଂଚଳରେ ପୂର୍ବରୁ ମଧ ବନ୍ୟଜନ୍ତୁ ଶିକାର ଘଟଣା ସାମ୍ନାକୁ ଆସିଛି । ଏହି ଅଂଚଳରୁ କଲରାପତରିଆ ବାଘ ଛାଲ ଜବତ ହେବା ସହ ସମ୍ପୃକ୍ତ ଶିକାରୀମାନଙ୍କୁ ଗିରଫ କରାଯାଇଥିବା ନଜିର ରହିଛି ।

## ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ଜନ୍ମ ଦିନ ଉପଲକ୍ଷେ ବିଶାଳ ରକ୍ତଦାନ ଶିବିର

ଜଳେଶ୍ୱର(ନିପ୍ର ): ଜଳେଶ୍ୱର ନିର୍ବାଚନମଣ୍ଡଳ ଅନ୍ତର୍ଗତ ଖୁଆଡ଼ ଗ୍ରାମ ପଂଚାୟତ ପୁରୁଣା ପାଣି ଗ୍ରାମର ପୂର୍ବତନ ସରପଂଚ ଧୀରେନ୍ଦ୍ର ନାଥ ଦାସ ଙ୍କ ସୁପୁତ୍ର ତଥା ଜଳେଶ୍ୱର ପଂଚାୟତ ସମିତି ପୂର୍ବତନ ଅଧକ୍ଷ ତପନ କୁମାର ଦାସଙ୍କ ଜନ୍ମଦିନ ଉପଲକ୍ଷେ ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ପୁରୁଣାପାଣି ଠାରେ ଏକ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ପୂର୍ବତନ ମନ୍ତ୍ରିତଥା ଜଳେଶ୍ୱର ବିଧାୟକ ଅଶ୍ୱନୀ କୁମାର ପାତ୍ର ଆନୁଷ୍ଠିନିକ ଭାବେ ଏହି ରକ୍ତଦାନ ଶିବିରକୁ ଉଦ୍ଘାଟନ କରିଥିଲେ । ସାଥୀରେ ଉପସ୍ଥିତ ରହିଥିଲେ ଅବସରପ୍ରାପ୍ତ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଖୁଂଟିଆ, ମଧୁସୁଧନ ଗାନ୍ଧୀ, ପ୍ରୋମଦ ଦାସ, ପୂର୍ଣଚନ୍ଦ୍ର ସେଠୀ, ଶିବଶଙ୍କର ସାହୁ, ମାନସରଞ୍ଜନ ଜେନା, ଜୀବନ କିଶୋର ମଲ୍ଲିକ, ସୁବାସ ଗାନ୍ଧୀ, ଚନ୍ଦ୍ରଶେଖର ସାସମାଲ, କାମାକ୍ଷା ଦାସ, ଲେମ୍ବୁଧର ସାସମାଲ, ଚନ୍ଦ୍ରଶେଖର ଗାନ୍ଧୀ, ଦିଲ୍ଲୀପ ଜେନା, ନିର୍ମଳ ଦାସ, ରାଜେଶ ମଲ୍ଲିକ, ଶରତ ପାତ୍ର, ସଞ୍ଜୟ ବାରିକ, ଶଶାଙ୍କ ଜେନା, ପୂର୍ବତନ ସରପଂଚ ମଧୁସୁଧନ ଗାନ୍ଧୀ, ଦାମଦୋର ସୋରେନ, ଅଶୋକ ବାରିକ, ଅନନ୍ତ ପ୍ରଧାନ, ଅବନୀକାନ୍ତ ଦାସ, ଉମାକାନ୍ତ ସାହୁ ସେମେତ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତୀ, ବସନ୍ତ ଜେନା, ମୋନରଞ୍ଜନ ଦାସ, ରାଜେଶ ଖଟୁଆ, ରାଜେଶ ମିଶ୍ର, ଡ଼କ୍ଟର ଗୀତି କ୍ରିଷ୍ଣା ରାଉତ ପ୍ରମୁଖ ଉପସ୍ଥିତ ରହି ରକ୍ତ ଦାନ ଶିବିରକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ତୁଡିଗଡ଼ିଆ ଶହୀଦ ସ୍ମୃତି ବରିଷ୍ଠ ନାଗରିକ ମଂଚର ବାର୍ଷିକ ଉତ୍ସବ



ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତୁଡିଗଡିଆ ଶହୀଦ ଜନ କଲ୍ୟାଣ ପରିଷଦ କାର୍ଯ୍ୟାଳୟରେ ଶହୀଦ ସ୍ମୃତି ବରିଷ୍ଠ ନାଗରିକ ମଂଚର ବାର୍ଷିକ ଅଧୀବେସନ ଅନୁଷ୍ଠିତ ହୋଇ ଯାଇଛି । ଗୁରୁବାର ପୂର୍ବାହ୍ନରେ ଆୟୋଜିତ ସଭାରେ ବିଷ୍ଣୁମୋହନ ଶତପଥି ପୌରହିତ୍ୟ କରିଥିଲେ । ଅବସରପ୍ରାପ୍ତ ଅଧ୍ୟକ୍ଷ ନେତ୍ରାନନ୍ଦ ରାଉତ ମୁଖ୍ୟଅତିଥି, ତୁଡିଗଡିଆ ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ରଘୁନାଥ ଦାସ ମୁଖ୍ୟବକ୍ତା, ମଂଚର ଜିଲା ସମ୍ପାଦକ ଦାମୋଦର ନାୟକ, ମଂଚର ବ୍ଲକ ସମ୍ପାଦକ ମୁକ୍ତିକାନ୍ତ ଶତପଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଉଦ୍ଧବ ଚରଣ ବିଶ୍ୱାଳ, ଖଇରା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବସନ୍ତ ଖିଲାର, ଅବସରପ୍ରାପ୍ତ ପ୍ରଧାନ ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ସଂସ୍କାରଯୁକ୍ତ ଶିକ୍ଷା ଅଭାବରୁ ପିଲାମାନେ ସେମାନେ କୁପଥଗାମୀ ହେଉଛନ୍ତି । ଯାହାଫଳରେ ମାବାପା ମାନେ ହତାଦରର ଶିକାର ହେଉଛନ୍ତି । ଏଣୁ ପିଲାମାନଙ୍କୁ ଛୋଟବେଳୁ ଆଧ୍ୟାତ୍ମିକ ଜ୍ଞାନ ପ୍ରଦାନ କରାଗଲେ ସେମାନେ ଭଲ ବାଟରେ ଯାଇ ପାରନ୍ତେ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ସମ୍ପାଦକ ଯୁଧିଷ୍ଠିର ମହାରଣା ବିବରଣୀ ପାଠ ଓ ଉପେନ୍ଦ୍ର ପାଢୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ତୁଡିଗଡିଆକୁ ସ୍ୱତନ୍ତ ବ୍ଲକ ମାନ୍ୟତା ଓ ଅପରାଧ ନିୟନ୍ତ୍ରଣ ପାଇଁ ଫାଣ୍ଡି ପ୍ରତିଷ୍ଠା ପାଇଁ ମଂଚ ତରଫରୁ ଦାବି କରାଯାଇଥିଲା ।

## କନିଷ୍ଠ ଯନ୍ତ୍ରୀଙ୍କ ଦୀର୍ଘଦିନିଆ ଛୁଟି ଯୋଗୁଁ ଠପ୍ ହୋଇଗଲାଣି ଉନ୍ନୟନ କାର୍ଯ୍ୟ: ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଦାବି

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ପଂଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ପଂଚାୟତରେ ଉନ୍ନୟନ କାର୍ଯ୍ୟ ଗୁଡ଼ିକ ଏବେ ଗଭୀର ଅଚଳାବସ୍ଥା ଦେଇ ଗତି କରୁଥିବା ଅଭିଯୋଗ ହେଉଛି । କନିଷ୍ଠ ଯନ୍ତ୍ରୀ (ଔର) ଦୀର୍ଘ ଦିନ ହେବ ଛୁଟିରେ ରହିଥିବାବେଳେ ତାଙ୍କ ସ୍ଥାନରେ ବିକଳ୍ପ ବ୍ୟବସ୍ଥା କିମ୍ବା ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇ ନଥିବାରୁ ଜନକଲ୍ୟାଣ ମୂଳକ କାମଗୁଡ଼ିକ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଏହି ସମସ୍ୟାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ପ୍ରଶାସନିକ କାର୍ଯ୍ୟଦକ୍ଷତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଖଡ଼ିଆଳ ପଂଚାୟତ ସମିତିରେ ଏଭଳି ଅଭାବନୀୟ ପରିସ୍ଥିତି କୌଣସି ନୂଆ କଥା ନୁହେଁ । ବିଭାଗୀୟ କର୍ମଚାରୀ କିମ୍ବା ଅଧିକାରୀ ମାନେ ବଦଳି କିମ୍ବା ଛୁଟିରେ ଗଲେ ସେହି ସ୍ଥାନରେ ତୁରନ୍ତ ଅନ୍ୟ କାହାକୁ ଦାୟିତ୍ୱ ଦେବାରେ ବିଭାଗ ପକ୍ଷରୁ ପ୍ରାୟତଃ ବହୁ ବିଳମ୍ବ କରାଯାଉ ଥିବା ଦେଖିବାକୁ ମିଳେ । ପୂର୍ବରୁ ମଧ ଦୀର୍ଘ ଦିନ ଧରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦବୀ ଖାଲି ପଡ଼ିଥିବା ବେଳେ ବହୁ ବାଦବିବାଦ ଓ ବ୍ୟବଧାନ ପରେ ନୂତନ ଅଧିକାରୀ ନିଯୁକ୍ତି ପାଇଥିଲେ । ବର୍ତ୍ତମାନ ପୁଣି ଥରେ ଯନ୍ତ୍ରୀଙ୍କ ଅନୁପସ୍ଥିତି ସମସ୍ୟାକୁ ଦ୍ୱିଗୁଣିତ କରିଛି । ସାଧାରଣତଃ ପଂଚାୟତ ଯନ୍ତ୍ରୀମାନଙ୍କ ଉପରେ ଏକାଧିକ ପଂଚାୟତର ଦାୟିତ୍ୱନ୍ୟାସ କରାଯାଇଥାଏ । ବର୍ତ୍ତମାନ ଦବାରି, ଚାନାବେଡ଼ା, ଡୁଆଝର ଏବଂ ଖାସବାହାଲ ଆଦି ପଂଚାୟତଗୁଡ଼ିକର ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଦିବାସିନି ଶବର ଦୀର୍ଘଦିନର ଛୁଟିରେ ରହିଛନ୍ତି । କିନ୍ତୁ ଆଜିକୁ ଗୋଟିଏ ସପ୍ତାହରୁ ଅଧିକ ସମୟ ବିତିଯାଇଥିଲେ ମଧ ତାଙ୍କ ସ୍ଥାନରେ ଅନ୍ୟ କୌଣସି ଯନ୍ତ୍ରୀଙ୍କୁ ସେହି ପଂଚାୟତଗୁଡ଼ିକର ଦାୟିତ୍ୱ ଦିଆଯାଇ ନାହିଁ । ଫଳରେ ସେଠାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ, ମନରେଗା କାମ ଏବଂ ବିଲ୍ ପେମେଂଟ ଆଦି ସମସ୍ତ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇପଡ଼ିଛି । ଏଭଳି ଗୁରୁତ୍ୱପୂର୍ଣ୍ଣ ସମୟରେ ବିଭାଗୀୟ ଅବହେଳାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ବ୍ଲକ ସହକାରୀ ଯନ୍ତ୍ରୀ ଅମ୍ବିକା ପ୍ରସାଦ ମାଝୀ ନିଜର ଦାୟିତ୍ୱ ସଠିକ୍ ଭାବେ ତୁଲାଇବାରେ ବିଫଳ ହେଉଥିବା ଅଭିଯୋଗ ହେଉଛି । ଜଣେ ଯନ୍ତ୍ରୀ ଦୀର୍ଘଦିନ ଛୁଟିରେ ଯିବାର ସୂଚନା ଥାଇ ମଧ କୌଣସି ଆନ୍ତରିକତା ନ ଦେଖାଇ ଚୁପ୍ ରହିବା ଏବଂ ବିକଳ୍ପ ବ୍ୟବସ୍ଥା ନ କରିବା ପ୍ରଶାସନିକ ଶିଥିଳତାର ପ୍ରମାଣ ଦେଉଛି । କେଉଁ ଅଦୃଶ୍ୟ ଶକ୍ତି କିମ୍ବା କାହା ଚାପରେ ଏହିଭଳି ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ କାର୍ଯ୍ୟଗୁଡ଼ିକ ସଠିକ୍ ସମୟରେ ସମ୍ପାଦିତ ହୋଇପାରୁ ନାହିଁ, ତାହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଲେ ଏହାର ସିଧାସଳଖ ପ୍ରଭାବ ସାଧାରଣ ଜନଜୀବନ ତଥା ଗ୍ରାମାଂଚଳର ଭିତିଭୂମି ବିକାଶ ଉପରେ ପଡ଼ିଥାଏ । ତେଣୁ ଜିଲ୍ଲାପାଳ ଏବଂ ଜିଲ୍ଲା ପ୍ରଶାସନ ଏହି ଗୁରୁତର ବିଷୟ ପ୍ରତି ଦୃଷ୍ଟି ଦେଇ ତୁରନ୍ତ ଖଡ଼ିଆଳ ବ୍ଲକର ଉକ୍ତ ପଂଚାୟତଗୁଡ଼ିକ ପାଇଁ ଅସ୍ଥାୟୀ ବା ସ୍ଥାୟୀ ଭାବରେ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି କରନ୍ତୁ ଏବଂ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସାଧାରଣରେ ଦାବି ଜୋର ଧରିଛି ।



# ଲାଇନମ୍ୟାନଙ୍କ ଅସୁବିଧା ବେଳେ ସାହାଯ୍ୟର ହାତ ବଢ଼େଇଲେ ଆଇନଜୀବୀ

ନୟାଗଡ : ନୟାଗଡ଼ ବିଦ୍ୟୁତ ଡିଭିଜନରେ ଉତ୍କଟ କର୍ମଚାରୀ ଅଭାବ,୨ ଲକ୍ଷ ୧୭ ହଜାର ଉପଭୋକ୍ତା ପ୍ରଭାବିତ; ପୁଣି ୨୩ ଜଣ ଲାଇନମ୍ୟାନଙ୍କୁ ହଟାଇବା ଉଦ୍ୟମ ବିରୋଧରେ ହାଇକୋର୍ଟ ଯିବାକୁ ବରିଷ୍ଠ ଆଇନଜୀବୀ ରଣଜିତ ଦାଶଙ୍କ ଚେତାବନୀ ଟିପିସିଓଡିଏଲ୍ ଅଧୀନରେ ଥିବା ନୟାଗଡ଼ ବିଦ୍ୟୁତ ଡିଭିଜନରେ ଘୋର କର୍ମଚାରୀ ଅଭାବ ଯୋଗୁଁ ବିଦ୍ୟୁତ ଭିତିଭୂମିର ସଠିକ୍ ରକ୍ଷଣାବେକ୍ଷଣ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଫଳରେ ନୟାଗଡ଼ ଜିଲ୍ଲାର ପ୍ରାୟ ୨ ଲକ୍ଷ ୧୭ ହଜାର ଘରୋଇ ଓ ବ୍ୟାବସାୟିକ ଉପଭୋକ୍ତା ନିୟମିତ ବିଲ୍ ଓ ରକ୍ଷଣାବେକ୍ଷଣ ଦେୟ ପୈଠ କରୁଥିଲେ ମଧ୍ୟ ଉଚିତ ସେବା ପାଇବାରୁ ବଂଚିତ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ଆବଶ୍ୟକ କର୍ମଚାରୀ ନିୟୋଜିତ କରିବା ଏବଂ କାର୍ଯ୍ୟରତ କର୍ମଚାରୀଙ୍କ ଛଟେଇ ବନ୍ଦ କରିବା ଦାବି ନେଇ ରାଜ୍ୟ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି କ୍ଷ ସାତ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଏ ସମ୍ପର୍କରେ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବେ ବୋଲି ନୟାଗଡ଼ ବାର୍ ଆସୋସିଏସନର ବରିଷ୍ଠ ଆଇନଜୀବୀ ଶ୍ରୀ ରଣଜିତ ଦାଶ ସ୍ପଷ୍ଟ କରିଛନ୍ତି ।ନୟାଗଡ଼ ବିଦ୍ୟୁତ ଡିଭିଜନ ଅଧୀନରେ ୨୪ଟି ପ୍ରାଇମେରୀ ସବ୍-ଷ୍ଟେସନ , ୩୬୦ କିଲୋମିଟର ୩୩ କେଭି ଲାଇନ୍, ୩,୫୦୦ କିଲୋମିଟର ୧୧ କେଭି ଲାଇନ୍ ଏବଂ ୭,୧୦୦ଟି ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର ରହିଛି । ବିଦ୍ୟୁତ ନିୟାମକ ଆୟୋଗ ଏବଂ କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ (ଉରଇ) ର ମାନଦଣ୍ଡ ଅନୁଯାୟୀ ଏହି ବିଶାଳ ଭିତମି ତଥା ୨,୧୭,୦୦୦ ଉପଭୋକ୍ତାଙ୍କୁ ସୁରକ୍ଷିତ ଓ ନିରବଚ୍ଛିନ୍ନ ସେବା ଯୋଗାଇବା ପାଇଁ ଅତିକମରେ ୪୫୦ ରୁ ୫୨୦ ଜଣ କ୍ଷେତ୍ର କର୍ମଚାରୀ ଆବଶ୍ୟକ । କିନ୍ତୁ ବାସ୍ତବରେ ଠିକା ସଂସ୍ଥା ମାଧ୍ୟମରେ ମାତ୍ର ୨୯୫ ଜଣ ଲାଇନମ୍ୟାନ, ୧୬ ଜଣ ସୁପରଭାଇଜର ଏବଂ କେବଳ ଜଣେ ମାତ୍ର ସୁରକ୍ଷା ଅଧିକାରୀ ନିୟୋଜିତ ଅଛନ୍ତି, ଯାହା ମୂଳ ଆବଶ୍ୟକତା ଠାରୁ ପ୍ରାୟ ୪୦ ପ୍ରତିଶତ କମ୍ । ଏଭଳି ସ୍ଥିତିରେ କର୍ମଚାରୀ ସଂଖ୍ୟା ବୃଦ୍ଧି କରିବା ପରିବର୍ତ୍ତେ, ଠିକା ସଂସ୍ଥା କାର୍ଯ୍ୟରତ ୨୯୫ ଜଣ ଲାଇନମ୍ୟାନଙ୍କ ମଧ୍ୟରୁ ୨୩ ଜଣ ଲାଇନମ୍ୟାନଙ୍କୁ ମନମୁଖୀ ଭାବେ ହଟାଇବାକୁ ଅପଚେଷ୍ଟା ଚଳାଇଥିବା ସ୍ମାରକପତ୍ରରେ ଅଭିଯୋଗ କରାଯାଇଛି କ୍ଷ ଏହାଦ୍ୱାରା ବ୍ରେକଡାଉନ୍ ମରାମତି ଓ ଲାଇନ ରକ୍ଷଣାବେକ୍ଷଣ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବ ଏବଂ ଉପଭୋକ୍ତାମାନେ ବାରମ୍ବାର ବିଦ୍ୟୁତ କାଟ, ଲୋ-ଭୋଲଟ୍ଟେଜ୍ ଓ ଯନ୍ତ୍ରାଂଶ ପୋଡ଼ିଯିବା ଭଳି ସମସ୍ୟାର ସମ୍ମୁଖୀନ ହେବେ । ହଜାର ହଜାର କିଲୋମିଟର ବିସ୍ତୃତ ଲାଇନ ପାଇଁ ମାତ୍ର ଜଣେ ସୁରକ୍ଷା ଅଧିକାରୀ ଥିବାରୁ ସାଧାରଣ ଜନଜୀବନ ମଧ୍ୟ ନିରନ୍ତର ବିପଦ ମଧ୍ୟରେ ରହିଛି । ତେଣୁ ତୁରନ୍ତ ଉକ୍ତ ୨୩ ଜଣ ଲାଇନମ୍ୟାନଙ୍କ ଛଟେଇ ପ୍ରକ୍ରିୟା ସ୍ଥଗିତ ରଖିବା ଏବଂ ଡିଭିଜନର ସମଗ୍ର ଭିତିଭୂମି ତଥା ଉପଭୋକ୍ତା ସଂଖ୍ୟାକୁ ଦୃଷ୍ଟିରେ ରଖି ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିୟୋଜିତ କରିବାକୁ ଦାବି କରାଯାଇଛି । ଏହି ସ୍ମାରକପତ୍ରର ଏକ କିତା ନକଲ ଟିପିସିଓଡିଏଲ୍ ?ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ନୟାଗଡ଼ ଜିଲ୍ଲାପାଳଙ୍କୁ ପ୍ରେରଣ କରାଯାଇଛି । ଆସନ୍ତା ୭ ଦିନ ମଧ୍ୟରେ ପ୍ରଶାସନ ସମସ୍ୟାର ସମାଧାନ ନ କଲେ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ଭାରତୀୟ ସମ୍ବିଧାନର ଧାରା ୨୨୬ ଅନୁଯାୟୀ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ରିଟ୍ ପିଟିସନ ଦାୟର କରାଯିବ ବୋଲି ଶ୍ରୀ ଦାଶ ଜଣାଇଛନ୍ତି ।

# ପୂଜାରୀ ପୁଟ ଠାରେ ପ୍ରବଚନ କାର୍ଯ୍ୟକ୍ରମ ଓ ପ୍ରତିମୂର୍ତ୍ତି ଉନ୍ମୋଚନ

ଜୟପୁର : (ହି.ସ.) ପୂଜାରୀ ପୁଟ ଠାରେ ସମାଜ ସେବୀ ତଥା ପଣ୍ଡିତ ସ୍ୱର୍ଗତ ଗଣେଶ୍ୱର ଦାଶ ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସୁନାମଧନ୍ୟ ପଣ୍ଡିତ ତଥା ପ୍ରବଚକ ଶ୍ରୀମାନ ସଙ୍ଗ୍ରାମ ଆଚାର୍ଯ୍ୟ ସ୍ୱର୍ଗତ ଗଣେଶ୍ୱର ଦାଶ ଓ ସ୍ୱର୍ଗତ ରମ୍ଭା ଦାଶ୍ ଙ୍କ ପ୍ରତିମୂର୍ତି ଉନ୍ମୋଚନ କରିବା ସହିତ ପ୍ରବଚନ ଦେଇଥିଲେ । ଶ୍ରୀ ଆଚାର୍ଯ୍ୟ ହିନ୍ଦୁ ଧର୍ମ ରକ୍ଷା ଓ ଗୋ ସୁରକ୍ଷା ନିମନ୍ତେ ବିଭିନ୍ନ ଜିଲ୍ଲା ରେ ବିଭିନ୍ନ କାର୍ଯ୍ୟକ୍ରମ କରୁଥିବା ଚର୍ଚ୍ଚା ର ବିଷୟ ପାଲଟିଛି । ଶ୍ରୀ ଆଚାର୍ଯ୍ୟ ଙ୍କ ପ୍ରବଚନ ଶୁଣିବା ପାଇଁ ହଜାର ହଜାର ଭକ୍ତ ଙ୍କ ସମାଗମ ହୋଇଥିଲା । ସ୍ୱର୍ଗତ ଗଣେଶ୍ୱର ଦାଶ ଙ୍କ ପୁତ୍ର ଶ୍ରୀ ଶଶୀଭୂଷଣ ଦାଶ ଙ୍କ ଆୟୋଜିତ କାର୍ଯ୍ୟକ୍ରମରେ ଭାଇ ଶ୍ରୀ ଉମାକାନ୍ତ ଦାଶ, ଶଶାଙ୍କ ଶେଖର ଦାଶ, ଝିଅ କୁମୁଦିନୀ ତିୱାରି, ଶଙ୍କର ପ୍ରସାଦ ତିୱାରି, ସମସ୍ତ ବନ୍ଧୁ ଓ ପରିବାର ବର୍ଗଙ୍କ ସମେତ ବହୁ ସଂଖ୍ୟକ ଶୁଭେଚ୍ଛୁ ଯୋଗଦାନ କରିଥିଲେ ।

# ପ୍ରସିଦ୍ଧ ଅପରାଜିତା ପୂଜା ସହ ରାବଣ ପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର : (ହି.ସ.) ଜୟପୁର ଦଶହରା ରେ ଅପରାଜିତା ପୂଜା ସହ ରାବଣ ପୋଡି କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ପରି ମଧ ଜୟପୁର ଦଶହରା ପଡିଆରେ ରାବଣ ପୋଡି, ଆତସବାଜୀ କାଯ୍ୟକ୍ରମ ସହ ଅପରାଜିତା ପୁସ୍ତକ ଲୋକାର୍ପଣ ହୋଇଛି ।। ଏହି ଲୋକାର୍ପଣ କାଯ୍ୟକ୍ରମରେ ଜୟପୁର ବିଧାୟକ ତାରା ପ୍ରସାଦ ବାହନିପତି ଙ୍କ ସଭାପିତିତ୍ୱରେ ଆୟୋଜିତ କାଯ୍ୟକ୍ରମରେ ମହାରାଣି ସାରିକା ଦେବି , କୋରାପୁଟ ଏସପି ରୋହିତ ବର୍ମା, ଉପ ଜିଲାପାଳ ସୁଭ୍ରା ପଣ୍ଡା, ଏସଡିପିଓ ଅଚିତା ମିତଲ , ଡିଏଫଓ ପ୍ରଶାନ୍ତ ପଟେଲ, ଦେବୋତର ଉପଦେଷ୍ଟା କମିଟି ସଭାପତି ଦେବେନ୍ଦ୍ର ବାହନପତି, ତହସିଲଦାର ସବ୍ୟ ସାଚି ଜେନା, ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ହଜାର ହଜାର ଲୋକଙ୍କ ଉପସ୍ଥିତି ରେ ରାବଣ ପୋଡି ସହ ଆତସବାଜୀ କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଶାନ୍ତି ଶୃଙ୍ଖଳା ପାଇ ପୋଲିସ ମୁତୟନ ହୋଇଥିଲେ । ଆତସବାଜୀ କାଯ୍ୟକ୍ରମରେ ସହର ମୁଖରିତ ହୋଇ ପଡିଥିଲା । ପାରମ୍ପରିକ ରୀତି ନୀତି ଅନୁସାରେ ଲକ୍ଷାଧିକ ଭକ୍ତଙ୍କ ସମାଗମରେ ଜୟପୁରର ଇତିହାସ ପ୍ରସିଦ୍ଧ ଅପରାଜିତା ପୂଜା ସମାପ୍ତ ହୋଇଯାଇଛି । ଭୋର ବେଳକୁ ଏହି ପୂଜା ଜୟପୁର ଦଶହରା ପଡ଼ିଆ ଠାରେ ସମାପନ ହୋଇଛି । ପ୍ରଶାସନର ନିଷ୍ପତି ଅନୁଯାୟୀ ଅପରାଜିତା ପୂଜାରେ ଅଧିଷ୍ଠାତ୍ରୀ ମା ଦକ୍ଷିଣ କାଳିକା, ଅଧିଷ୍ଠାତ୍ରୀ ମା ଭଗବତି, ମା ବସନ୍ତାୟୀ , କନକ ଦୁର୍ଗା ଙ୍କ ବିମାନ ବାହାରି ଜୟପୁର ଦଶହରା ପଡିଆରେ ପହଂଚିଥିଲା । ବାଜା, ନାଚ, ଗୀତ ବାଣ ଫୁଟାଇ ବିରାଟ ପଟୁଆରରେ ୪ଟି ବିମାନକୁ ଦଶହରା ପଡିଆକୁ ନିଆଯାଇଥିଲା । ଦଶହରା ପଡିଆରେ ୪ଟି ଅସ୍ଥାୟି ମଣ୍ଡପ କରାଯାଇ ମା ଙ୍କ ଅପରାଜିତା ପୂଜା କରାଯାଇଥିଲା । ଏହା ସହ ରଜାନହର ଠାରେ ବସାଯାଇଥିବା ମୃଣୟ ମୁତିକୁ ମଧ ମେଲାଣି ଦିଆଯାଇଥିଲା । କଡା ସୁରକ୍ଷା ବଳୟରେ ଅପରାଜିତା ପୂଜା ରେ ହୋମ, ଯଜ୍ଞ ରେ ଭୋଗ, ରାଗ ଦ୍ୱାରା ଅପରାଜିତା ପୂଜା ଅନୁଷ୍ଠିତ କରାଯାଇ ଜୟପୁର ଐତିହାସିକ ଦଶହରା ଶେଷ ହୋଇଛି । ଏଠାରେ ଜୟପୁ ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇ ରାଷ୍ଟ୍ର ମଙ୍ଗଳ ପାଇ ପାର୍ଥନା ପୂଜା ପାଠ କରିଥିଲେ । ପ୍ରଚଳିତ ପ୍ରଥା ଅନୁସାରେ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଦେବୀ ପୀଠରୁ ଆସିଥିବା ଲାଠି ଗୁଡ଼ିକ ବାଙ୍କମଠ ଠାରୁ ବିଶାଳ ଶୋଭାଯାତ୍ରା ରେ ବାହାରିଥିବା ବେଳେ ମାଁଙ୍କ ପ୍ରତିକ ଲାଠିଧାରି ଆସି ଦଶହରାରେ ସାମିଲ ହୋଇ ଜୟପୁର ବାସିଙ୍କୁ ଆଶିବାଦ କରିଥିଲେ । ଅଧିଷ୍ଠାତ୍ରୀ ମା ଙ୍କ ଶୋଭାଯାତ୍ରା ରେ ବାଜା ବାଣ, ନାଚ ଗୀତ ଡେଙ୍ଗ ବିଭିନ୍ନ ଆଦିବାସୀ ନାଚ ପାରମ୍ପାରିକ ବାଦ୍ୟ ରେ ଜୟପୁର ଦଶହରା ଶେଷ ହୋଇଛି ।

# ପ୍ରଥମ ସାଉନ୍ତେଶ୍ୱରୀ ମହୋତ୍ସବ ଉଦ୍‌ଯାପିତ

ବଲାଙ୍ଗିର : (ହି.ସ.)- ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ଅଇଁଲାସାରି ଠାରେ ପ୍ରଥମ ସାଉନ୍ତେଶ୍ୱରୀ ମହୋତ୍ସବ ଉଦ୍ୟାପିତ ହୋଇଯାଇଛି । ଏହି ମହୋତ୍ସବକୁ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ସହଯୋଗ ରେ ଆୟୋଜିତ ସମାବେଶ ରେ ଲାଲମୋହନ ବେହେରାଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ପୌରାଧ୍ୟକ୍ଷା ଲିକା ସାହୁ, ଯୁବ ନେତା ନିହାର ରଂଜନ ବେହେରା, ବିଜେଡି ନେତା ଲକ୍ଷ୍ମଣ ମେହେର, ବ୍ଲକ ଅଧ୍ୟକ୍ଷ ସରୋଜ ପଧାନ, ଲୋଇସିଂହା ବ୍ଲକ ଅଧ୍ୟକ୍ଷ ଯତିନ ପଟେଲ ଏବଂ ସରପଂଚ ସଂଘ ସଭାପତି, ସରପଂଚ ମଦନା ବେହେରା, ସମିତି ସଭ୍ୟ ସସ୍ମିତା ସାହୁ, କବିରାଜ ଭୋଇ, ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ର ପ୍ରମୁଖ ମଂଚାସିନ ଥିଲେ । ଏହି ଅଂଚଳର ଅରାଧ୍ୟା ଦେବୀ ମାଁ ସମଲେଶ୍ୱରୀ, ବୁଡାରଜା, ନରିହା ବୁଢା, ଡଙ୍ଗରବୁଢା, ଦେବାଦେବୀ ଅଏଁଲାସାରି ବୁଢା ଡଙ୍ଗର ପାହାଡରେ ବିରାଜମାନ ଅଛନ୍ତି ବରୁଆ ଦେହରେ ଆବିର୍ଭାବ ହୋଇ ପଂଚାୟତସାରା ତଥା ଆଖପାଖ ଅଂଚଳର ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବା ସହ ତାଙ୍କ ଅନେକ ରୋଗ, ଦୁଃଖର ତଥା ସମୃଦ୍ଧି ପାଇଁ ଆର୍ଶିର୍ବାଦ କରିଥାନ୍ତି । ମୁଖ୍ୟ ବରୁଆ ଜୟ ମଙ୍ଗଳ ବେହେରା, ରାଜେନ୍ଦ୍ର ସା ସମସ୍ତଙ୍କୁ ନିଷ୍ଠାର ସହ ଦର୍ଶନ ଦେଇଥାନ୍ତି । ଏହି କାର୍ଯ୍ୟକ୍ରମକୁ ବଳରାମ ଚନ୍ଦନ, ଯୁବନେତା ଉମେଶ ପଧାନ, ସୁବାଷ ଚନ୍ଦ୍ର ବିଶ୍ୱାଲ, ଗୋକୁଳ ବିଶ୍ୱାଲ, ଓକାଲୁ ସା,ସଦାନନ୍ଦ ଦୀପ, ନାରାୟଣ ବେହେରା, ଶ୍ରୀବସ୍ତ ସାହୁ , ବ୍ରଜଲାଲ ସାହୁ , ମାଖନଫୁଲ ଚନ୍ଦନ, ସଦାନନ୍ଦ ବେହେରା, ଅର୍ଜୁନ ବେହେରା ପ୍ରମୁଖ ସହଯୋଗ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ଢୋଲ ମୁହୁରି କଳା ପରିଷଦ ଓ ଶ୍ରୀରାମ କଳା ପରିଷଦ ଚନ୍ଦ୍ରପୁର ପରିବେଷଣ କରିଥିଲେ ।

# ଚମ୍ପୁଆ ଶିଶୁ ମନ୍ଦିରରେ ପୂର୍ବ ଛାତ୍ର ଏକତ୍ରିକରଣ

ଚମ୍ପୁଆ : (ହି.ସ.) ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ପୂର୍ବ ଛାତ୍ର ଏକତ୍ରିକରଣ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ମୁଖ୍ୟ ଅତିଥିଭାବେ ଶିକ୍ଷା ବିକାଶ ସମିତି, ଓଡ଼ିଶାର ଯୁଗ୍ମ ସମ୍ପାଦକ କୈଳାସ ଚନ୍ଦ୍ର ମହାନ୍ତ ଯୋଗ ଦେଇ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ ଭାରତୀୟ ସଂସ୍କୃତି ଆଧାରରେ ନିଜ ଜୀବନକୁ ଏକ ଆଦର୍ଶ ନାଗରିକ ଭାବେ ଗଢିବା ସହିତ ଜଣେ ମାତୃଭୂମି ଓ ପର୍ଯ୍ୟାବରଣର ସୁରକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ ଯୋଗ ଦେଇ ଛାତ୍ର ଛାତ୍ରୀମାନେ ଦେଶର ଭବିଷ୍ୟତ ଓ ହୀରା ଭଳି ମୂଲ୍ୟବାନ ବୋଲି କହିଥିଲେ । ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ ଓ ଆଭିମୁଖ୍ୟ କଥନ କରିଥିଲେ । ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ମହାକୁଡ଼ ଅତିଥି ପରିଚୟ ପ୍ରଦାନ ଓ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ବିଦ୍ୟାଳୟର ପୂର୍ବ ଛାତ୍ର ସଂଯୋଜକ ନିର୍ମଳ ଚନ୍ଦ୍ର ମହାନ୍ତ ପୂର୍ବ ଛାତ୍ର ଆଲୁମନି ପୋର୍ଟାଲ୍ ରେ କିପରି ନାମ ପଞ୍ଜିକରଣ କରିପାରିବେ ଓ ଏହାର ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ । ସଭା ଆରମ୍ଭରେ ବିଦ୍ୟାଳୟର ଗୁରୁମାଆ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶତାଧିକ ପୂର୍ବ ଛାତ୍ର ଛାତ୍ରୀ ଯୋଗ ଦେଇ ବିଦ୍ୟାଳୟରେ ନିଜ ନିଜ ଛାତ୍ର ଜୀବନର ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏଥିରେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସେବକ ସେବିକା ଉପସ୍ଥିତ ଥିଲେ ।

# ବ୍ରହ୍ମପୁର କରଞ୍ଜିଆରେ ବିଜୟା ଦଶମୀ ସାଂସ୍କୃତିକ ମହୋତ୍ସବ: ଓଡ଼ିଶୀ ଓ ଧୁମସା ନୃତ୍ୟରେ ବିଭୋର ହେଲେ ଦର୍ଶକ

ଚମ୍ପୁଆ : (ହି.ସ.) ପବିତ୍ର ଶାରଦୀୟ ଦୁର୍ଗାପୂଜା ଓ ବିଜୟା ଦଶମୀ ଅବସରରେ ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ବି. କରଞ୍ଜିଆ ହାଟ ପଡ଼ିଆଠାରେ ଏକ ବର୍ଣ୍ଣାଢ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଯୁବ ସମାଜସେବୀ ତଥା ଇଞ୍ଜିନିୟର କେଦାରନାଥ ସାହୁଙ୍କ ପ୍ରାୟୋଜନାରେ ଆୟୋଜିତ ଏହି ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲା ବିଜେପି ସଭାପତି ରାଧାକାନ୍ତ ମହାନ୍ତ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ସମାଜସେବୀ ପ୍ରିୟବ୍ରତ ନାୟକ ଓ କେନ୍ଦୁଝର ବେସରକାରୀ ବସ୍ ମାଲିକ ସଂଘର ସଭାପତି ସିଙ୍ଘାଦ୍ରୀ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବଢ଼ାଇଥିଲେ । ଏହି ସାଂସ୍କୃତିକ ସନ୍ଧ୍ୟାରେ ଯାଜପୁର ରୋଡ୍ରୁ ଆସିଥିବା ପ୍ରସିଦ୍ଧ 'ବ୍ୟାସଶ୍ରୀ କଳା ନିକେତନ'ର ନୃତ୍ୟଶିଳ୍ପୀମାନେ ପାରମ୍ପରିକ ଓ ଲୋକନୃତ୍ୟ ପରିବେଷଣ କରିଥିଲେ । ଅନୁଷ୍ଠାନର ପରିଚାଳକ ବାଇଧର ମାଝୀ ଓ ନୃତ୍ୟଗୁରୁ ନାରାୟଣ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟର ବିଭିନ୍ନ ଶୈଳୀ ଯେପରିକି ମାହାରୀ, ଦେବଦାସୀ ଓ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ କରିଥିଲେ । ଏହା ସହିତ ପାରମ୍ପରିକ ଲୋକନୃତ୍ୟ 'ଧେମ୍ସା'ର ତାଳେ ତାଳେ ଶିଳ୍ପୀମାନେ ଉପସ୍ଥିତ ଦର୍ଶକଙ୍କ ମନ ମୋହି ନେଇଥିଲେ । କାର୍ଯ୍ୟକ୍ରମ ଶେଷରେ ଅତିଥିମାନଙ୍କ ଦ୍ୱାରା ସମସ୍ତ ପ୍ରତିଭାବାନ କଳାକାର ଓ ନୃତ୍ୟଶିଳ୍ପୀମାନଙ୍କୁ ପୁରସ୍କୃତ କରାଯାଇ ଉତ୍ସାହିତ କରାଯାଇଥିଲା । ସ୍ୱର୍ଗତ ଆକୁଳ ସାହୁଙ୍କ ପରିବାର ଓ କେନ୍ଦୁଝରର ସମାଜସେବୀ ବନ୍ଧୁମାନଙ୍କ ମିଳିତ ସହଯୋଗ ଓ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ ସଂଖ୍ୟାରେ କଳାପ୍ରେମୀ ଦର୍ଶକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ପୂଜ୍ୟପୂଜା ସଂସଦ ତରଫରୁ ଜେଲ ଅନ୍ତେବାସୀଙ୍କୁ ଭାଗବତ ବହି ପ୍ରଦାନ

ସୋର :(ସ୍ୱପ୍ର) ସୋର ବ୍ଲକ ରେଓଦା ସ୍ଥିତ ପୂଜ୍ୟପୂଜା ସଂସଦ ସେବା ସଙ୍ଗଠନ ପକ୍ଷରୁ ସୋର ସବ୍ ?-ଜେଲ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜେଲ ସୁପରିଟେଣ୍ଡେଂଟ କାଳିନ୍ଦୀ ଚରଣ ନାୟକ ଓ ସଙ୍ଗଠନର ସଭାପତି ଅକ୍ଷୟ କୁମାର କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସାଧାରଣ ସଭାରେ ବକ୍ତାମାନେ ଅପରାଧ ପ୍ରବଣତାର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ । ଏହି ପଦ୍ମଲୋଚନ ଦ୍ୱିବେଦୀ, ଉଦ୍ଧବ ଚରଣ ବିଶ୍ୱାଳ ଏବଂ ହରିହର ଦାସ, ମିହିର ପାଣି ପ୍ରମୁଖ ଯୋଗଦେଇ କହିଥିଲେ - ସାମାଜିକ ବିଶୃଙ୍ଖଳା, ବିକୃତ ମାନସିକତା, ପିତାମାତାଙ୍କ ପ୍ରତି ବିଦ୍ୱେଷ ଭାବ, ପରିବାର ପ୍ରତି ଦାୟିତ୍ୱହୀନତା ଓ କର୍ମବିମୁଖତା ହିଁ ଅପରାଧର ମୁଖ୍ୟ କାରଣ । ଏହା ରାଷ୍ଟ୍ର ଗଠନରେ ବଡ଼ ବାଧକ ସାଜିଛି । ମଣିଷ ଜନ୍ମରୁ ଅପରାଧୀ ନୁହେଁ, ପରିସ୍ଥିତି ତାକୁ ଅପରାଧ କରିବାକୁ ବାଧ କରେ । ତେଣୁ ଅସାମାଜିକ କାର୍ଯ୍ୟରୁ ଦୂରେଇ ରହି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ସେମାନେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ସଙ୍ଗଠନ ପକ୍ଷରୁ ଜେଲ ଅନ୍ତେବାସୀମାନଙ୍କୁ ମୃଦଙ୍ଗ, ଝାଞ୍ଜ, କରତାଳ ଏବଂ ଶ୍ରୀମଦ ଭାଗବତ ବହି ପ୍ରଦାନ କରାଯାଇଥିଲା ଏବଂ ପ୍ରତି ସନ୍ଧ୍ୟାରେ ଭାଗବତ ପାଠ କରିବାକୁ ଅନୁରୋଧ କରାଯାଇଥିଲା ।

# ଅବକାରୀ ଚଢ଼ାଉ, ୧୫୦୦ ଲିଟର ଦେଶୀ ମଦ ଜବତ

ସୋର : (ସ୍ୱପ୍ର) ବାଲେଶ୍ୱର ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ସୋର ଅବକାରୀ ଥାନାର ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଛି । ସୋର ଥାନା ଅନ୍ତର୍ଗତ ଗୋପୀନାଥପୁର ପଂଚାୟତର ବାଘଆମ୍ବୁଡ଼ା ଅଂଚଳରେ ଦୁଇଟି ପୃଥକ ସ୍ଥାନରେ ଚାଲିଥିବା ଦେଶୀ ମଦ ରନ୍ଧା ଭାଟି ଉପରେ ଏହି ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉ ସମୟରେ ଅବକାରୀ ବିଭାଗ ପକ୍ଷରୁ ୧୫୦୦ ଲିଟର ଦେଶୀ ମଦ ଓ ୨୬୦୦ କିଲୋଗ୍ରାମ ପୋଚ ଜବତ କରାଯାଇଛି । ଏଥିସହ ଗୋଟିଏ ହିରୋ ହୋଣ୍ଡା ସ୍ପ୍ଲେଣ୍ଡର ପ୍ଲସ୍ ମୋଟରସାଇକେଲ୍ (ଗାଡ଼ି ନମ୍ବର-ଓଡି-୦୧-ଆ-୬୫୦୦) ଏବଂ ଗୋଟିଏ ହୋଣ୍ଡା ଆକ୍ଟିଭା ସ୍କୁଟି (ଗାଡ଼ି ନମ୍ବର- ଓଡି-୦୧-ଏବି-୯୮୨୭) ମଧ୍ୟ ଜବତ କରାଯାଇଛି । ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଦୂରରୁ ଦେଖି ଘଟଣାସ୍ଥଳରେ ଥିବା ଅଭିଯୁକ୍ତ ମାନେ ଖସି ପଳାଇଥିବା ଜଣାପଡ଼ିଛି । ଏହି ଘଟଣାରେ ଦୁଇଟି ପୃଥକ ଅଭିଯୁକ୍ତବିହୀନ ମାମଲା ରୁଜୁ କରାଯାଇଥିବା ନେଇ ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ଐତିହାସିକ ସାଲେଭଟା ମା' ପାଟଣେଶ୍ୱରୀଙ୍କ ବଏଲ ଯାତ୍ରା

ବଲାଙ୍ଗିର : (ହି.ସ.) ବଲାଙ୍ଗିର ଆଗଲପୁର ବ୍ଲକ ଅନ୍ତର୍ଗତ ସାଲେଭଟା ଗ୍ରାମରେ ପୂର୍ବ ପାଟଣା ଶାସନ ସମୟରେ ୧୫୦୦ ଖ୍ରୀଷ୍ଟାବ୍ଦ ରେ ରାଜା ବଳରାମ ଦେଓ ମାଁ ପାଟଣେଶ୍ୱରୀ, ମାଁ ସମଲେଶ୍ୱରୀ ପୂଜାଅର୍ଚ୍ଚନା କରି ସ୍ଥାପନ କରିଥିଲେ । ମାଁ ପଟଣେଶ୍ୱରୀ ପାଟଣାମୁହାଁ ତଥା ବଲାଙ୍ଗିର ମୁହାଁ ହୋଇଥିବା ବେଳେ ମାଁ ସମଲେଶ୍ୱରୀ ହୁମା ସମ୍ବଲପୁର ମୁହାଁ ହୋଇଛନ୍ତି । ୨୬ଗଡ ମଧ୍ୟରୁ ମୁଖ୍ୟତଃ ବେଶ ପରିଚୟ ଥିଲା ଏହି ଗଡ । ସାଲେଭଟାରେ ମନ୍ତ୍ର, ତନ୍ତ୍ର, ସାଧନାର ପୀଠ । ଏହି ଗମ୍ଭିରାରେ ଦୁଇ ଭଉଣୀ ପୂଜା ପାଉଥିବା ବେଳେ ପ୍ରତ୍ୟେକ ଦଶହରା, ଚୈତ୍ର ପର୍ବରେ ବେଶ ଧୁମଧାମରେ ପାରଂପାରିକ ରୀତିନୀତିରେ ପୂଜା ଆୟୋଜିତ ହୁଏ । ଗତ ୧୦.୧୦.୨୦୨୬ ଶନିବାର ଦିନ ଠାରୁ ନବରାତ୍ର ଆୟୋଜିତ ହୋଇଥିବା ବେଳେ ୨୦ ତାରିଖ ମଙ୍ଗଳବାର ଦିନ ସମ୍ପନ୍ନ ହୋଇଥିଲା । ଗତ ରବିବାର ଦିନ ମାଁ ପାଟଣେଶ୍ୱରୀଙ୍କ ବଏଲ ଯାତ୍ରା ଆୟୋଜିତ ହୋଇଥିଲା । ସକାଳୁ ମୁଖ୍ୟ ପୂଜକଙ୍କ ଘରୁ ଛତର ବାହାରି ପଟଆର ସହ ଗାଁ ପରିକ୍ରମା କରାଯାଇଥିଲା । ହୋମ ଯଜ୍ଞ ଚଣ୍ଡିପାଠ କରି ମନ୍ତ୍ର ସାଧନାରେ ଦେବିଙ୍କୁ ଆବାହନ କରାଯାଇ ଥିଲା । ମାଁ ପାଟଣେଶ୍ୱରୀଙ୍କ ବଏଲ ଯାତ୍ରା ମନ୍ଦିରରୁ ବାହାରି ଭକ୍ତମାନଙ୍କ ଦର୍ଶନ ଦେଇଥିଲେ । ଗ୍ରାମର ବିଭିନ୍ନ ଜାଗାରେ ମାନସିକଧାରୀମାନେ ମାଁ ଙ୍କୁ ପୂଜାର୍ଚ୍ଚନା କରିଥିଲେ ତଥା ଆଖ ପାଖ ଗ୍ରାମରୁ ଭକ୍ତଙ୍କ ସୁଅ ଛୁଟିଥିଲା । ଘଂଟ ଶଙ୍ଖ ପଂଚ ବାଦ୍ୟ ଦୁଲୁଦୁଲି, ବଜାର ନିଶାନ ତାଳେ ତାଳେ ମାଁ ଙ୍କ ବଏଲ ଯାତ୍ର ସମ୍ପୂର୍ଣ୍ଣ ହୋଇ ଥିଲେ । ଏଥିରେ ପାଟଣେଶ୍ୱରୀ ମନ୍ଦିର କମିଟି ସମେତ ଗ୍ରାମର ଗତ ଦୁଇ ଦିନ ଧରି ଶୋଭାଯାତ୍ରାକୁ ଆକର୍ଷିତ ହୋଇଥିଲା ।

# ପତିତପାବନ ଆଶ୍ରମର ଭବ୍ୟ ଭୂମି ପୂଜନ ତଥା ଶିଳାନ୍ୟାସ ସମ୍ପନ୍ନ

ଭୁବନେଶ୍ୱର : ଗଜପତି ଜିଲ୍ଲାର ଅନ୍ତର୍ଗତ ଧନୁପୋଡ଼ା ଗ୍ରାମରେ ଥିବା ପତିତପାବନ ଆଶ୍ରମର ନୂତନ ଗୃହ ନିର୍ମାଣ ନିମନ୍ତେ ଆଜି ଏକ ଭବ୍ୟ ଭୂମି ପୂଜନ ତଥା ଶିଳାନ୍ୟାସ କାର୍ଯ୍ୟକ୍ରମ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଯାଇଛି । ସମାଜର କଲ୍ୟାଣ ତଥା ସେବା କାର୍ଯ୍ୟକୁ ଆଗେଇ ନେବା ଉଦ୍ଦେଶ୍ୟରେ ବିଶ୍ୱ ହିନ୍ଦୁ ପରିଷଦର ପ୍ରମୁଖ କାର୍ଯ୍ୟକର୍ତ୍ତା, ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି ଏବଂ ସ୍ଥାନୀୟ ଶତାଧିକ ଗ୍ରାମବାସୀ ଏକତ୍ରିତ ହୋଇ ଏହି ପବିତ୍ର ଉତ୍ସବକୁ ସାଫଲ୍ୟମଣ୍ଡିତ କରିଥିଲେ । ଆଜି ସକାଳେ ଆଶ୍ରମର ଅନ୍ତେବାସୀ ଏବଂ ଗ୍ରାମବାସୀମାନେ ଶ୍ରୀ ତରଣୀସେନ ଦାଶଙ୍କ ନେତୃତ୍ୱରେ ବିଶ୍ୱ ହିନ୍ଦୁ ପରିଷଦର କ୍ଷେତ୍ର ଓ ପ୍ରାନ୍ତ ସ୍ତରୀୟ ପ୍ରମୁଖମାନଙ୍କୁ ପାରମ୍ପରିକ ହିନ୍ଦୁ ରୀତିନୀତିରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପୂଜା ପୂର୍ବରୁ ଆୟୋଜିତ ସାମୂହିକ ଭଜନ-କୀର୍ତ୍ତନ ଏବଂ ହନୁମାନ ଚାଳିଶା ପାଠ ସମଗ୍ର ପରିବେଶକୁ ଭକ୍ତିମୟ କରି ଗଢ଼ିତୋଳିଥିଲା । ଏହାପରେ ବୈଦିକ ମନ୍ତ୍ରୋଚ୍ଚାରଣ ସହ ଯଥାବିଧି ଆଶ୍ରମର ନୂତନ ଗୃହ ପାଇଁ ଶିଳାନ୍ୟାସ କରାଯାଇଥିଲା । ଏହି ଶୁଭ ମୁହୂର୍ତ୍ତରେ ଅତିଥି ଏବଂ ସ୍ଥାନୀୟ ବାସିନ୍ଦାମାନେ ଅତ୍ୟନ୍ତ ନିଷ୍ଠାର ସହ ଭୂମି ପୂଜାରେ ସାମିଲ ହୋଇ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି ସମାରୋହରେ ବିଶ୍ୱ ହିନ୍ଦୁ ପରିଷଦ କ୍ଷେତ୍ର ସେବା ସହ ପ୍ରମୁଖ ଶ୍ରୀ ହରିଶ୍ଚନ୍ଦ୍ର ପ୍ରଧାନ, ସମର୍ପଣ ଚାରିଟେବୁଲ୍ ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଲକ୍ଷ୍ମୀ ନାରାୟଣ ରଥ, ପ୍ରାନ୍ତ ସେବା ସହ ପ୍ରମୁଖ ଶ୍ରୀ ନଗେନ୍ଦ୍ର ମହାରଣା ଏବଂ ବରିଷ୍ଠ ଆଇନଜୀବୀ ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସେବା କାର୍ଯ୍ୟର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଏଥିସହ ରାଜ୍ୟରେ ଯୁବ ଓ ମହିଳା ସଶକ୍ତିକରଣ କ୍ଷେତ୍ରରେ କାର୍ଯ୍ୟରତ ଅଗ୍ରଣୀ ନ୍ୟାସନାଲ୍ ୟୁଥ୍ ଫର୍ ସୋସିଆଲ୍ ଜଷ୍ଟିସ୍ ଟ୍ରଷ୍ଟର 'ସକ୍ଷମ ଓଡ଼ିଶା' ମିଶନର ପ୍ରତିଷ୍ଠାତା ତଥା ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ସଂସ୍କାରଶାଳା ପ୍ରମୁଖ ସରୋଜ କାନ୍ତ ବେହେରା ଉପସ୍ଥିତ ରହି ଏହି ସେବା ପ୍ରକଳ୍ପରେ ନିଜର ସହଯୋଗ ପ୍ରଦାନ କରିଥିଲେ । ଭୂମି ପୂଜନ ଅବସରରେ କ୍ଷେତ୍ର ଓ ପ୍ରାନ୍ତର ବରିଷ୍ଠ ଅଧିକାରୀ ତଥା ନବଗଠିତ ସମିତିର ସଦସ୍ୟମାନଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଶ୍ୱ ହିନ୍ଦୁ ପରିଷଦ ସେବା ବିଭାଗ ଆନୁକୂଲ୍ୟରେ ଏବଂ ସ୍ଥାନୀୟ ଜନସାଧାରଣଙ୍କ ପ୍ରତ୍ୟକ୍ଷ ସହଭାଗିତାରେ ଅଂଚଳବାସୀଙ୍କ ହିତ ପାଇଁ ବ୍ୟାପକ ସେବାମୂଳକ ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତି ନିଆଯାଇଥିଲା । ବିଶେଷ କରି ସ୍ୱାସ୍ଥ୍ୟ ସେବା ଯୋଗାଣ, ଗୁଣାତ୍ମକ ଶିକ୍ଷାର ପ୍ରସାର, ପାରମ୍ପରିକ ଜୈବିକ କୃଷିର ବିକାଶ, ପୁଷ୍ଟିକର ଆହାର ବ୍ୟବସ୍ଥା, ହିନ୍ଦୁ ସଂସ୍କାର ଜାଗରଣ ତଥା ଯୁବପିଢ଼ି ଓ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସ୍ୱାବଲମ୍ବନ ଅଭିଯାନର ସମ୍ପ୍ରସାରଣ ଉପରେ ବିସ୍ତୃତ ଆଲୋଚନା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା । ଗଜପତି ଜିଲ୍ଲାର ଏହି ଦୁର୍ଗମ ଅଂଚଳରେ ଆଶ୍ରମର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ତଥା ଆଗାମୀ ତିନି ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟରେ ଉପସ୍ଥିତ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହମତିରେ ଏକ ନୂତନ ପରିଚାଳନା ସମିତି ଗଠନ କରାଯାଇଛି । ଭୂମି ପୂଜନ ପରେ ଉପସ୍ଥିତ ସମସ୍ତ ଅତିଥି ତଥା ଗ୍ରାମବାସୀଙ୍କ ପାଇଁ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ପରିଶେଷରେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁ ପ୍ରଭୁଙ୍କ ନିକଟରେ ସମର୍ପିତ ଭାବେ ପ୍ରାର୍ଥନା କରିବା ସହ ସମୂହ ହରିବୋଲ ଓ ହୁଳହୁଳି ଧ୍ୱନିରେ କାର୍ଯ୍ୟକ୍ରମକୁ ଉଦଯାପିତ କରିଥିଲେ ।

# ବିଜୟା ଦଶମୀରେ ବଙ୍ଗୀୟ ସମ୍ପ୍ରଦାୟ ପକ୍ଷରୁ ସିନ୍ଦୂର ଖେଳ

ମାଲକାନଗିରି : (ହି.ସ.) ବିଜୟା ଦଶମୀରେ ବିଦାୟ ନେବେ ମା' ଦୁର୍ଗା । ମା'ଙ୍କ ବିଦାୟରେ ଭକ୍ତଙ୍କ ମନରେ ଯେତିକି ଭାବବିହ୍ୱଳତା, ସେତିକି ରହିଛି ଆସନ୍ତା ବର୍ଷ ପୁଣି ମା'ଙ୍କ ଆଗମନକୁ ଅପେକ୍ଷା । ଦଶହରାର ଏହି ପବିତ୍ର ଅବସରରେ ବିଭିନ୍ନ ପୂଜା ମଣ୍ଡପରେ ଚାଲିଛି ମା'ଙ୍କ ଦର୍ଶନ ଓ ବିଦାୟ ପର୍ବ । ବିଶେଷକରି ବଙ୍ଗୀୟ ରୀତିନୀତିରେ ପୂଜା ହେଉଥିବା ମଣ୍ଡପଗୁଡ଼ିକରେ ପାଳନ କରାଯାଉଛି ପାରମ୍ପରିକ ସିନ୍ଦୂର ଖେଳ ମାଲକାନଗିରି ଡି ଏନ କେ ଖେଳ ପଡିଆ ଦୁର୍ଗାପୂଜା ମଣ୍ଡପରେ ମଧ ଧୁମ୍ଧାମରେ ସିନ୍ଦୂର ଖେଳ ଅନୁଷ୍ଠିତ ହୋଇଛି । ବଙ୍ଗୀୟ ପରମ୍ପରା ଅନୁଯାୟୀ, ସଧବା ମହିଳାମାନେ ମା' ଦୁର୍ଗାଙ୍କୁ ସିନ୍ଦୂର ଅର୍ପଣ କରିବା ସହ ପରସ୍ପରକୁ ସିନ୍ଦୂର ଲଗାଇ ଏହି ପରମ୍ପରା ପାଳନ କରିଛନ୍ତି । ମା'ଙ୍କୁ ବିଦାୟ ଦେବା ପୂର୍ବରୁ ମହିଳାମାନେ ମା'ଙ୍କ ମଥାରେ ସିନ୍ଦୂର ଲଗାଇ ଆଶୀର୍ବାଦ କାମନା କରିଛନ୍ତି । ବଙ୍ଗୀୟ ପରମ୍ପରାରେ ସିନ୍ଦୂର ଖେଳର ଏକ ସ୍ୱତନ୍ତ୍ର ମହତ୍ୱ ରହିଛି । ବିଜୟା ଦଶମୀ ଦିନ ମା'ଙ୍କୁ ସିନ୍ଦୂର ଅର୍ପଣ କରିବା ପରେ ମହିଳାମାନେ ପରସ୍ପରକୁ ସିନ୍ଦୂର ଲଗାଇ ସୁଖ, ସମୃଦ୍ଧି ଓ ମଙ୍ଗଳ କାମନା କରିଥାନ୍ତି । ଏହି ପରମ୍ପରା ମହିଳାଙ୍କ ମଧ୍ୟରେ ସ୍ନେହ, ସୌହାର୍ଦ୍ଦ୍ୟ ଓ ଏକତାର ବାର୍ତ୍ତା ଦେଇଥାଏ । ସେକ୍ ବଜାର ମଣ୍ଡପରେ ମଧ ଏହି ପରମ୍ପରାକୁ ନେଇ ଉତ୍ସାହ ଦେଖିବାକୁ ମିଳିଛି । ମା'ଙ୍କ ବିଦାୟର ମୁହୂର୍ତ୍ତରେ ମହିଳାମାନେ ଭାବବିହ୍ୱଳ ହୋଇପଡ଼ିଥିବା ବେଳେ ଢୋଲ, ବାଜା ଓ ଭକ୍ତିମୟ ପରିବେଶ ମଧ୍ୟରେ ମା'ଙ୍କୁ ମେଲାଣି ଦେବାର ପ୍ରସ୍ତୁତି ଚାଲିଛି । ଦୀର୍ଘଦିନର ପୂଜା, ଆରାଧନା ଓ ଉତ୍ସବ ପରେ ଆଜି ମା'ଙ୍କ ବିଦାୟର ସମୟ । ମଣ୍ଡପରେ ମା'ଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଜମୁଥିବା ବେଳେ ଚାରିଆଡ଼େ ଶୁଭୁଛି ଜୟ ମା' ଦୁର୍ଗାଙ୍କ ଧ୍ୱନି । ମା'ଙ୍କୁ ବିଦାୟ ଦେବା ସମୟରେ ସମସ୍ତଙ୍କ ମନରେ ଗୋଟିଏ ଭାବନା-ଆସନ୍ତା ବର୍ଷ ପୁଣି ଧରାପୃଷ୍ଠକୁ ଆସିବେ ମା' ଏବଂ ଭକ୍ତଙ୍କୁ ଦର୍ଶନ ଦେବେ ।

# ଏସୀୟ ପାରା ଗେମ୍ସରେ ବ୍ରୋଞ୍ଜ ପଦକ ବିଜୟୀଙ୍କୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ଦିଲ୍ଲୀ ଦ୍ୱାରା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ପ୍ରମୋଦ ଭଗତ ଏବଂ ମନୀଷା ରାମଦାସଙ୍କୁ ସେମାନଙ୍କର ପ୍ରଶଂସନୀୟ ପ୍ରୟାସ ଏବଂ ଏସୀୟ ପାରା ଗେମ୍ସ ୨୦୨୬ ରେ ମିଶ୍ରିତ ଡବଲ୍ସ ଏଖ୩-ଏଟ୫ ପାରା ବ୍ୟାଡମିଂଟନ ଇଭେ[ରେ ବ୍ରୋଞ୍ଜ ପଦକ ହାସଲ କରିବା ପାଇଁ ଅଭିନନ୍ଦନ ଜଣାଇଛନ୍ତି ।ଶ୍ରୀ ମୋଦୀ କହିଛନ୍ତି ଯେ ସମଗ୍ର ଟୁର୍ଣ୍ଣାମେଂଟରେ ସେମାନଙ୍କର ଦଳଗତ କାର୍ଯ୍ୟ, ଦୃଢ଼ ସଂକଳ୍ପ ଏବଂ ପ୍ରତିଯୋଗିତାମୂଳକ ମନୋଭାବ ସ୍ପଷ୍ଟ ହୋଇଛି, ଏବଂ ପ୍ରତିଭାବାନ ଯୋଡ଼ିଙ୍କ ପ୍ରଦର୍ଶନକୁ ପ୍ରଶଂସା କରି ସେମାନଙ୍କ ଭବିଷ୍ୟତ ପ୍ରୟାସ ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।ଢ ଉପରେ ଏକ ପୋଷ୍ଟରେ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସେୟାର କରିଛି :'ପ୍ରମୋଦ ଭଗତ ଏବଂ ମନୀଷା ରାମଦାସଙ୍କ ଦ୍ୱାରା ଏକ ପ୍ରଶଂସନୀୟ ପ୍ରୟାସ !ଏହି ପ୍ରତିଭାଶାଳୀ ଯୋଡ଼ି ଏସୀୟ ପାରା ଗେମ୍ସ ୨୦୨୬ ରେ ମିଶ୍ରିତ ଡବଲ୍ସ ଏଖ୩-ଏଟ୫ ପାରା ବ୍ୟାଡମଂଟନ ଇଭେଂଟରେ କାଂସ୍ୟ ପଦକ ହାସଲ କରିଛନ୍ତି । ସମଗ୍ର



ଟୁର୍ଣ୍ଣାମେଂଟରେ ସେମାନଙ୍କର ଦଳଗତ କାର୍ଯ୍ୟ, ଦୃଢ଼ ନିଷ୍ପତି ଏବଂ ପ୍ରତିଯୋଗିତାମୂଳକ ମନୋଭାବ ସ୍ପଷ୍ଟ ହୋଇଛି ।

# ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଯାଉଛି ଲଘୁଚାପ, ନେଇ ପାରେ ବାତ୍ୟାର ରୂପ !

ଭୁବନେଶ୍ୱର: ଆସୁଛି ବାତ୍ୟା ! ୨୫ ପରେ ହେବ ସ୍ପଷ୍ଟ । ବର୍ତମାନ ୨୪ ଘଂଟା ମଧ ରେ ଦକ୍ଷିଣ ପୂର୍ବ ଓ ସଂଲଗ୍ନ ପୂର୍ବ କେନ୍ଦ୍ର ବଙ୍ଗୋପସାଗର ରେ ସୃଷ୍ଟି ହେବା କୁ ଯାଉଛି ଲଘୁଚାପ । ଏହା ଅଧିକ ଘନୀଭୂତ ହେବ ବୋଲି କହିଛନ୍ତି ପାଣିପାଗ ବିଶେଷଜ୍ଞ । ଏମିତିକି ଏହା ଭୟାବହ ବାତ୍ୟା ର ରୂପ ମଧ ନେଇ ପାରେ । ଏଥିପାଇଁ ପାଗ ଅନୁକୂଳ ଥିବା ମଧ ବିଶେଷଜ୍ଞ ଙ୍କ ମତ ରହିଛି । ଏହା ପଭ୍ରେ ରାଜ୍ୟରେ ୨୬ ରୁ ହେବ ପ୍ରବଳ ବର୍ଷା ।ଅକ୍ଟୋବର ୨୮ ରୁ ୨୯ ବେଳକୁ ବାତ୍ୟା ସ୍ଥଳଭାଗକୁ ଛୁଇଁ ପାରେ । କିନ୍ତୁ ଏ ସବୁ ବର୍ତମାନ ସୁଦ୍ଧା ସ୍ପଷ୍ଟ ହୋଇ ନାହିଁ । ଆହୁରି ୪୮ ରୁ ୭୨ ଘଂଟା ବା ୨୫ ତାରିଖ ବେଳକୁ ଚିତ୍ର ସ୍ପଷ୍ଟ ହେବ ବୋଲି କହିଛନ୍ତି ସୋଆ ସିଇସି ମୁଖ୍ୟ ଶରତ ଚନ୍ଦ୍ର ସାହୁ । ୨୩ ତାରିଖ ବେଳକୁ ଦକ୍ଷିଣ ପୂର୍ବ ଓ ପୂର୍ବ କେନ୍ଦ୍ର ବଙ୍ଗୋପସାଗରରେ ଏହା ପ୍ରଥମେ ଲଘୁଚାପର ରୂପ ନେବ । ଏହା ପରେ ଅଧିକ ଘନୀଭୂତ ହୋଇ ୨୪ ବେଳକୁ ସଦୃଶ୍ୟ ଲଘୁଚାପ ଓ ୨୫ ବେଳକୁ ଅ୍ୱପାତ ରେ ପରିଣତ ହେବାକୁ ନେଇ ପୂର୍ବାନୁମାନ ହୋଇଛି । ତେଣୁ ଅ୍ୱପାତ ରୂପ ନେବା ପରେ ବାତ୍ୟାକୁ ନେଇ ସଠିକ ଚିତ୍ର ସାମନାକୁ ଆସିବ ବୋଲି ସେ କହିଛନ୍ତି । ଏହା ବାତ୍ୟାର ରୂପ ନେବା ପରେ ଅଧିକ ଶକ୍ତିଶାଳୀ ହେବାକୁ ନେଇ ମଧ ପୂର୍ବାନୁମାନ କରାଯାଇଛି



।ଅ୍ୱପାତ ରୂପ ନେବା ପରେ ଏହାର ଗତିପଥ ମଧ ଜଣାପଡିବ । ବର୍ତମାନ ଲଘୁଚାପ ହେବା ପରେ ଏହା ପର୍ଣ୍ଣିମ ଉତର ପର୍ଣ୍ଣିମ ଦିଗକୁ ଗତି କରିବାକୁ ନେଇ ପୂର୍ବାନୁମାନ ହୋଇଛି । ଆନ୍ଧ୍ର ଓ ଓଡିଶା ଉପକୂଳ ମଧରେ ଅତିକ୍ରମକୁ ନେଇ ମଧ କିଛି ମଡେଲ ପୂର୍ବାନୁମାନ କରିଛି ।



# ପୋଲାଣ୍ଡ ଗଣରାଜ୍ୟର ପ୍ରଧାନମନ୍ତ୍ରୀଙ୍କ ସହ ମିଳିତ ବିବୃତି ପ୍ରଦାନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ପୋଲାଣ୍ଡ ଗଣରାଜ୍ୟର ପ୍ରଧାନମନ୍ତ୍ରୀ ମହାମହିମ ଶ୍ରୀ ଡୋନାଲ୍ଡ ଟସ୍କ ୨୧ରୁ ୨୩ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଭାରତକୁ ଏକ ସରକାରୀ ଗସ୍ତରେ ଆସିଛନ୍ତି । ଏହି ଗସ୍ତରେ ଶ୍ରୀ ଟସ୍କଙ୍କ ସହ ପ୍ରାୟ ୧୦୦ ଜଣ ପ୍ରମୁଖ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଓ ଶିଳ୍ପ ପ୍ରତିନିଧିଙ୍କ ସମେତ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ମଧ ଅଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଏବଂ ପ୍ରଧାନମନ୍ତ୍ରୀ ଟସ୍କ ପାରସ୍ପରିକ ସ୍ୱାର୍ଥର ଦ୍ୱିପାକ୍ଷିକ, ଆଂଚଳିକ ଏବଂ ବିଶ୍ୱ ପ୍ରସଙ୍ଗ ଉପରେ ବ୍ୟାପକ ଆଲୋଚନା କରିଥିଲେ ।



ଉଭୟ ଦେଶର ପ୍ରଧାନମନ୍ତ୍ରୀ ଅଗଷ୍ଟ ୨୦୨୪ ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କର ପୋଲାଣ୍ଡକୁ ଐତିହାସିକ ଗସ୍ତକୁ ମନେ ପକାଇଥିଲେ । ସେହି ସମୟରେ ଦୁଇ ଦେଶ ମଧରେ ସମ୍ପର୍କ ଏକ ରଣନୈତିକ ସହଭାଗୀତାକୁ ଉନ୍ନୀତ ହୋଇଥିଲା ଏବଂ ୨୦୨୪ - ୨୦୨୮ ପାଇଁ ଭାରତ-ପୋଲାଣ୍ଡ କାର୍ଯ୍ୟ ଯୋଜନା ଗୃହୀତ ହୋଇଥିଲା ବୋଲି ଉଭୟ ଉଲ୍ଲେଖ କରିଥିଲେ । ସେମାନେ ସେପ୍ଟେମ୍ବର ୨୦୨୬ ରେ ୱାର୍ସାରେ ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର ଏବଂ ପୋଲାଣ୍ଡର ଉପପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀ ରାଡୋସ୍ଲା ସିକୋରସ୍କିଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟ ଯୋଜନାର ମଧ୍ୟବର୍ତୀକାଳୀନ ସମୀକ୍ଷାକୁ ସମର୍ଥନ କରିଥିଲେ । ବର୍ତମାନର ଗସ୍ତ ରଣନୈତିକ ସହଭାଗୀତାକୁ ନୂତନ ଗତି ଦେଇଛି ବୋଲି ଦୁଇ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ଏହି ସହଭାଗୀତାକୁ ଠୋସ୍, ସମୟୋଚିତ ଏବଂ ପାରସ୍ପରିକ ଲାଭଦାୟକ ଫଳାଫଳରେ ପରିଣତ କରିବା ପାଇଁ ସେମାନଙ୍କର ଦୃଢ଼ ସଂକଳ୍ପକୁ ଦୋହରାଇଥିଲେ ।ନେତାମାନେ ଉଚ୍ଚସ୍ତରୀୟ ରାଜନୈତିକ ଆଦାନପ୍ରଦାନ ଏବଂ ସାଂଗଠନିକ ଆଲୋଚନାକୁ ତୀବ୍ର କରିବାକୁ ସହମତ ହୋଇଥିଲେ । ସେମାନଙ୍କର ସଂସଦ, ରାଜ୍ୟ ଏବଂ ଆଂ*ଳିକ କର୍ତୃପକ୍ଷ, ଥିଙ୍କ ଟ୍ୟାଙ୍କ ଏବଂ ନୀତି ପ୍ରତିଷ୍ଠାନ ମଧରେ ଘନିଷ୍ଠ ସମ୍ପର୍କକୁ ଉତ୍ସାହିତ କରିଥିଲେ ।ଉଭୟ ପ୍ରଧାନମନ୍ତ୍ରୀ ୨୭ ଜାନୁଆରୀ ୨୦୨୬ ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଐତିହାସିକ ଭାରତ - ୟୁରୋପୀୟ ସଂଘ ଶିଖର ସମ୍ମିଳନୀ ଉପରେ ଆଲୋକପାତ କରିଥିଲେ । ଏଥିରେ '୨୦୩୦ ଅଭିମୁଖେ : ଏକ ମିଳିତ ଭାରତ - ୟୁରୋପୀୟ ସଂଘ ବ୍ୟାପକ ରଣନୈତିକ କାର୍ଯ୍ୟସୂଚୀ' ରେ ଉଲ୍ଲେଖ କରାଯାଇଥିବା ୟୁରୋପୀୟ ସଂଘ - ଭାରତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫଟିଏ) ଏବଂ ଗତିଶୀଳତା ଉପରେ ସହଯୋଗ ପାଇଁ ବ୍ୟାପକ ଢାଂଚାର ଗୁରୁତ୍ୱ ଉପରେ ଉଲ୍ଲେଖ କରିଥିଲେ । ଏଫଟିଏ ଉପରେ, ସେମାନେ ନୂତନ ବାଣିଜ୍ୟ ଏବଂ ନିବେଶ ସୁଯୋଗକୁ ଉନ୍ମୋଚନ କରିବା, ଅତ୍ୟାବଶ୍ୟକ ମୂଲ୍ୟ ଶୃଙ୍ଖଳକୁ ବିବିଧ ଏବଂ ସୁଦୃଢ଼ କରିବା ଏବଂ ନୂତନ ବଜାର ଖୋଲିବା ପାଇଁ ଏହାର ଶୀଘ୍ର ସ୍ୱାକ୍ଷର ଏବଂ ଅନୁମୋଦନ, ଏବଂ ଏହାର ସମୟୋଚିତ କାର୍ଯ୍ୟାନ୍ୱୟନ ପାଇଁ ଆହ୍ୱାନ କରିଥିଲେ ।ବାଣିଜ୍ୟ, ଆର୍ଥିକ ସହଯୋଗ ଏବଂ ନିବେଶଭାରତର ପ୍ରଧାନମନ୍ତ୍ରୀ ପୋଲାଣ୍ଡକୁ ୧ ଟ୍ରିଲିୟନ ଆମେରିକୀୟ ଡଲାର ଜିଡିପି ସୀମା ଅତିକ୍ରମ କରିବା ପାଇଁ ଅଭିନନ୍ଦନ ଜଣାଇଥିଲେ ଏବଂ ପୋଲାଣ୍ଡ ଅର୍ଥନୀତିର ଶକ୍ତି ଏବଂ ଗତି ସମ୍ପର୍କରେ ଉଲ୍ଲେଖ କରିଥିଲେ । ପୋଲାଣ୍ଡ ଭାରତର ଦ୍ରୁତତମ ଅଭିବୃଦ୍ଧିଶୀଳ ବୃହତ ଅର୍ଥନୀତି ରେକର୍ଡ ଏବଂ ଆଗାମୀ ବର୍ଷଗୁଡ଼ିକରେ ୧୦ ଟ୍ରିଲିୟନ ଆମେରିକୀୟ ଡଲାରର ଅର୍ଥନୀତି ହେବା ପାଇଁ ଏହାର ପ୍ରଭାବଶାଳୀ ପଥକୁ ପ୍ରଶଂସା କରିଛି । ନେତାମାନେ ଦୁଇ ଅର୍ଥନୀତିର ପରିପୂରକ ଶକ୍ତି ଏବଂ ଭାରତ ଏବଂ ପୋଲାଣ୍ଡର ଅଭିବୃଦ୍ଧି ପଥରୁ ସୃଷ୍ଟି ହେଉଥିବା ସୁଯୋଗକୁ ସ୍ୱୀକାର କରିଥିଲେ ।ନେତାମାନେ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ସ୍ଥିର କରିଥିଲେ । ଭାରତର ପ୍ରଧାନମନ୍ତ୍ରୀ ପୋଲାଣ୍ଡ କମ୍ପାନୀଗୁଡ଼ିକୁ ଭାରତରେ ସେମାନଙ୍କର ନିବେଶ ଏବଂ କାର୍ଯ୍ୟକୁ ବିସ୍ତାର କରିବାକୁ ଏବଂ ଭାରତର ବୃହତ ବଜାର, ଦକ୍ଷ କାର୍ଯ୍ୟବଳ ଏବଂ ବୃଦ୍ଧି ପାଉଥିବା ଉତ୍ପାଦନ ଏବଂ ନବସୃଜନ ଇକୋସିଷ୍ଟମରୁ ଲାଭ ଉଠାଇବାକୁ ଆମନ୍ତ୍ରଣ କରିଥିଲେ । ପ୍ରଧାନମନ୍ତ୍ରୀ ଟସ୍କ ପୋଲାଣ୍ଡରେ ଭାରତୀୟ ନିବେଶକୁ ପ୍ରଶଂସା କରିଥିଲେ । କେନ୍ଦ୍ରୀୟ ଏବଂ ପୂର୍ବ ୟୁରୋପ ଏବଂ ବୃହତ ୟୁରୋପୀୟ ବଜାରରେ ନିଜର ଉପସ୍ଥିତି ବିସ୍ତାର କରିବାକୁ ଚାହୁଁଥିବା ଭାରତୀୟ ବ୍ୟବସାୟ ପାଇଁ ଏକ ପ୍ରବେଶପଥ ଭାବରେ ପୋଲାଣ୍ଡର ଶକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ ।ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ସହଯୋଗ ବୃଦ୍ଧି କରିବା ଲକ୍ଷ୍ୟରେ ଦ୍ୱିପାକ୍ଷିକ କାର୍ଯ୍ୟଗୋଷ୍ଠୀର କାର୍ଯ୍ୟକଳାପ ପୁନଃଆରମ୍ଭ କରି କୃଷି କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାକୁ ନେତାମାନେ ସହମତ ହୋଇଥିଲେ । ଗସ୍ତ ସମୟରେ ଅନୁଷ୍ଠିତ ଭାରତ - ପୋଲାଣ୍ଡ ବ୍ୟବସାୟ ଫୋରମ୍, ଯେଉଁଥିରେ ଉଭୟ ଦେଶର ପ୍ରମୁଖ ସିଇଓ ଏବଂ ଶିଳ୍ପ ପ୍ରତିନିଧିମାନେ ସାମିଲ ହୋଇଥିଲେ ତାହାକୁ ନେତାମାନେ ସ୍ୱାଗତ କରିଥିଲେ । ସେମାନେ ଶିଳ୍ପ ଯନ୍ତ୍ରପାତି, ପ୍ରତିରକ୍ଷା, ଭିତିଭୂମି, ଔଷଧ, ଖଣି ଏବଂ ଅତ୍ୟାବଶ୍ୟକ ଖଣିଜ ପଦାର୍ଥ, ଶକ୍ତି, ଆଇସିଟି ଏବଂ ଅନ୍ୟାନ୍ୟ ପାରସ୍ପରିକ ଲାଭଦାୟକ କ୍ଷେତ୍ରରେ ସହଭାଗୀତା ଅନୁସନ୍ଧାନ କରିବାକୁ ବ୍ୟବସାୟଗୁଡ଼ିକୁ ଉତ୍ସାହିତ କରିଥିଲେ ।

# 'ଦେଶବ୍ୟାପୀ କ୍ଷେତବଚାଓ' ଅଭିଯାନର ଶୁଭାରମ୍ଭ କଲେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ

ନୂଆଦିଲ୍ଲୀ: କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ତଥା ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ହରିୟାଣାର କର୍ଣ୍ଣାଲ ଜିଲ୍ଲା ଅନ୍ତର୍ଗତ ଐତିହାସିକ ତାରାଓରି ସହରରୁ ଦେଶବ୍ୟାପୀ 'କ୍ଷେତ ବଚାଓ ଅଭିଯାନ'ର ଶୁଭାରମ୍ଭ କରିଛନ୍ତି । ଦେଶବ୍ୟାପୀ ବିଭିନ୍ନ କୃଷି ବିଜ୍ଞାନ କେନ୍ଦ୍ର (କେଭିକେ) ଏବଂ କୃଷି ଅନୁଷ୍ଠାନଗୁଡ଼ିକରୁ ଭର୍ଚୁଆଲ୍ ମାଧମରେ ଯୋଡ଼ି ହୋଇଥିବା ଲକ୍ଷ ଲକ୍ଷ କୃଷକ, କୃଷି ବୈଜ୍ଞାନିକ ଓ ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଚୌହାନ ରାସାୟନିକ ସାର ଓ କୀଟନାଶକର ଅସନ୍ତୁଳିତ ବ୍ୟବହାର ପ୍ରତିସତର୍କ କରାଇଦେଇଥିଲେ । ସେକହିଥିଲେ, ଏହାଉପରେ ନିୟନ୍ତ୍ରଣ ଆଣିଲେ ଭବିଷ୍ୟତରେ ମୃତିକା ଫସଲ ଉତ୍ପାଦନ କରିବାକୁ ମନା କରିଦେଇପାରେ ଏବଂ ମାନବ ଶରୀର ବିଭିନ୍ନ ରୋଗର ଆଶ୍ରୟସ୍ଥଳୀ ପାଲଟିଯାଇପାରେ । ସେ ୨୦୨୬ ମସିହା ଅକ୍ଟୋବର ୨୨ ତାରିଖରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଦେଶର ପ୍ରତ୍ୟେକ ଗ୍ରାମରେ ଏକ ବ୍ୟାପକ ଜନସଚେତନତା ଅଭିଯାନ ଚଳାଇବାକୁ ଆହ୍ୱାନ ଦେଇଥିଲେ । ଶ୍ରୀଚୌହାନ ହରିୟାଣାର ଗରିବ ପରିବାର ଗୁଡ଼ିକ ପାଇଁ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ'



ମାଧମରେ ୨୮,୪୨୨ଟି ପକ୍କା ଘର ନିର୍ମାଣ ଲାଗି ୧,୩୪୩.୦୬ କୋଟି ଟଙ୍କାର ଆର୍ଥିକ ସହାୟତା ହସ୍ତାନ୍ତରକରିଛନ୍ତି ।ସାରର ମୂଲ୍ୟ ଏବଂ କୃଷକମାନଙ୍କ ପ୍ରତି ସରକାରଙ୍କ ପ୍ରତିବଦ୍ଧତା ସମ୍ପର୍କରେ ଉଲ୍ଲେଖକରି କେନ୍ଦ୍ର ମନ୍ତ୍ରୀଶିବରାଜ ସିଂହ ଚୌହାନ କହିଛନ୍ତି, ଅନ୍ତର୍ଜାତୀୟ ବଜାରରେ ଦର ବୃଦ୍ଧି ପାଇଥିବା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର କୃଷକମାନଙ୍କ ଉପରେ କୌଣସି ଅତିରିକ୍ତ ଆର୍ଥିକ ବୋଝ ପଡ଼ିବାକୁଦେଉନାହାନ୍ତି । କୃଷକମାନେ ଯେପରି ଗୋଟିଏବସ୍ତାୟୁରିଆ ମାତ୍ର ୨୬୬ ଟଙ୍କାରେ ଏବଂ ଡିଏପି ୧,୩୫୦ ଟଙ୍କାରେ ପାଇପାରିବେ, ତାହା ସୁନିଶ୍ଚିତ କରିବା ପାଇଁ ସରକାର ୧.୫ ଲକ୍ଷ କୋଟି ଟଙ୍କାରୁ ଅଧିକ ସାର ରିହାତିବହନ କରୁଛନ୍ତି । ତେବେ, ସାର ଶସ୍ତାରେ ଉପଲବ୍ଧ ହେଉଛି ବୋଲି ଏହାର ଅତ୍ୟଧିକ ବ୍ୟବହାର କରିବା ଉଚିତ ନୁହେଁବୋଲିସେ କୃଷକମାନଙ୍କୁ ସତର୍କ କରାଇ ଦେଇଛନ୍ତି ।ରାସାୟନିକ ପଦାର୍ଥର ଅତ୍ୟଧିକ ବ୍ୟବହାର ଉପରେ ଆଧାରିତ ଚାଷର ଗମ୍ଭୀର ପରିଣାମ ଉପରେ ଆଲୋକପାତ କରି ଶ୍ରୀ ଚୌହାନ କହିଛନ୍ତି, ବିଷାକ୍ତ କୀଟନାଶକ ଏବଂ ଅତ୍ୟଧିକ ତଥା ଅନିୟନ୍ତ୍ରିତ ସାର ପ୍ରୟୋଗ ଦ୍ୱାରା ଉତ୍ପାଦିତ ଖାଦ୍ୟ ଗ୍ରହଣ କରିବା ଫଳରେ ମାନବ ଶରୀର କ୍ରମଶଃ ଗମ୍ଭୀର ରୋଗର ଆଶ୍ରୟସ୍ଥଳୀ ପାଲଟିଯାଉଛି । ମୃତିକାସଂରକ୍ଷଣ ପାଇଁ ତିନୋଟି ବାସ୍ତବ ସିଦ୍ଧାନ୍ତ ଉପରେ ସେଆଲୋକପାତ କରିଥିଲେ ।

# ଭୁବନେଶ୍ୱରରେ ବି.ଏମ୍. ଫାଉଣ୍ଡେସନ ଦ୍ୱାରା ନବ ଉତ୍ସବ ଆୟୋଜନ

ଭୁବନେଶ୍ୱର : ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ବି.ଏମ୍. ଫାଉଣ୍ଡେସନ ପକ୍ଷରୁ ନିକଟରେ ଏଠାରେ ନବ ଉତ୍ସବ ମହା ସମାରୋହରେ ଆୟୋଜନ କରାଯାଇଛି । ଏହି ଉପଲକ୍ଷେ ଉତ୍ସବ ସ୍ଥଳ ୟୁନିଟ୍-୪ସ୍ଥିତ ହୋଟେଲ୍ ଓଷ୍ଟ୍ରା କୁ ଖୁବ ସୁନ୍ଦର ଭାବେ ସଜା ଯାଇଥିବା ଦେଖାଯାଇଥିଲା । "ମହିଳାଙ୍କ ପାଇଁ, ମହିଳାଙ୍କ ଦ୍ୱାରା" ବିଷୟବସ୍ତୁ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ମହିଳା ମାନଙ୍କ ଦ୍ୱାରା ନବରାତ୍ର ଅବସରରେ ଦାଣ୍ଡିଆ ନାଚର ଅପୂର୍ବ ଓ ଅନନ୍ୟ ପରିବେଷଣ ଦେଖିବାକୁ ମିଳିଥିଲା । ରଙ୍ଗାରଙ୍ଗ ଉତ୍ସବମୁଖର ପରିବେଶ ମଧରେ ଅନୁଷ୍ଠିତ ଦାଣ୍ଡିଆ ସନ୍ଧ୍ୟାରେ ଲାଇଟ୍ ଟ୍ରଷ୍ଟ ଓ କୁଟି କିଡ୍ସ କଲଚରାଲ୍ ସେ[ରର ସଦସ୍ୟା ମାନେ ଧୁମ ଧାମରେ 'ଗର୍ବା କୁଇନ୍ ଷ୍ଟେଜ୍ ଶୋ' ମ*ସ୍ଥ କରିଥିଲେ । ଏହି ଅବସରରେ ଆୟୋଜିତ 'ଗର୍ବା



ଏକ୍ସପ୍ରେସ୍', 'ବେଷ୍ଟ ଡ୍ରେସ୍ ?ଡ୍ ଦିଭା', 'ଟ୍ୱିର୍ଲିଂ କୁଇନ୍', 'ଗ୍ରେସଫୁଲ୍ ଗ୍ରୁଭ୍ ' ଓ 'ଗର୍ବା ଷ୍ଟା' ଆଦି ପ୍ରତିଯୋଗିତାରେ ବିଜେତା ମହିଳା ମାନଙ୍କୁ ସ୍ୱତନ୍ତ୍ର ଉପାଧିରେ ଭୂଷିତ କରାଯାଇଥିଲା ।କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘର ସଭାପତି ଡ଼ଃ ପ୍ରକାଶ ଶ୍ରୀଚନ୍ଦନ, ପରିଚୟ ଫାଉଣ୍ଡେସନ୍ ?ର ପ୍ରତିଷ୍ଠାତ୍ରୀ ଡ଼ଃ ରୋଜାଲିନ ପାଢ଼ଶାଣୀ ଏବଂ ବି.ଏମ୍. ଫାଉଣ୍ଡେସନ୍ ?ର ଅଧକ୍ଷ ଡ଼ଃ ବ୍ରଜ ପଣ୍ଡା ପ୍ରମୁଖ ବରେଣ୍ୟ ଅତିଥି ଭାବରେ ଯୋଗଦେଇ ନାରୀ ଶକ୍ତି ଜାଗରଣ ଓ ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ବି.ଏମ୍. ଫାଉଣ୍ଡେସନ୍ ?ର ପ୍ରତିଷ୍ଠାତ୍ରୀ ସମ୍ପାଦକ ମୀରା ମିଶ୍ର ଏବଂ କୁଟି କିଡ୍ସ କଲଚରାଲ୍ ସେଂଟରର ପ୍ରତିଷ୍ଠାତ୍ରୀ ସଞ୍ଜୁକ୍ତା ପଣ୍ଡାଙ୍କର ସକ୍ରୀୟ ତତ୍ତ୍ୱାବଧାନରେ ଉତ୍ସବଟି ବେଶ ସଫଳ ହୋଇଥିଲା । ମିସି କୁଇନି ପଣ୍ଡା ସାଂସ୍କୃତିକ ସନ୍ଧ୍ୟାକୁ ସୁଚାରୁ ରୂପେ ସଂଚାଳନା କରିଥିଲେ ।

# ଜନସାଧାରଣଙ୍କ ସହ ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ପୂର୍ବ ତଟ ରେଳପଥ ପକ୍ଷରୁ ବିଭିନ୍ନ ରେଳ ଷ୍ଟେସନରେ 'ଜନ ସମ୍ବାଦ' ଅଭିଯାନ ଆୟୋଜିତ

ଭୁବନେଶ୍ୱର: ପୂର୍ବତଟ ରେଳପଥ ପକ୍ଷରୁ ଆଜି ବିଭିନ୍ନ ରେଳ ଷ୍ଟେସନରେ 'ଜନ ସମ୍ବାଦ' ଅଭିଯାନ ଆୟୋଜନ କରାଯାଇଛି । ରେଳପଥ ଓ ଜନସାଧାରଣଙ୍କ ମଧରେ ସିଧାସଳଖ ଯୋଗାଯୋଗକୁ ସୁଦୃଢ଼ କରିବା, ଯାତ୍ରୀମାନଙ୍କୁ ସଚେତନ କରିବା ଏବଂ ରେଳ ସେବାର ଉନ୍ନତି ପାଇଁ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ।ଏହି କାର୍ଯ୍ୟକ୍ରମର ଅଂଶସ୍ୱରୂପ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଭୁବନେଶ୍ୱର ରେଳ ଷ୍ଟେସନରେ ଯାତ୍ରୀମାନଙ୍କ ସହ ଭାବ ବିନିମୟ କରିବା ସହ ରେଳ ସେବା ଓ ଯାତ୍ରୀ ସୁବିଧା ସମ୍ପର୍କରେ ସେମାନଙ୍କ ମତାମତ ଏବଂ ପରାମର୍ଶ ଗ୍ରହଣ କରିଥିଲେ । ଏଥିସହ ସେ ଷ୍ଟେସନରେ ଉପଲବ୍ଧ ଯାତ୍ରୀ ସୁବିଧା ଓ ସ୍ୱଚ୍ଛତାର ସମୀକ୍ଷା କରିଥିଲେ । ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା ଯୋଗାଇବା ସହ ରେଳ ଷ୍ଟେସନ ପରିସରକୁ ସ୍ୱଚ୍ଛ ଓ ଯାତ୍ରୀ ଅନୁକୂଳ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ମହାପ୍ରବନ୍ଧକ ଷ୍ଟେସନ ପରିସରରେ ଆୟୋଜିତ ସ୍ୱଚ୍ଛତା ଅଭିଯାନର ମଧ ନେତୃତ୍ୱ ନେଇଥିଲେ । ଯାତ୍ରୀମାନଙ୍କ ପାଇଁ ଏକ ସ୍ୱଚ୍ଛ, ସୁସ୍ଥ ଓ ଉତ୍ତମ ପରିବେଶ ସୁନିଶ୍ଚିତ କରିବାରେ ପରିମଳ ଓ ସ୍ୱଚ୍ଛତାର ଗୁରୁତ୍ୱ ସମ୍ପର୍କରେ ସେ ବାର୍ତ୍ତା ଦେଇଥିଲେ । ଏହି ପଦକ୍ଷେପରେ ରେଳପଥର ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରି ରେଳ ଷ୍ଟେସନଗୁଡ଼ିକୁ ସ୍ୱଚ୍ଛ, ସୁନ୍ଦର ଓ ଯାତ୍ରୀ ଅନୁକୂଳ ରଖିବା ଦିଗରେ ସାମୂହିକ ଦାୟିତ୍ୱବୋଧର ପରିଚୟ ଦେଇଥିଲେ ।'ଜନ ସମ୍ବାଦ' ଅଭିଯାନ ରେଳ ଅଧିକାରୀ, ଯାତ୍ରୀ ଓ ଜନସାଧାରଣଙ୍କ ମଧରେ ସିଧାସଳଖ ମଂଚ ପ୍ରଦାନ କରୁଛି । ଏହା ମାଧମରେ ଯାତ୍ରୀମାନଙ୍କ ଆବଶ୍ୟକତା ବୁଝିବା, ସେମାନଙ୍କ ସମସ୍ୟାର ସମାଧାନ କରିବା ଏବଂ ରେଳ ସେବାର ଉନ୍ନତି ପାଇଁ ମୂଲ୍ୟବାନ ପରାମର୍ଶ ସଂଗ୍ରହ କରିବା ସମ୍ଭବ ହେଉଛି । ଏହି ଅଭିଯାନ ସମୟରେ ରେଳ ଅଧିକାରୀ ଓ କର୍ମଚାରୀମାନେ ଯାତ୍ରୀ ସୁରକ୍ଷା, ସ୍ୱଚ୍ଛତା, ଦାୟିତ୍ୱପୂର୍ଣ୍ଣ ଯାତ୍ରା ଏବଂ ରେଳ ପରିସରର ସଠିକ୍ ବ୍ୟବହାର ସମ୍ପର୍କରେ ମଧ ସଚେତନତା ସୃଷ୍ଟି କରୁଛନ୍ତି । ଏହି ଅଭିଯାନ ଯାତ୍ରୀମାନଙ୍କୁ ଷ୍ଟେସନରେ ଉପଲବ୍ଧ ସୁବିଧା, ଯାତ୍ରୀ ଆନୁଷଙ୍ଗିକ ସେବା ଏବଂ ସାମଗ୍ରିକ ଯାତ୍ରା ଅନୁଭୂତି ସମ୍ପର୍କରେ ନିଜସ୍ୱ ମତାମତ ଓ ପରାମର୍ଶ ରଖିବାକୁ ଉତ୍ସାହିତ କରୁଛି । ଏପରି ସିଧାସଳଖ ଆଲୋଚନା ମାଧମରେ ରେଳ କର୍ତୃପକ୍ଷ ଜନସାଧାରଣଙ୍କ ଆଶା ଓ ଆବଶ୍ୟକତାକୁ ଭଲ ଭାବେ ବୁଝିବା ସହ ଉନ୍ନତି ଆବଶ୍ୟକ କରୁଥିବା କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିପାରୁଛନ୍ତି ।

# ନ୍ୟୁଜିଲାଣ୍ଡ ମାଟିରେ ଭାରତର ବଡ଼ ବିଜୟ

ଖ୍ରୀଷ୍ଟଚର୍ଚ୍ଚ: ଭାରତ ଏବଂ ନ୍ୟୁଜିଲାଣ୍ଡ ମଧରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ଶୃଙ୍ଖଳା ଗୁରୁବାର ଆରମ୍ଭ ହୋଇଯାଇଛି । ଶୃଙ୍ଖଳାର ପ୍ରଥମ ମୁକାବିଲାରେ ଭାରତ ଇତିହାସ ରଚିଛି । ଭାରତୀୟ କ୍ରିକେଟ୍ ଟିମ୍ ବିଜୟ ସହିତ ନ୍ୟୁଜିଲାଣ୍ଡ ଗସ୍ତ ଆରମ୍ଭ କରିଛି । ଖ୍ରୀଷ୍ଟଚର୍ଚ୍ଚର ହେଗିଲ ଓଭାଲରେ ଭାରତ ୨୨୬ ରନ୍‌ର ଟାର୍ଗେଟ ପଛରେ ଯାଇ ଇତିହାସ ରଚିଛି । ଭ ?ାରତ ୧୯.୪ ଓଭରରେ ୬ଟି ୱିକେଟ୍ ହରାଇ ୨୩୦ ରନ୍ ସଂଗ୍ରହ କରିଛି । ଏହା ନ୍ୟୁଜିଲାଣ୍ଡର ମାଟିରେ ଟି-୨୦ ଅନ୍ତର୍ଜାତୀୟରେ ଭାରତର ସବୁଠାରୁ ବଡ଼ ଅନୁସରଣ । ୭ନମ୍ବରରେ ବ୍ୟାଟିଂ କରି ଆସିଥିବା ନମନ ଧୀର ୧୫ଟି ବଲରେ ଅପରାଜିତ ୪୨ ରନ୍ ? କରିଥିଲେ । ଏଥି ସହିତ ଏକ ରୋମାଂଚକର ମୁକାବିଲାରେ ଭାରତକୁ ବିଜୟ ଦେବାରେ ବଡ଼ ଭୂମିକା ତୁଲାଇଥିଲେ । ସଂଜୁ ସାମସନ ୩୩ଟି ବଲ୍ ଖେଳି ୬୭



ରନ୍ ଏବଂ ଅଧିନାୟକ ଶ୍ରେୟସ ଆୟରର ୨୮ଟି ବଲ୍ ଖେଳି ୪୨ ରନ୍ କରିଥିଲେ । ଟସ୍ ଜିଣି ଭାରତ ପ୍ରଥମେ ବୋଲିଂ ନିଷ୍ପତି ନେଲା ପରେ ନ୍ୟୁଜିଲାଣ୍ଡ ବ୍ୟାଟିଂ କରିଥିଲା ଏବଂ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୪ଟି ୱିକେଟ୍ ? ହରାଇ ୨୨୫ ରନ୍ ସଂଗ୍ରହ କରିଥିଲା । ନିଜ ଦଳ ପାଇଁ ଗ୍ଲେନ ଫିଲିପ୍ସ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ସେ ୪୦ଟି ବଲ୍ ସାମ୍ନା କରିଥିଲେ ଏବଂ ୮ଟି ଚୌକା ଏବଂ ୩ଟି ଛକା ବଳରେ ଅପରାଜିତ ୮୨ ରନ୍ ସଂଗ୍ରହ କରିଥିଲେ । ନ୍ୟୁଜିଲାଣ୍ଡର ପ୍ରାରମ୍ଭିକ ବ୍ୟାଟର ଫିନ୍ ଆଲେନ ୪୫ ରନ୍ ସଂଗ୍ରହ କରିଥିଲେ । ସେ ୨୪ଟି ବଲ୍ ଖେଳି ୫ଟି ଚୌକା ଏବଂ ୨ଟି ଛକା ମାରିଥିଲେ । ଟିମ୍ ଶିଫର୍ଟ ୧୭ଟି ବଲ୍ ଖେଳି ୩ଟି ଚେ ?କା ଏବଂ ଗୋଟିଏ ଛକା ବଳରେ ୨୪ ରନ୍ କରିଥିଲେ । ବେଭନ ଜାକୋବ ୩୧ ରନ୍ ସଂଗ୍ରହ କରିଥିଲେ । ସେ ୧୬ଟି ବଲର ସାମ୍ନା କରିଥିଲେ ଏବଂ ୩ଟି ଚୌକା ମାରିଥିଲେ । ମିଚେଲ ବ୍ରାସୱେଲ୍ ଅପରାଜିତ ୭ରନ୍ ସଂଗ୍ରହ କରିଥିଲେ ।


